ଧରିତ୍ରୀ 52 Years
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୬/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Wednesday, November 26/2025 Page 16 | BERHAMPUR
୫୨ଶ ଭାଗ ୩ ସଂଖ୍ୟା VOLUME 52 ISSUE 3 ₹ 7.00 ମୂଲ୍ୟ₹୭/-
www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul

# ହାଜତ ହିଂସା, ମୃତ୍ୟୁକୁ ବରଦାସ୍ତ କରାଯିବ ନାହିଁ

## ଦେଶର ବ୍ୟବସ୍ଥା ଉପରେ ଏହା କଳାଦାଗ: ସୁପ୍ରିମକୋର୍ଟ

**ହାଜତ ହିଂସା ଏବଂ ମୃତ୍ୟୁ ଘଟଣା ବ୍ୟବସ୍ଥା(ସିଷ୍ଟମ) ଉପରେ କଳାଦାଗ ସଦୃଶ। ଦେଶ ଏହାକୁ କେବେବି ବରଦାସ୍ତ କରିବ ନାହିଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଏଥିସହିତ ଥାନାଗୁଡ଼ିକରେ ସିସିଟିଭି କାର୍ଯ୍ୟକାରିତାର ଅଭାବକୁ ନେଇ ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜସ୍ଥାନରେ ଗତ ୮ ମାସ ମଧ୍ୟରେ ପୋଲିସ ହାଜତରେ ୧୧ ଜଣଙ୍କ ମୃତ୍ୟୁ ଘଟିଲାଣି। ଏଣିକି ଦେଶ ଏହାକୁ ସହ୍ୟ କରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।**



ନୂଆଦିଲ୍ଲୀ,୨୫।୧୧(ପି.ଟି.)

୨୦୨୫ର ପ୍ରଥମ ୮ମାସରେ ରାଜସ୍ଥାନର ବିଭିନ୍ନ ପୋଲିସ ହାଜତରେ ୧୧ ଜଣଙ୍କ ମୃତ୍ୟୁ ଘଟିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସୁପ୍ରିମକୋର୍ଟ ଗତ ସେପ୍ଟେମ୍ବରରେ ଏହାକୁ ନିଜ ଆଡୁ ବିଚାର ପାଇଁ ଗ୍ରହଣ କରିଥିଲେ। କେବଳ ଉଦୟପୁର ଡିଭିଜନରେ ୭ଟି ହାଜତ ମୃତ୍ୟୁ ଘଟିଥିଲା। ମାନବାଧିକାରର ଉଲ୍ଲଂଘନ ହେଉଛି କି ନାହିଁ, ତାହା ଯାଞ୍ଚ କରିବା ପାଇଁ ଥାନାଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଇବାକୁ ୨୦୨୦ ଡିସେମ୍ବରରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବଂ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ହାଜତରେ ମଧ୍ୟ ସିସିଟିଭି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମଙ୍ଗଳବାର ଶୁଣାଣି ବେଳେ ହାଜତ ମୃତ୍ୟୁକୁ କେହି କଦାପି ଯଥାର୍ଥ କହିପାରିବେ ନାହିଁ କିମ୍ବା ଯଥାର୍ଥ ଦର୍ଶାଇବାକୁ ଉଦ୍ୟମ କରିବେ ନାହିଁ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି। ଏହା ଶୁଣିବା ପରେ ଖଣ୍ଡପୀଠ ଏହି ମାମଲାରେ କେନ୍ଦ୍ର ସରକାର କ'ଣ ପାଇଁ ଅନୁପାଳନ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

### ମୃତ୍ୟୁ ପାଇଁ ଇସି ଦାୟୀ

**୨୦୨୬ ଟି୨୦ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ**

# ଫେବୃଆରୀ ୧୫ରେ ଭାରତ-ପାକିସ୍ତାନ

ନୂଆଦିଲ୍ଲୀ,୨୫।୧୧

ଆସନ୍ତା ବର୍ଷ ଭାରତ ଓ ଶ୍ରୀଲଙ୍କାରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଅନ୍ତର୍ଜାତୀୟ କ୍ରିକେଟ୍ କାଉନ୍ସିଲ (ଆଇସିସି) ପକ୍ଷରୁ ମଙ୍ଗଳବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହି ଟୁର୍ନାମେଣ୍ଟ ଲାଗି ୨୦୨୪ ସଂସ୍କରଣ ଚାମ୍ପିୟନ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମାଙ୍କୁ ବ୍ରାଣ୍ଡ ଆମ୍ବାସାଡର ନାମିତ କରାଯାଇଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ କଲମ୍ବୋଠାରେ ପାକିସ୍ତାନ ଓ ନେଦରଲାଣ୍ଡ ମଧ୍ୟରେ ଖେଳାଯିବ। ସେହିଦିନ ମୁମ୍ବାଇରେ ହେବାକୁ ଥିବା ମ୍ୟାଚ୍‌ରେ ଘରୋଇ ଭାରତୀୟ ଦଳ ଜିଆଣ୍ଟ କିଲର ଆମେରିକାକୁ ଭେଟିବ।

**ରୋହିତ ଆମ୍ବାସାଡର**

୧୨ରେ ନାମିଆକୁ ଭେଟିବା ପରେ ଭାରତୀୟ ଦଳ ଫେବୃଆରୀ ୧୫ ତାରିଖରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏହି ହାଇଭୋଲ୍ଟେଜ ମ୍ୟାଚ୍ କଲମ୍ବୋଠାରେ ଖେଳାଯିବ। ଚଳିତବର୍ଷ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଚୁକ୍ତି ମୁତାବକ, ଉଭୟ ପଡ଼ୋଶୀ ଦେଶ କୌଣସି ବହୁ ରାଷ୍ଟ୍ରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଆୟୋଜନ କଲା ବେଳେ ପରସ୍ପର ଦେଶରେ ଖେଳିବେ ନାହିଁ ଏବଂ ସେମାନେ ନ୍ୟୁଟ୍ରାଲ ଭେନ୍ୟୁରେ ଖେଳିବେ। ☞ପୃଷ୍ଠା–୪









# ଭାରତ ଆକାଶରେ ଇଥିଓପିଆ ଲାଭା ପାଉଁଶ

- ବହୁ ବିମାନ ବାତିଲ
- ଚାଇନାକୁ ପଳାଇବ କହିଲା ପାଣିପାଗ ବିଭାଗ



ନୂଆଦିଲ୍ଲୀ,୨୫।୧୧

ଆଫ୍ରିକୀୟ ଦେଶ ଇଥିଓପିଆରେ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ଯୋଗୁ ପାଉଁଶର ଘନ ବାଦଲ ପୂର୍ବ ଦିଗକୁ ମାଡ଼ିଆସିବା ସହ ଭାରତରେ ପହଞ୍ଚିଲାଣି। ଫଳରେ ବହୁ ସଂଖ୍ୟାରେ ବିମାନ ଉଡ଼ାଣକୁ ବାତିଲ କରାଯାଇଛି। ପାଉଁଶ ଆସ୍ତରଣଜନିତ ସମ୍ଭାବ୍ୟ ପ୍ରତିବନ୍ଧକର ମୁକାବିଲା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ସୋମବାର ଭାରତୀୟ ଏୟାରଲାଇନ୍ସ ଓ ବିମାନବନ୍ଦର ନିମନ୍ତେ ଆଡଭାଇଜରି ଜାରି କରିଥିଲା। ଇଥିଓପିଆର ହେଲି ଗୁବ୍ବି ଆଗ୍ନେୟଗିରିରୁ ୧୨,୦୦୦ ବର୍ଷ ପରେ ପ୍ରଥମ ଥର ପାଇଁ ରବିବାର ଲାଭା ଉଦ୍‌ଗିରଣ ହୋଇଥିଲା। ଏହାର ବହଳ ପାଉଁଶ ବାଦଲ ଲୋହିତସାଗର ଅତିକ୍ରମକରି ଉତ୍ତର ଆରବ ସାଗର ଉପରେ ମାଡ଼ିଯିବା ସହ ରାଜସ୍ଥାନ,ହରିୟାଣା, ଗୁଜରାଟ ଓ ଦିଲ୍ଲୀ ଆକାଶରେ ଛାଇଗଲାଣି। ଏହାର ପ୍ରଭାବରେ ଦିଲ୍ଲୀ ଓ ଅନ୍ୟାନ୍ୟ ଅଞ୍ଚଳର ବାୟୁ ଆହୁରି ପ୍ରଦୂଷିତ ହୋଇପାରେ ବୋଲି ଆଶଙ୍କା କରାଯାଉଥିବାବେଳେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଆକାଶ ଏୟାର, ଇଣ୍ଡିଗୋ ଏବଂ କେଏଲ୍‌ଏମ୍ ଆଦି ଏୟାରଲାଇନ୍ସ କେତେକ ବିମାନ ଉଡ଼ାଣକୁ ବାତିଲ କରିଦେଇଛନ୍ତି।

ତେବେ ଏହି ଲାଭା ପାଉଁଶ ମଙ୍ଗଳବାର ରାତି ସୁଦ୍ଧା ଭାରତରୁ ଚାଇନାକୁ ପଳାଇଯିବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) କହିଛି। ଏଥିସହିତ ପାଉଁଶ ବାଦଲ ବହୁ ଉଚ୍ଚରେ ରହିଥିବାରୁ ଏହା ବାୟୁ ପ୍ରଦୂଷଣ ବଢ଼ାଇବ ନାହିଁ ବୋଲି କୁହାଯାଇଛି। ଗୁଜରାଟ, ଦିଲ୍ଲୀ-ଏନ୍‌ସିଆର୍, ରାଜସ୍ଥାନ, ପଞ୍ଜାବ ଓ ହରିୟାଣା ଆକାଶରେ ମଙ୍ଗଳବାର ପାଉଁଶର ଆସ୍ତରଣ ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ ମଡେଲରୁ ସୂଚନା ମିଳିଛି। ତେବେ ଏହା ଭାରତୀୟ ଆକାଶରୁ ମଙ୍ଗଳବାର ରାତି ୭ଟା ୩୦ ସୁଦ୍ଧା ଚାଇନାକୁ ଚାଲିଯିବ ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଇଥିଓପିଆର ଆଫର ଅଞ୍ଚଳରେ ଥିବା ହେଲି ଗୁବ୍ବି ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ଯୋଗୁ ପାଉଁଶର ବାଦଲ ପ୍ରାୟ ୧୪ କିଲୋମିଟର ଉଚ୍ଚକୁ ଉଠିଥିଲା। ପବନ ଯୋଗୁ ଏହା କ୍ରମେ ଲୋହିତ ସାଗର, ୟେମେନ, ଓମାନ ଏବଂ ଆରବ ସାଗର ଅତିକ୍ରମ କରି ଭାରତର ପଶ୍ଚିମ ଓ ଉତ୍ତର ଭାଗକୁ ବ୍ୟାପିଯାଇଛି। ପାଣିପାଗ ବିଭାଗ ଏହା ଉପରେ ନଜର ରଖିଥିବା ଆଇଏମ୍‌ଡି ଡିଜି କହିଛନ୍ତି।

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ମଧ୍ୟ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି। ପାଉଁଶ ଯୋଗୁ କେତେକ ବିମାନକୁ ବାତିଲ କରାଯାଇଥିବାବେଳେ ଅନ୍ୟ କେତେକର ଉଡ଼ାଣ ବିଳମ୍ବିତ ହୋଇଛି। ତେବେ ବର୍ତ୍ତମାନ ଚିନ୍ତାର କୌଣସି କାରଣ ନାହିଁ। ଭାରତର ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ପାଇଲଟ୍‌ମାନଙ୍କୁ ସତର୍କତା ପଦକ୍ଷେପ ସ୍ୱରୂପ ଆବଶ୍ୟକ ନୋଟିସ ଜାରି କରିଥିଲା। ଅଳ୍ପ କେତେକ ବିମାନକୁ ଭିନ୍ନ ରୁଟ୍‌ରେ ଉଡ଼ାଣ ଅନୁମତି ଦିଆଯାଇଥିବାବେଳେ କେତେକକୁ କମ୍ ଉଚ୍ଚତାରେ ଉଡ଼ିବା ପାଇଁ ପରାମର୍ଶ ଦିଆଯାଇଥିବା ମନ୍ତ୍ରଣାଳୟ କହିଛି।

## ଶାନ୍ତି ଆଲୋଚନା ସତ୍ତ୍ୱେ କିଭ୍ ଉପରେ ରୁଷିଆର ଆକ୍ରମଣ: ୬ ମୃତ

କିଭ୍,୨୫।୧୧

ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ପାଖାପାଖି ୪ ବର୍ଷ ଧରି ଯୁଦ୍ଧ ଲାଗି ରହିଥିବାବେଳେ ଏହାର ଅବସାନ ପାଇଁ ଆମେରିକା ଆଣିଥିବା ସାନି ଶାନ୍ତି ଯୋଜନା ଉପରେ ଆଲୋଚନା ଜାରି ରହିଛି। ଏହା ସତ୍ତ୍ୱେ ରୁଷିଆ ସୋମବାର ରାତିରେ ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ଜୋର୍‌ଦାର ଆକ୍ରମଣ କରିଛି। କିଭ୍‌ରେ ଥିବା କେତେକ ବିଲ୍ଡିଂ ଏବଂ ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିବାବେଳେ ଏଥିରେ ଅନ୍ୟୁନ ୬ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଦକ୍ଷିଣ ରୁଷିଆ ଉପରେ ୟୁକ୍ରେନ୍ ଆକ୍ରମଣ କରିବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ କେତେକ ଘର ଧ୍ୱଂସ ହୋଇଛି।

ଆମେରିକାର ସାନି ଶାନ୍ତି ଆଲୋଚନା ଉପରେ ଏହାର ସେନା ସଚିବ ଡାନ୍ ଡ୍ରିସ୍କୋଲ ମଙ୍ଗଳବାର ଆବୁଧାବୀଠାରେ ରୁଷିଆ କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରିଛନ୍ତି। କିଛିଦିନ ପୂର୍ବରୁ ଆମେରିକା ବୁଝାମଣା ଟିମ୍‌ରେ ସାମିଲ ହୋଇଥିବା ଡ୍ରିସ୍କୋଲ୍ ରୁଷିଆରେ ଶାନ୍ତି ସ୍ଥାପନ ଲାଗି ଆଲୋଚନାର ନେତୃତ୍ୱ ନେଇଛନ୍ତି। ୟୁକ୍ରେନ୍ ମଧ୍ୟ ଉକ୍ତ ଆଲୋଚନା ସମ୍ପର୍କରେ ଅବଗତ ଅଛି ଏବଂ ଉଭୟ ପକ୍ଷ ଯଥାସମ୍ଭବ ଶୀଘ୍ର ଯୁଦ୍ଧ ବନ୍ଦ ହେବା ନେଇ ଏକ ଚୁକ୍ତିନାମାରେ ପହଞ୍ଚିବାକୁ ସୂଚନା ଦେଇଥିବା ଆମେରିକାର ଜଣେ ଅଧିକାରୀ କହିଛନ୍ତି। ଗତ ରବିବାର ଜେନେଭାରେ ଆମେରିକା ଏବଂ ୟୁକ୍ରେନ୍ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଯୁଦ୍ଧ ବନ୍ଦ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଥିଲେ।

# ରାମମନ୍ଦିର ଶିଖରରେ ଧର୍ମଧ୍ୱଜା ସ୍ଥାପନକଲେ ପ୍ରଧାନମନ୍ତ୍ରୀ



ରାମମନ୍ଦିର ଶିଖରରେ ଧର୍ମଧ୍ୱଜା ସ୍ଥାପନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଉଛନ୍ତି।

ଅଯୋଧ୍ୟା,୨୫।୧୧(ପି.ଟି.)

ଅଯୋଧ୍ୟା ରାମମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବାବେଳେ ଏହାର ଶିଖରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଧର୍ମଧ୍ୱଜା ସ୍ଥାପନ କରିଛନ୍ତି। ରାମମନ୍ଦିର ନିର୍ମାଣ ଆନୁଷ୍ଠାନିକ ଭାବେ ସମ୍ପୂର୍ଣ୍ଣ ହେବା ସହ ୫୦୦ ବର୍ଷର ସଙ୍କଳ୍ପ ପୂରଣ ହୋଇଛି। ବହୁ ଶତାବ୍ଦୀର କ୍ଷତ ଓ ଯନ୍ତ୍ରଣାର ଉପଶମ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଧ୍ୱଜାରୋହଣ ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ, ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସାମିଲ ହୋଇଥିଲେ। ଧ୍ୱଜାରୋହଣ ପରେ ଜନସମାବେଶକୁ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ଏହା ଦେଶ ପାଇଁ ସାଂସ୍କୃତିକ ପୁନରୁତ୍ଥାନର ମୁହୂର୍ତ୍ତ। ଆଜି ସାରା ଦେଶ ଏବଂ ବିଶ୍ୱ ରାମନାମରେ ତଲ୍ଲୀନ ହୋଇଛି। ଧ୍ୱଜା ଉତ୍ତୋଳନ ଏକ ଅନନ୍ୟ ଓ ଦିବ୍ୟ ମୁହୂର୍ତ୍ତ। ରାମମନ୍ଦିର ଶୀର୍ଷରେ ପବିତ୍ର ଧ୍ୱଜା 'ଅସତ୍ୟ ଉପରେ ସତ୍ୟର ବିଜୟ'ର ସାକ୍ଷ୍ୟ ଭାବେ ଛିଡ଼ାହେବ। ରାମମନ୍ଦିର ନିର୍ମାଣ ପାଇଁ ଅବଦାନ ଥିବା ସମସ୍ତ ରାମଭକ୍ତଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଯୁବରାଜ ଭାବେ ରାମ ଘର ଛାଡ଼ି ମର୍ଯ୍ୟାଦାପୁରୁଷ ଭାବେ ଫେରିଥିଲେ। ସାଧୁସନ୍ଥଙ୍କ ଜ୍ଞାନ, ଗୁରୁଙ୍କ ମାର୍ଗଦର୍ଶନ, ନିଶାଦ ରାଜଙ୍କ ବନ୍ଧୁତ୍ୱ, ଶବରୀଙ୍କ ଭକ୍ତି ଏବଂ ଅନ୍ୟ ଅଗଣତି ଲୋକଙ୍କ ପ୍ରତିଶ୍ରୁତି ତାଙ୍କୁ ବଦଳାଇ ଦେଇଥିଲା। ଏକ ବିକଶିତ ଭାରତ ଏହିଭଳି ସାମୂହିକ ସାମର୍ଥ୍ୟ ଆବଶ୍ୟକ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଆର୍‌ଏସ୍‌ଏସ୍ ସରସଂଘଚାଳକ ମୋହନ ଭାଗବତ କହିଛନ୍ତି, ଅଯୋଧ୍ୟା ରାମମନ୍ଦିର ପାଇଁ ଯେଉଁମାନେ ଜୀବନ ଉତ୍ସର୍ଗ କରିଥିଲେ, ସେମାନଙ୍କୁ ଆଜି ଏଠାରେ ସ୍ଥାନ ମିଳିବା ଜରୁରୀ। ଆଜି ଆମ ସମସ୍ତଙ୍କ ପାଇଁ ଏହା ଏକ ମହାନ୍ ଦିବସ। ଦୀର୍ଘଦିନରୁ ରହିଆସିଥିବା ସ୍ୱପ୍ନ ପୂରଣ ହୋଇଥିବା ଭାଗବତ କହିଛନ୍ତି। ସୁପ୍ରିମକୋର୍ଟ ୨୦୧୯ର ଐତିହାସିକ ରାୟ ବଳରେ ବିବାଦୀୟ ୨.୭୭ ଏକର ଜମିକୁ ରାମମନ୍ଦିରକୁ ଅର୍ପଣ କରିଥିଲେ। ଏହାର ୬ ବର୍ଷ ପରେ ରାମମନ୍ଦିର ସମ୍ପୂର୍ଣ୍ଣ ହୋଇଛି।










# ପ୍ରତି ୧୦ମିନିଟ୍‌ରେ ଜଣେ ମହିଳାଙ୍କୁ ପରିବାର ଲୋକେ ହତ୍ୟା କରୁଛନ୍ତି

ନ୍ୟୁୟର୍କ,୨୫।୧୧(ପି.ଟି.)

## ଜାତିସଂଘ ରିପୋର୍ଟ

ବିଶ୍ୱରେ ପ୍ରତି ୧୦ ମିନିଟ୍‌ରେ ଜଣେ ମହିଳା କିମ୍ବା ଯୁବତୀଙ୍କୁ ତାଙ୍କ ପାର୍ଟନର ଅଥବା ପରିବାର ସଦସ୍ୟ ହତ୍ୟା କରୁଥିବା ଜାତିସଂଘର ନୂତନ ତଥ୍ୟରୁ ଜଣାପଡ଼ିଛି। ଅର୍ଥାତ୍ ପ୍ରତିଦିନ ହାରାହାରି ୧୩୭ ଜଣ ମହିଳା ବା ବାଳିକାଙ୍କୁ ପରିବାର ସଦସ୍ୟ ହତ୍ୟା କରୁଥିବା ଜାତିସଂଘର ନିଶାଦ୍ରବ୍ୟ ଓ ଅପରାଧ କାର୍ଯ୍ୟାଳୟ (ୟୁଏନ୍‌ଓଡିସି) ଏବଂ ଜାତିସଂଘ ମହିଳା ରିପୋର୍ଟରେ ପ୍ରକାଶ ପାଇଛି। ଗତବର୍ଷ ୮୩,୦୦୦ ମହିଳା ଓ ଯୁବତୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୦% ଅର୍ଥାତ୍ ୫୦,୦୦୦ଙ୍କୁ ସେମାନଙ୍କ ଘନିଷ୍ଠ ପାର୍ଟନର କିମ୍ବା ପରିବାର ସଦସ୍ୟ ହତ୍ୟା କରିଥିଲେ। ଅନ୍ୟପକ୍ଷରେ ଗତବର୍ଷ ପୁରୁଷ ହତ୍ୟାର ୧୧% ସେମାନଙ୍କ ପାର୍ଟନର କିମ୍ବା ପରିବାର ସଦସ୍ୟଙ୍କ ଦ୍ୱାରା କରାଯାଇଛି। ବିଶ୍ୱରେ ଅନେକ ମହିଳା ଓ ବାଳିକାଙ୍କ ପାଇଁ ଘର ଏକ ବିପଜ୍ଜନକ ସ୍ଥାନ ହୋଇ ରହିଥିବା ୟୁଏନ୍‌ଓଡିସିର କାର୍ଯ୍ୟକାରୀ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଜନ୍ ବ୍ରାଣ୍ଡୋଲିନୋ କହିଛନ୍ତି।

# ଦିଲ୍ଲୀ ପ୍ରଦୂଷଣ: ହସ୍ତକ୍ଷେପ କଲା ପିଏମ୍‌ଓ

ନୂଆଦିଲ୍ଲୀ,୨୫।୧୧

## ଇଭି ଚଳାଚଳ ବଢ଼ାଇବା ଉପରେ ଗୁରୁତ୍ୱ

ଦିଲ୍ଲୀ-ଏନ୍‌ସିଆର୍‌ରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ନେଇଥିବାବେଳେ ବାୟୁ ଗୁଣବତ୍ତା ଦିନକୁ ଦିନ ଅଧିକ ଖରାପ ହେଉଥିବାରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ହସ୍ତକ୍ଷେପ କରିଛନ୍ତି। ପ୍ରଦୂଷଣ ସୃଷ୍ଟିକାରୀ ଯାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ସହ ରାଜଧାନୀରେ ବିଦ୍ୟୁତ୍‌ଚାଳିତ ଯାନ (ଇଭି)ର ଅଧିକ ପ୍ରସାର କରିବା ପାଇଁ ଅଧିକାରୀମାନଙ୍କୁ ପିଏମ୍‌ଓ ନିର୍ଦ୍ଦେଶ ଦେଇଛି। ଦ୍ୱିତୀୟ ସପ୍ତାହ ପାଇଁ ଦିଲ୍ଲୀର ବାୟୁ ଗୁଣବତ୍ତା ଅତ୍ୟନ୍ତ ନିକୃଷ୍ଟ ରହିଛି। ଏହାକୁ ନେଇ ପିଏମ୍‌ଓରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଦୂଷଣ ସୃଷ୍ଟିକାରୀ ଗାଡ଼ିଗୁଡ଼ିକର ଯାଞ୍ଚକୁ ଜୋର୍‌ଦାର କରିବା ପାଇଁ କୁହାଯାଇଛି। ଦିଲ୍ଲୀ-ଏନ୍‌ସିଆର୍‌ରେ ଏବେବି ୩୭% ବିଏସ୍-୧ରୁ ବିଏସ୍-୩ ଗାଡ଼ି ଚଳାଚଳ କରୁଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଦିଲ୍ଲୀ ରାସ୍ତାରେ ଅଧିକରୁ ଅଧିକ ଇଭି ଚଳାଇବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି।

ଦିଲ୍ଲୀରେ ବାର୍ଷିକ ପିଏମ୍୨.୫ ପ୍ରଦୂଷଣ ସ୍ତର ଦେଶରେ ସର୍ବାଧିକ ରହିଥିବା ରେକର୍ଡ କରାଯାଇଛି, ଯାହାକି ଘନମିଟର ପ୍ରତି ହାରାହାରି ୧୦୧ ମାଇକ୍ରୋଗ୍ରାମ୍। ଏହା ଜାତୀୟ ସୀମାଠାରୁ ୨.୫ ଗୁଣ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଗାଇଡଲାଇନ୍‌ର ୨୦ ଗୁଣ ବୋଲି ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର(ସିଆର୍‌ଇଏ)ର ଉପଗ୍ରହଭିତ୍ତିକ ଆକଳନରୁ ଜଣାପଡ଼ିଛି। ପିଏମ୍୨.୫ ସ୍ତର ଘନମିଟର ପ୍ରତି ୭୦ ମାଇକ୍ରୋଗ୍ରାମ ସହ ଚଣ୍ଡିଗଡ଼ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ହରିୟାଣା(୬୩) ଏବଂ ତ୍ରିପୁରା (୬୨) ସହ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛି। ଦେଶର ମୋଟ ୭୪୯ ଜିଲା ମଧ୍ୟରୁ ୪୪୭ଟିରେ ବାର୍ଷିକ ପିଏମ୍୨.୫ ସ୍ତର ଉଲ୍ଲଂଘନ ହୋଇଥିବା ଜଣାପଡ଼ିଛି। ଦିଲ୍ଲୀ ଏବଂ ଆସାମର ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରଦୂଷଣ ସର୍ବାଧିକ ରହିଛି। ୫୦ ସବୁଠୁ ପ୍ରଦୂଷିତ ଜିଲା ମଧ୍ୟରୁ ଉଭୟ ଦିଲ୍ଲୀ ଓ ଆସାମରୁ ୧୧ଟି ଲେଖାଏ ଜିଲା ରହିଛନ୍ତି। ସେହିପରି ବିହାର ଓ ହରିୟାଣାର ୭ଟି ଲେଖାଏ ଜିଲା ଅତ୍ୟନ୍ତ ପ୍ରଦୂଷିତ। ଉତ୍ତରପ୍ରଦେଶର ୪, ତ୍ରିପୁରାର ୩, ରାଜସ୍ଥାନ ଓ ପଶ୍ଚିମବଙ୍ଗର ୨ଟି ଲେଖାଏ ଜିଲାର ବାୟୁ ଅତ୍ୟଧିକ ପ୍ରଦୂଷିତ ବୋଲି ଆକଳନରେ କୁହାଯାଇଛି।












# ଛେଳି ଚରାଇବାକୁ ଯାଇଥିବା ବୃଦ୍ଧାଙ୍କୁ ଦଳିଦେଲା ହାତୀ

**ତାଳଚେର,୨୫।୧୧(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ବ୍ଲକ କଙ୍କିଳି ଗାଁ ନିକଟ ବିଲମାଳକୁ ମଙ୍ଗଳବାର ଛେଳି ଚରାଇବାକୁ ଯାଇଥିବା ଜଣେ ବୃଦ୍ଧାଙ୍କୁ ଦଳି ମାରିଦେଇଛି ହାତୀ। ମୃତା ହେଲେ କଟନାଳି ଗ୍ରାମର ବାସନ୍ତୀ ଖଟୁଆ (୬୧)। ସୂଚନା ଅନୁସାରେ, ବାସନ୍ତି ଅପରାହ୍ନରେ ସ୍ୱାମୀଙ୍କ ସହିତ ଛେଳି ଚରାଇବାକୁ କଙ୍କିଳି ଗ୍ରାମ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ସେ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ଖବରପାଇ ତାଳଚେର ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ହାତୀକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ମୃତ ମହିଳାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଶୁଦ୍ଧ କାର୍ଯ୍ୟ ନିମନ୍ତେ ୧ ଲକ୍ଷ ଟଙ୍କା ଓ ଅବଶିଷ୍ଟ ୯ଲକ୍ଷ ଟଙ୍କା ପରେ ପ୍ରଦାନ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

## ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ପାଇଁ ଜନସ୍ୱାର୍ଥ ମାମଲା

**କଟକ,୨୫।୧୧(କାର୍ତ୍ତିକ ସାହୁ)**

ଓଡ଼ିଶାରେ କ୍ରମାଗତ ଭାବେ ବାଂଲାଦେଶୀ ଅନୁପ୍ରବେଶକାରୀ ବଢୁଛନ୍ତି। ସେମାନଙ୍କୁ ତୁରନ୍ତ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଗତ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଆଗାମୀ ୩ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।


ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟରେ ଦିନକୁ ଦିନ ବଢ଼ି ଚାଲିଥିବା ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପରେ ରୋକ ଲଗାଇବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସରକାର ଟାସ୍କଫୋର୍ସ ଗଠନ କରି ସେମାନଙ୍କ ଆଧାର କାର୍ଡ, ଭୋଟର କାର୍ଡ, ରାଶନ୍‌କାର୍ଡ ଆଦି ଯାଞ୍ଚ କରିବା ସହ ତୁରନ୍ତ ସେମାନଙ୍କୁ ଚିହ୍ନଟ କରାଯାଉ। ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଓଡ଼ିଶାରେ ବସବାସ କରିବା ପରେ ବେଆଇନ ଭାବେ ଆଧାର କାର୍ଡ, ଭୋଟର କାର୍ଡ, ରାଶନ୍ କାର୍ଡ ଆଦି କରାଇ ସମସ୍ତ ସରକାରୀ ସୁବିଧା ସୁଯୋଗ ହାତେଇବାରେ ସଫଳ ହେଉଛନ୍ତି। ରାଜ୍ୟ ସରକାର ବାଂଲାଦେଶ ହାଇକମିଶନରଙ୍କ ସହ ସମନ୍ୱୟ ରଖି ତୁରନ୍ତ ସେମାନଙ୍କୁ ଚିହ୍ନଟ କରନ୍ତୁ। ସେମାନଙ୍କୁ ଅସ୍ଥାୟୀ ରହଣି କେନ୍ଦ୍ରରେ ରଖି ସେମାନଙ୍କ କାଗଜପତ୍ର ଯାଞ୍ଚ କରିବା ସହ ସେମାନଙ୍କ ଦେଶକୁ ପଠାଇବାର ବନ୍ଦୋବସ୍ତ କରନ୍ତୁ। ଏଥିସହ ଭବିଷ୍ୟତରେ ବେଆଇନ ବାଂଲାଦେଶୀ ଅନୁପ୍ରବେଶ ରୋକିବାକୁ ରାଜ୍ୟ ସରକାର ସାମୁଦ୍ରିକ ତଟ ଓ ସୀମାରେ କୋଷ୍ଟ ଗାର୍ଡ, ବିଏସ୍‌ଏଫ୍ ଫୋର୍ସ ମୁତୟନ କରନ୍ତୁ। ଏଥିସହ ଦେଶ ସୁରକ୍ଷାରେ ନିୟୋଜିତ କର୍ମଚାରୀମାନଙ୍କୁ ସଜାଗ ରହିବାକୁ ମେରାଇନ୍ ଥାନାଗୁଡ଼ିକୁ ଆଦେଶ ଦିଅନ୍ତୁ ବୋଲି ହାଇକୋର୍ଟରେ ପ୍ରାର୍ଥନା କରାଯାଇଛି। ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସଚିବ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ପୋଲିସ କମିଶନର୍ ଏବଂ ବୈଦେଶିକ ବିଭାଗ ସଚିବ ପ୍ରମୁଖଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ଶିବ ଶଙ୍କର ମହାନ୍ତିଙ୍କ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ରୁଜୁ ହୋଇଛି।

# ରାଜ୍ୟରେ ବଢ଼ିଲେ ବାଘ

## ଶିମିଳିପାଳରେ ୩୪, ସାତକୋଶିଆ ବାଘ ଶୂନ୍ୟ

**ଭୁବନେଶ୍ୱର,୨୫।୧୧(ବନ୍ଦନା ସେଠୀ)**

ରାଜ୍ୟରେ ବାଘ ସଂଖ୍ୟା ବଢ଼ି ଚାଲିଛି। ଗତବର୍ଷ ଶିମିଳିପାଳରେ ୩୦ଟି ବାଘ ରହିଥିବାବେଳେ ଚଳିତବର୍ଷ ଏହା ୩୪କୁ ବୃଦ୍ଧି ପାଇଛି। ତେବେ ରାଜ୍ୟରେ କେବଳ ଶିମିଳିପାଳରେ ବାଘ ଥିବାବେଳେ ସାତକୋଶିଆ ବାଘ ଶୂନ୍ୟ ହୋଇଯାଇଥିବା ନେଇ ପିସିସିଏଫ୍ ପ୍ରେମ୍ କୁମାର ଝା ମଙ୍ଗଳବାର ସୂଚନା ଦେଇଛନ୍ତି। ଏଥିରୁ ଶିମିଳିପାଳ ବାଘଙ୍କୁ ସୁହାଉଥିବା ସ୍ପଷ୍ଟ ହୋଇଛି। ପ୍ରତି ୪ ବର୍ଷରେ ଥରେ ଭାରତରେ ବାଘ ଗଣନା ହୋଇଥାଏ। ଏହାପୂର୍ବରୁ ୨୦୨୨ରେ ଗଣତି ହୋଇଥିଲା। ଓଡ଼ିଶା ସ୍ୱତନ୍ତ୍ର ଭାବେ ବାଘ ଗଣନା କରୁଛି। ତଥ୍ୟ ଅନୁଯାୟୀ, ୨୦୨୨ରେ ରାଜ୍ୟରେ ୨୦ଟି ବାଘ ନଜରକୁ ଆସିଥିଲେ। ୨୦୨୩ରେ ୨୭ଟି ବାଘ ସମେତ ୯ଟି ଶାବକ ଏବଂ ୨୦୨୪ରେ ୩୦ଟି ମହାବଳ ବାଘ ଚିହ୍ନଟ କରାଯାଇଥିଲା। ଏବେ ରାଜ୍ୟରେ ମହାବଳ ବାଘ ୩୪ ଓ ୯ଟି ଶାବକ ଅଛନ୍ତି। ଶିମିଳିପାଳରେ ବାଘ ଉପରେ ନଜର ରଖିବା ପାଇଁ କ୍ୟାମେରା ଲଗାଯାଇଛି, ଯାହା ୬୦ଦିନ ଧରି କାର୍ଯ୍ୟ କରିବ। କ୍ୟାମେରାରେ ବାଘ ଫଟୋ ଓ ତା'ର ପାଦଚିହ୍ନକୁ ଦେଖି ଚିହ୍ନଟ କରାଯାଇ ଗଣନା କରାଯାଉଛି। ରାଜ୍ୟରେ ବର୍ତ୍ତମାନ ୫୦% ସାଧାରଣ ବାଘ ରହିଥିବା ବେଳେ ୫୦% ମେଲାନ୍‌ଷ୍ଟିକ୍ ବାଘ ରହିଥିବା ପିସିସିଏଫ୍ କହିଛନ୍ତି।









# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଓଡ଼ିଶା ବିକାଶ କନ୍‌କ୍ଲେଭ୍ ୨୦୨୫, ସ୍ଥାନ: ମେ ଫେୟାର ସେଣ୍ଟ୍ରାଲ୍, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପକ୍ଷରୁ ଜାତୀୟ ଦୁଗ୍ଧ ଦିବସ ପାଳନ: ସ୍ଥାନ: ଓୟୁଏଟି ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ୩୪ ଜଣଙ୍କୁ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ, ସ୍ଥାନ: ଟେନିସ୍ ସେଣ୍ଟର ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୪୫।
- କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ୪ଟି ଶ୍ରମ କୋଡ୍ ରଦ୍ଦ ଦାବିରେ ପ୍ରତିବାଦ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍‌ଶ୍ରୀ ଡେମୋନ୍‌ଷ୍ଟ୍ରେଶନ୍ ମଲ୍ଟିପର୍‌ପୋଜ୍ ସ୍କୁଲ୍ ପକ୍ଷରୁ ଭାଲିଡିକ୍ଟୋରି ଫଙ୍କସନ୍ ଇନ୍‌ଡେମ୍ ୨୦୨୫, ସ୍ଥାନ: ଆର୍‌ଆଇଇ ଅଡିଟୋରିୟମ୍, ସମୟ: ଅପରାହ୍ନ ୩ଟା।
- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପୁରସ୍କାର ବିତରଣ, ସ୍ଥାନ: କନ୍‌ଭେନ୍‌ଶନ୍ ସେଣ୍ଟର, ଲୋକସେବା ଭବନ,ସମୟ: ଅପରାହ୍ନ ୪ଟା।
- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ଅପରାହ୍ନ ୪ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ୍ ପକ୍ଷରୁ ବାର୍ଷିକ ମ୍ୟୁଜିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ୧୦୮ତମ ଜୟନ୍ତୀ ସମାରୋହ, ସ୍ଥାନ: ବୀରେନ୍ ମିତ୍ର ପାର୍କ, ମିଶନ ରୋଡ୍, ସମୟ: ସକାଳ ୯ଟା।
- ଆମ୍ ଆଦମୀ ପାର୍ଟିର ୧୪ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଏସ୍‌ପି ଅଫିସ ଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

### ବାଲେଶ୍ୱର
- ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ପୋଲିସ ଲାଇନ ଛକ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଆଧ୍ୟାତ୍ମିକ ସମାରୋହ କମିଟି ପକ୍ଷରୁ ୧୦ ଦିନ ବ୍ୟାପୀ ମହାପ୍ରଭୁଙ୍କ ୩୨ବେଶ, ସ୍ଥାନ: ଥାନା ଛକ ହେଲିପ୍ୟାଡ ପଡିଆ, ଭୋଗରାଇ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ଭୋଗରାଇ, ସମୟ: ସକାଳ ୮ଟା।
- ସମ୍ବିଧାନ ଦିବସ ସମାରୋହ ଉପଲକ୍ଷେ ଆଲୋଚନାଚକ୍ର, ସ୍ଥାନ: ଓଡ଼େଶା ଭବନ, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଓକିଲ ସଂଘ ପକ୍ଷରୁ ସମ୍ବିଧାନ ଦିବସ, ସ୍ଥାନ: ସମ୍ମିଳନୀ କକ୍ଷ, ଜିଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।
- ବାଲେଶ୍ୱର ଲୋକ ମହୋତ୍ସବର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

### ଭଦ୍ରକ
- ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ଶିକ୍ଷକ ସତ୍ୟାନନ୍ଦ ବିନ୍ଧାଣୀଙ୍କ ସ୍ମୃତିସଭା, ସ୍ଥାନ: ଆଡ଼ିଆ, ବନ୍ତ, ସମୟ: ଅପରାହ୍ନ ୨ଟା।
- ବିଧାନସଭାସ୍ତରୀୟ ସାଂସଦ ଖେଳ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ତ୍ୟାଗଭୂମି ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

### କେନ୍ଦୁଝର
- ସମ୍ବିଧାନ ଦିବସ ପାଳନ, ସ୍ଥାନ: ଜେଏମଏଫସି କୋର୍ଟ ପରିସର, ବଡ଼ବିଲ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ବିଜୁ ଛାତ୍ର ଜନତା ଦଳର ବୈଠକ, ସ୍ଥାନ : ହାଟଡିହୀ, ସମୟ : ପୂର୍ବାହ୍ନ ୧୧ ଟା।
- ଶ୍ରୀ ରାମ ମନ୍ଦିରରେ ଭଜନ ସମାରୋହ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ : ଡ଼ଅଁର, ହାଟଡିହୀ, ସମୟ : ସନ୍ଧ୍ୟା ୫ ଟା।

### ମୟୂରଭଞ୍ଜ
- ବହୁଭାଷୀ ନାଟକ ମହୋତ୍ସବ,ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

### ବ୍ରହ୍ମପୁର
- ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ପ୍ରତିବାଦ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।

### ଗଞ୍ଜାମ
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମ, ଗଞ୍ଜାମ,ସମୟ: ପୂର୍ବାହ୍ନ ୧୦ଟା।

### କନ୍ଧମାଳ
- ବିଭିନ୍ନ ପ୍ରକଳ୍ପ ଉଦଘାଟନ, ସାଂସଦ କ୍ରୀଡା କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡି, ସମୟ: ସକାଳ ୯ଟା।
- କୃଷକ ତାଲିମ ଶିବିର, ସ୍ଥାନ: ଦନେକବାଡି ପଞ୍ଚାୟତ ପାଜୀଡ଼ଙ୍ଗା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- କନ୍ଧମାଳ ଏମ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ବ୍ରାହ୍ମଣୀଗାଁ ଶିବମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ ଟା।

### ଢେଙ୍କାନାଳ
- ଏକତା ପଦଯାତ୍ରା, ସ୍ଥାନ: ମିନି ଷ୍ଟାଡିୟମଠାରୁ ପଲ୍ଲିଶ୍ରୀ ମେଳା ପଡ଼ିଆ ମହିଷାପାଟ, ସମୟ: ସକାଳ ୭ଟା ୪୫।
- ଆଇପିଏଲ୍ ପକ୍ଷରୁ ଆଖୁପେଡ଼ା ଶୁଭାରମ୍ଭ, ସ୍ଥାନ: ଇଣ୍ଡିଆନ ପଟାସ ଲିମିଟେଡ୍ କମ୍ପାନି, ହରିପୁର, ଢେଙ୍କାନାଳ, ସମୟ: ସକାଳ ୮ଟା ୩୦।
- ଶ୍ରମ କୋର୍ଡ ପ୍ରତିହାର ଦାବୀରେ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ବିଦିପନୀ ମହୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର ପାଖ ପଡିଆ, ସୁନ୍ଦରିଖାଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା ୩୦।

### ଅନୁଗୋଳ
- ଗ୍ରାଉଣ୍ଡ ୱାଟର ମ୍ୟାନେଜମେଣ୍ଟ ନେଇ ବୈଠକ, ସ୍ଥାନ: ଅନୁଗୋଳ ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବିଧାନ ଦିବସ ପାଳନ, ସ୍ଥାନ: ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନୁଗୋଳ ଓକିଲ ସଂଘ ଆନୁକୂଲ୍ୟରେ ସମ୍ବିଧାନ ଓ ଆଇନ ଦିବସ ସମାରୋହ, ସ୍ଥାନ ଅନୁଗୋଳ ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଶୀତର ଗୀତ ଆସର, ସ୍ଥାନ: ଅନୁଗୋଳ ଗାନ୍ଧୀମାର୍ଗ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ଅପରାହ୍ନ ୪ଟା ୩୦।

### ଜଗତ୍‌ସିଂହପୁର
- ସମ୍ବିଧାନ ଦିବସ ପାଳନ, ସ୍ଥାନ: ଏରସମାସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ, ସ୍ଥାନ: ଏରସମା ବ୍ଲକ ସମ୍ମୁଖରେ ପ୍ରତିବାଦ ସଭା, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ନୂତନ ଶ୍ରମ ସଂହିତା ସଚେତନତା ଅଧିବେଶନ, ସ୍ଥାନ: ସମ୍ମିଳନୀ କକ୍ଷ, ପ୍ରଶାସନିକ ଭବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟସାଇ ମନ୍ଦିର, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦ୍ରାପଡ଼ା
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଜଗମୋହନ ଉଚ୍ଚ ବିଦ୍ୟାଳୟ, ବାରଡାଙ୍ଗ, ମହାକାଳପଡା, ସମୟ: ସକାଳ ୯ଟା ।
- ବିଜେଡିର କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀସ୍ତରୀୟ ଜନ ସମ୍ପର୍କ ଯାତ୍ରାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ:ଗରାପୁର, କେନ୍ଦ୍ରାପଡା ସହର, ସମୟ:ପୂର୍ବାହ୍ନ ୧୧ଟା ; ସ୍ଥାନ:ନୂଆ ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର ମଧ୍ୟାହ୍ନ ୧୨ଟା ; ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୩ଟା ।

### ଯାଜପୁର
- ବ୍ଲକସ୍ତରୀୟ ମତ୍ସ ଓ ପାଣୀସମ୍ପଦ ମେଳା, ସ୍ଥାନ : ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସକାଳ ୮ଟା।
- ବ୍ୟାସ ପ୍ରିଣ୍ଟ ମିଡିଆ ସଂଘ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳନ,ସ୍ଥାନ : ଯାଜପୁର ରୋଡ ଚୋରଦାବାଇପାସ ଛକ,ସମୟ: ସକାଳ ୯ଟା୩୦।
- ଷଷ୍ଠ ଜିଲାପରିଷଦର ସପ୍ତମ ପରିଚାଳନା କମିଟି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା୩୦।
- ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବ୍ୟାସନଗର ଚୋରଦା ଜବାହାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ନହକା ରାଧାରମଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।

### ନୟାଗଡ଼
- ଓଢ଼ଣ ଷଷ୍ଠୀ ପର୍ବ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ମଣିଭଦ୍ରା ମହାଯଜ୍ଞର ୩ୟ ଦିବସ, ସ୍ଥାନ: ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ମଣିଭଦ୍ରା କଳାପାଟ ପୀଠ, ସମୟ: ମଧ୍ୟାହ୍ନ ୧୧ରୁ ରାତି ୮ଟା।
- ସମ୍ବିଧାନ ଦିବସ, ସ୍ଥାନ:ଖଣ୍ଡପଡା ମହିଳା ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା ।
- ସମ୍ବିଧାନ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା ୩୦।

### ରାୟଗଡ଼ା
- ବିଭିନ୍ନ ଦାବି ନେଇ ସଂଯୁକ୍ତ କିଶାନ ମୋର୍ଚ୍ଚା ଓ ମିଳିତ ଶ୍ରମିକ ମଞ୍ଚର ପ୍ରତିବାଦ ସଭା, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବିଧାନ ଦିବସ ପାଳନ, ସ୍ଥାନ: ଗୁଣପୁର କୋର୍ଟ ଭିଡିଓ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା ।
- ଦିଆଲ ପରବ ଭେଟ୍‌ଘାଟ, ସ୍ଥାନ: ଜିସିଡି ହାଇସ୍କୁଲ ପଡ଼ିଆ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟା।

### ନବରଙ୍ଗପୁର
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: କୋଷାଗୁମୁଡ଼ା ବ୍ଲକ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସଦ ସ୍ତରୀୟ ଖେଳ ମହୋତ୍ସବ, ସ୍ଥାନ: ନବରଙ୍ଗପୁର ଦହଣା ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ବିଭାଗର ସହାଭାଗିତାରେ କୌଶଳ ଓ ଜୀବିକାର ବିକାଶରେ ପଞ୍ଚାୟତର ଭୂମିକା, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

### କୋରାପୁଟ
- ସମ୍ବିଧାନ ଦିବସରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶୀତବସ୍ତ୍ର ବଣ୍ଟନ, ସ୍ଥାନ: ନନ୍ଦପୁର ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ସୁନାବେଡା ମହିଳା ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ସମ୍ବିଧାନ ଦିବସ, ମୋ କଲେଜ ମୋ ଗୌରବ କାର୍ଯ୍ୟକ୍ରମ, ସ୍ଥାନ: ସୁନାବେଡ଼ା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପୌରସ୍ତରୀୟ ପରବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସୁନାବେଡ଼ା–୧ ଦଶହରା ପଡ଼ିଆ, ସମୟ: ଅପରାହ୍ନ ୨ ଟା।
- ଏପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ହାଲ୍ ଖେଳ ପଡ଼ିଆ, ସୁନାବେଡା, ସମୟ: ସନ୍ଧ୍ୟା ୬ଟା।

### ସମ୍ବଲପୁର
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ମୁଦିପଡାସ୍ଥିତ ଡ. ବିଆର ଅମ୍ବେଦକରଙ୍କ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ସଙ୍ଗଠନ ଆୟୋଜନରେ ସମ୍ବିଧାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟା।
- ସମ୍ବିଧାନ ଦିବସ କମିଟି ଆୟୋଜନରେ ସମ୍ବିଧାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ : କଚେରୀ ରୋଡ, ସମୟ : ପୂର୍ବାହ୍ନ ୧୦ଟା।
- ଅଟୋ ଚାଳକ ସଂଘର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୪ଟା।

### ବଲାଙ୍ଗୀର
- ନିଖିଳ ଓଡିଶା ଆୟୁଷ ଛାତ୍ର ସଙ୍ଗଠନର ତାଲା ବନ୍ଦ ଆନ୍ଦୋଳନ, ସ୍ଥାନ: ସରକାରୀ ଆୟୁର୍ବେଦ କଲେଜ ଗେଟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

### ରାଉରକେଲା
- ନିର୍ମଳ ମୁଣ୍ଡା ଖ୍ରୀଷ୍ଟକାଟି ଟ୍ରଷ୍ଟ ପକ୍ଷରୁ ସମ୍ବିଧାନ ଦିବସ ପାଳନ, ସ୍ଥାନ: ଝିରପାଣି ଫୁଟବଲ ପଡିଆ, ସମୟ: ସକାଳ ୯ଟା।
- ଆମ୍ ଆଦ୍‌ମୀ ପାର୍ଟିପକ୍ଷରୁ ଗଣବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ବେଦବ୍ୟାସ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଉଦିତନଗର ହାଇସ୍କୁଲ, ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସଙ୍ଗୀତ ୧୫୦ବର୍ଷ ପୂର୍ତ୍ତି ପାଳନ ସମାରୋହ, ସ୍ଥାନ: ଡିଏଭି ଡଙ୍ଗା ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଗଣମାଧ୍ୟମ ସମ୍ମିଳନୀ, ସ୍ଥାନ: ବ୍ରାହ୍ମଣୀ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ସମ୍ବିଧାନ ଦିବସ, ସ୍ଥାନ: ଏନ୍‌ଆଇଟି ଭୁବନେଶ୍ୱର ବେହେରା ଅଡିଟୋରିୟମ୍, ସମୟ: ସନ୍ଧ୍ୟା ୬ଟା।

### ସୁନ୍ଦରଗଡ଼
- ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମ,ସ୍ଥାନ: ଏଡିଆର ବିଲଡିଂ,ସମୟ: ଅପରାହ୍ନ ୪ଟା।

### ବରଗଡ଼
- ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ନୋଡାଲ ହାଇସ୍କୁଲ, ଗାଇସିଲେଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ସମ୍ବିଧାନ ଦିବସ ପାଳନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମ ଆଦମୀ ପାର୍ଟିର ବିକ୍ଷୋଭ ଶୋଭାଯାତ୍ରା, ସ୍ଥାନ: ନିଶାମଣି ହାଇସ୍କୁଲ ସମ୍ମୁଖ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ବୈଷ୍ଣୋଦେବୀଙ୍କୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଦର୍ଶନ, ସ୍ଥାନ: ବୈଷ୍ଣୋଦେବୀ ମନ୍ଦିର, ଡୁରୁଙ୍ଗା, ବରଗଡ଼, ସମୟ: ଅପରାହ୍ନ ୧ଟା।
- ପୁସ୍ତକମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।
- କଂଗ୍ରେସ ପକ୍ଷରୁ ସମ୍ବିଧାନ ଦିବସ ପାଳନ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

### କଳାହାଣ୍ଡି
- ଜିଲାସ୍ତରୀୟ ଦିଶା କମିଟି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବେଟି ବଚାଓ, ବେଟି ପଢ଼ାଓ ସଚେତନତା ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରମ ଆଇନ ବିରୋଧରେ ସିପିଏମ୍‌ର ଶୋଭାଯାତ୍ରା, ବିକ୍ଷୋଭ, ସ୍ଥାନ: ତହସିଲ ଅଫିସ ସମ୍ମୁଖ, ମ. ରାମପୁର, କଳାହାଣ୍ଡି, ସମୟ: ପୂର୍ବାହ୍ନ ୧୧ଟା ୩୦।

### ବୌଦ୍ଧ
- ସମ୍ବିଧାନ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା ୩୦।

### ଦେବଗଡ଼
- ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା'ଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲି ବହୁଜନ ମିଳିତ ମଞ୍ଚ ପକ୍ଷରୁ ସମ୍ବିଧାନ ଦିବସ ପାଳନ, ସ୍ଥାନ: ଡୁଙ୍ଗୁରିପାଲି ଏସ୍‌ସି ଏସ୍‌ଟି ଷ୍ଟଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍ ପ୍ରସ୍ତୁତି ବୈଠକ, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ପଡିଆ, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

### ନୂଆପଡ଼ା
- କୁରାଳ (କୁମ୍ଭାର) ସମାଜ ପକ୍ଷରୁ କୁରାଳ ପୂଜା ପୂର୍ଣ୍ଣାହୁତି, ସ୍ଥାନ: ନୂଆପଡ଼ା ଏନ୍‌ଏସି ମହୁଆଭଟା ୱାର୍ଡ ନଂ.୧୩, ୧୪, ସମୟ: ପୂର୍ବାହ୍ନ ୧୦ଟା।
- ୩ୟ ଫୁଟ୍‌ବଲ ମହାକୁମ୍ଭ ନବମ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ସ୍ୱାସ୍ଥ୍ୟରେ ସାମ୍ୟତା, କର୍ମକ୍ଷେତ୍ରରେ କାର୍ଯ୍ୟ ସିଦ୍ଧି ଏବଂ ପରିବାରରେ ଶାନ୍ତି ଯୋଗୁ ଖୁସି ଅନୁଭବ କରିପାରନ୍ତି। କିନ୍ତୁ କୃତ୍ତିକା ନକ୍ଷତ୍ରର ସନ୍ତାନଙ୍କ ସମସ୍ୟା, ଶିକ୍ଷାରେ ପ୍ରତିବନ୍ଧକ, ଆଲୋଚନାରେ ବିଫଳତା ଯୋଗୁ ମାନସିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଋଣ ପରିଶୋଧ କରିବା ସକାଶେ ଘରୋଇ ବ୍ୟକ୍ତି କିମ୍ବା ବ୍ୟାଙ୍କରୁ ନିର୍ଦ୍ଦେଶ ପାଇପାରନ୍ତି।

**ବୃଷ** – ବନ୍ଧୁଙ୍କ ଆହ୍ୱାନରେ ଅନତିଦୂରକୁ ଯାତ୍ରା କରିବା ସକାଶେ ପ୍ରସ୍ତୁତ ହେବାକୁ ପଡ଼ିପାରେ। ରୋହିଣୀ ନକ୍ଷତ୍ରର ସକାଳୁ ଅର୍ଥ ସମ୍ବନ୍ଧିତ ଖବର ପାଇ ଖୁସି ହେବେ। ଉଦ୍ୟମର ସଫଳତା ପ୍ରାପ୍ତି ଦିଗରେ ଜଣେ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିପାରନ୍ତି। ଭୋଗବିଳାସ, ଦର୍ଶନୀୟ ସ୍ଥାନ ଭ୍ରମଣ, ବନ୍ଧୁମିଳନ ହେତୁକ ଆନନ୍ଦ ଲଭିବେ।

**ମିଥୁନ** – ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣରେ ରହିବା ଯୋଗୁ ଆଶ୍ୱସ୍ତି ଲାଭ କରିବେ। ରାଜନୈତିକ କ୍ଷେତ୍ରରେ କିମ୍ବା ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ପୁନର୍ବସୁ ନକ୍ଷତ୍ର ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପାରୁ ଦୂରଯାତ୍ରାର ସୁଯୋଗ ପାଇବେ। ପୁରାତନ ଶତ୍ରୁ, କ୍ରନିକ୍ ରୋଗ କିମ୍ବା ଋଣଭାରଜନିତ ଦୁଶ୍ଚିନ୍ତା ବୃଦ୍ଧି ପାଇବାର ସୂଚନା ରହିଛି ।

**କର୍କଟ** – ଆପଣଙ୍କ କର୍ମଦକ୍ଷତା ଓ ସମୟାନୁବର୍ତ୍ତିତା କାରଣରୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ରାଜନୀତି, ସଂଗଠନ କିମ୍ବା ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବୈଷୟିକ ଅଭିବୃଦ୍ଧି ସଙ୍ଗକୁ ପ୍ରକଳ୍ପାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ପୂର୍ବ ସମସ୍ୟା ସମାଧାନ ପାଇଁ ପଡ଼ୋଶୀଙ୍କ ପରାମର୍ଶ ଗ୍ରହଣୀୟ ହେବ।

**ସିଂହ** – ପରିସ୍ଥିତିବଶତଃ ଅନ୍ୟମାନଙ୍କ ସମସ୍ୟା ଭିତରେ ନିଜକୁ ସାମିଲ୍ କରିବାକୁ ବାଧ ହୋଇପାରନ୍ତି। ମଘା ନକ୍ଷତ୍ର ମାନସିକ ସନ୍ତୁଳନ ରକ୍ଷା କରିବାରେ ଅସମର୍ଥ ପୂର୍ବକ ବିବ୍ରତବୋଧ କରିପାରନ୍ତି। କିନ୍ତୁ ବିବାଦୀୟ ସ୍ଥିତିରେ, କଚେରି ମାମଲାରେ, ପ୍ରତିଯୋଗିତାରେ ସଫଳତା ଅବଶ୍ୟ ପାଇବେ।

**କନ୍ୟା** – ଚିତ୍ରା ନକ୍ଷତ୍ରର ଆତ୍ମୀୟଙ୍କ ସହ ମନାନ୍ତର କିମ୍ବା କଳହଜନିତ ମାନସିକ ସ୍ଥିତି ଭଲ ରହିବନାହିଁ। କିନ୍ତୁ ଆଜି ପକେଟ ଖାଲି ରହିବନି ଏବଂ ମଜାମଉଜକୁ ମଧ୍ୟ ମନ ବଳିବ। କର୍ମ କ୍ଷେତ୍ରରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ତୁଳା** – ଅଭାବ ନ ଥିଲେ କ'ଣ ହେଲା ହାତ ଖାଲି ରହିବା ଫଳରେ କୌଣସି ଜିନିଷ କିଣିବାକୁ ଇଚ୍ଛାଥିଲେ ମଧ୍ୟ କିଣିପାରିବେ ନାହିଁ । କର୍ମକ୍ଷେତ୍ରରେ ପରିସ୍ଥିତିବଶତଃ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ଅବଶ୍ୟ ପୁତ୍ରକନ୍ୟାଙ୍କ ହେତୁକ ସୁଖ ମିଳିବା ସଙ୍ଗକୁ ପରିବାରରେ ଶାନ୍ତି ବିରାଜମାନ କରିବ।

**ବିଛା** – ଈର୍ଷା କରୁଥିବା ଲୋକଙ୍କର ପରୋକ୍ଷ ଚୁପ୍‌ଚାପ୍ କଥା ମନରେ ଅସ୍ଥିରତା ସୃଷ୍ଟି କରିପାରେ। ଜ୍ୟେଷ୍ଠା ନକ୍ଷତ୍ର ଆନୁଷ୍ଠାନିକ କାମରୁ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। କର୍ମ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସୁଧାରିବା ସକାଶେ ବନ୍ଧୁ ସାହାଯ୍ୟ କରିବେ।

**ଧନୁ** – ସଭାସମିତିରେ ଆପଣଙ୍କ ମତ ମନ୍ତବ୍ୟକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ରାଜନୀତିରେ, କଳାସାହିତ୍ୟ ସଙ୍ଗୀତରେ, ସଭାସମିତିରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆକସ୍ମିକ ଭାବରେ ଭ୍ରମଣ, ବନ୍ଧୁମିଳନ ଓ ମିଷ୍ଟାନ୍ନ ଲାଭରୁ ମନ ଖୁସି ରହିବ ।

**ମକର** – ଆଜି ବାହାରେ ଆଦରସମ୍ମାନ ଏବଂ ପ୍ରଶଂସା ପାଇ ଖୁସୀ ହୋଇଯିବେ। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ ପ୍ରଭୃତି କ୍ଷେତ୍ରରେ ସଫଳତା ମିଳିବ। ମୂଲ୍ୟବାନ ଦ୍ରବ୍ୟ ହଜାଇଦେବା କାରଣରୁ ମନସ୍ତାପ କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**କୁମ୍ଭ** – କର୍ମକ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରି ସମସ୍ୟା ସୃଷ୍ଟି କରିପାରନ୍ତି। ଶତଭିଷା ନକ୍ଷତ୍ରର ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ଯେତେ ଚେଷ୍ଟା କଲେ ମଧ୍ୟ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରିବେ ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ ହେବେ।

**ମୀନ** – ଆଜି ପରିବାରରେ ଅବୁଝା ସନ୍ତାନ, କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ଭର୍ତ୍ସନା ସାଙ୍ଗକୁ ବନ୍ଧୁଙ୍କ ଅସହଯୋଗରୁ ଚିନ୍ତିତ ରହିବେ। ରେବତୀ ନକ୍ଷତ୍ରର ଆର୍ଥିକ ଉନ୍ନତି, ପ୍ଲଟିଙ୍ଗ୍ କାରବାର, ଅଗ୍ନି ତଥା ବିଦ୍ୟୁତ୍ ସମ୍ପର୍କିତ ବ୍ୟବସାୟ କ୍ଷେତ୍ରରୁ ଲାଭବାନ୍ ହେବେ। ଆଜିର ପାରିବାରିକ ସ୍ଥିତି, ବନ୍ଧୁ ସମ୍ପର୍କ, ଯାତ୍ରା ଓ ସଭାସମିତି କ୍ଷେତ୍ର ଉତ୍ତମ ରହିବ।

ଆଜି ନଭେମ୍ବର ୨୬ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ଓଢ଼ଣଷଷ୍ଠୀ ବୁଧବାର (ଆଜିଠାରୁ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବାର ଅନୁସାରେ ବିଭିନ୍ନ ରଙ୍ଗର ଘୋଡ଼ଲାଗି ବେଶ ଆରମ୍ଭ ହେବ ଏବଂ ଏହି ଘୋଡ଼ ଲାଗି ବେଶ ମାଘ ମାସ ଶୁକ୍ଳପକ୍ଷ ଚତୁର୍ଥୀ ପର୍ଯ୍ୟନ୍ତ ଚାଲିବ।) ରାଶିନକ୍ଷତ୍ର–ଶ୍ରବଣା/ମକର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ପାରସ୍କର ମତାନୁସାରେ ବିବାହ ପାଣିଗ୍ରହଣ। ଗୃହାରମ୍ଭ, ଗୃହପ୍ରବେଶ ସକାଶେ ଛୁଟିଦିନ। ଦିବା ଘ.୦୬.୦୫ମି. ଗତେ ଘ. ୦୮.୧୬ମି. ମଧ୍ୟେ, ଘ.୧୦.୨୮ମି. ଗତେ ଘ.୧୧.୩୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୩ମି. ଗତେ ଘ.୧୨.୫୫ମି. ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉପରେ ପଡ଼ି,**
**କଖାରୁ ବଡ଼ି ।**

ଆମ ସମାଜରେ ଏଭଳି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ଉପରେ ପଡ଼ି ଅନ୍ୟ ଆଗରେ ନିଜର ଆତ୍ମବଡ଼ିମା ଦେଖାଇଥାଆନ୍ତି। ନିଜେ ଯେତେ ନୁହଁ ବା ଯାହା ନୁହଁ, ତାହା ଅନ୍ୟ ଆଗରେ କହି ପ୍ରଶଂସା ଲାଭ କରିବା ସହ ନିଜର ଅଧିକାରକୁ ସାବ୍ୟସ୍ତ କରିଥାନ୍ତି। ଅନ୍ୟ ଉପରେ ନିଜର କର୍ତ୍ତୃତ୍ୱ ବିସ୍ତାର କରୁଥିବା ବ୍ୟକ୍ତି ସମାଜରେ ଗ୍ରହଣୀୟ ହୋଇନଥିବା ବେଳେ ଏପରି ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଉଇଁ ନ ଦିଶେ ହସି ପଶେ**
**ଉତ୍ତର ମେଘ ଦକ୍ଷିଣ ଆସେ**
**ସଜ ଗୋବରରେ ଅଂଶେଇ ବସେ**
**ନାଥ ବୋଲେ ପୁତା ନିଶ୍ଚେ ବରଷେ।**

ଯଦି ସୂର୍ଯ୍ୟ ଉଦୟ ବେଳେ ଦିଶନ୍ତି ନାହିଁ ଓ ଅସ୍ତ ବେଳେ ପଶ୍ଚିମ ଦିଗ ଲାଲ ଦିଶେ, ଉତ୍ତର ଦିଗରେ ବାଦଲ ଆଚ୍ଛାଦିତ ହୋଇ ଦକ୍ଷିଣ ଦିଗକୁ ଆସେ, ତେବେ ବର୍ଷା ହେବାର ସମସ୍ତ ଲକ୍ଷଣ ଦେଖାଦିଏ। ସେହିପରି ଗୋବରରେ ଏକ ପ୍ରକାର ନୀଳବର୍ଣ୍ଣ ମାଛି ବସିଥିବାର ଦେଖିଲେ ବର୍ଷା ହେବାର ମଧ୍ୟ ସମ୍ଭାବନା ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କୃଷି ଭବନ ଡିଜାଇନରେ ହେବ ଓଏଆଇସି



- ଭିତ୍ତିପ୍ରସ୍ତର ସ୍ଥାପନକଲେ ଉପମୁଖ୍ୟମନ୍ତ୍ରୀ ସିଂଦେଓ
- ୧.୪୬ ଏକର ଜମିରେ ୮୩.୭୭ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ହେବ
- ୨ ମୁଖ୍ୟ ବ୍ଲକ୍ ସହ ୫ ମହଲା ବିଶିଷ୍ଟ ଅତ୍ୟାଧୁନିକ ଭିତ୍ତିଭୂମି ରହିବ

ଭୁବନେଶ୍ୱର,୨୫।୧୧(ସୁନିତ୍ ମିଶ୍ର)

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ମଙ୍ଗଳବାର ଓଡ଼ିଶା କୃଷି ଶିଳ୍ପ ନିଗମର ନୂତନ ମୁଖ୍ୟ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସତ୍ୟନଗରସ୍ଥିତ ପ୍ଲଟ୍ ନମ୍ବର ୯୫ରେ ଅବସ୍ଥିତ ଓଡ଼ିଶା କୃଷି ଶିଳ୍ପ ନିଗମ(ଓଏଆଇସି)ର ନୂତନ କାର୍ଯ୍ୟାଳୟ ଏକ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଯାହା ହିତାଧିକାରୀଙ୍କ ସମ୍ପୃକ୍ତି, ପ୍ରଗତିଶୀଳ କାର୍ଯ୍ୟକ୍ରମ ଏବଂ ସରକାରୀ ଯୋଜନା ସମନ୍ୱିତ ରଣନୈତିକ ବିକାଶ ପାଇଁ ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହି ପଦକ୍ଷେପ ରାଜ୍ୟବ୍ୟାପୀ କୃଷି ପଦ୍ଧତିକୁ ଉନ୍ନତକରିବା ପାଇଁ ଡିଜାଇନ୍ କରାଯାଇଥିବା ଭିତ୍ତିଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶ। ୧୬,୫୦୦ ବର୍ଗମିଟରରୁ ଅଧିକ କ୍ଷେତ୍ରଫଳ ବିଶିଷ୍ଟ ୧.୪୬ ଏକର ଜମିରେ ୮୩.୭୭ କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ୨ଟି ମୁଖ୍ୟ ବ୍ଲକ୍ ସହ ୫ ମହଲା ବିଶିଷ୍ଟ ଅତ୍ୟାଧୁନିକ ଭିତ୍ତିଭୂମି ହେବ। କୃଷି ଭବନ ଭଳି ଏହାର ମଧ୍ୟ ଡିଜାଇନ ରହିବ।

ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତକରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଅଧିକ ଉତ୍ପାଦନକାରୀ ଉନ୍ନତ କୃଷି ଉପକରଣ, ଜୈବସାର ଏବଂ ପଶୁଖାଦ୍ୟ ଗ୍ରହଣ, କୃଷକ ଶିକ୍ଷା, ବୈଷୟିକ ତାଲିମ ଏବଂ ସରକାରୀ କାର୍ଯ୍ୟକ୍ରମ ପ୍ରଦର୍ଶନକୁ ପ୍ରୋତ୍ସାହିତ କରୁଛନ୍ତି। ସ୍ଥାୟୀ ଜଳସେଚନ ପଦକ୍ଷେପ ମାଧ୍ୟମରେ ଜଳସେଚନ କ୍ଷମତା ବୃଦ୍ଧି କରି ଚାଷୀଙ୍କୁ ଅଧିକ ସଶକ୍ତ କରୁଛନ୍ତି ବୋଲି ସେ କହିଛନ୍ତି। କୃଷି ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି, ଚାଷୀ, ନିର୍ମାତା ଓ ବିଶେଷଜ୍ଞଙ୍କ ମଧ୍ୟରେ ଭାବ ବିନିମୟ ତଥା ବୈଷୟିକ କୌଶଳର ଆଦାନପ୍ରଦାନ ପାଇଁ ଏହା ଏକ ଉତ୍ସର୍ଗୀକୃତ ସ୍ଥାନ ରହିବ। କୃଷକ ସମ୍ପ୍ରଦାୟକୁ କୃଷି ଯନ୍ତ୍ରପାତି, ଉପକରଣ ଏବଂ ଅନ୍ୟାନ୍ୟ କୃଷି ଇନ୍‌ପୁଟ୍ କିପରି ମିଳିବ ସେନେଇ ଅବଗତ କରାଯିବ ବୋଲି ସେ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ହାଜତ ହିଂସା...

ସତ୍ୟପାଠ(କମ୍ପ୍ଲାଏନ୍ସ ଆଫିଡେଭିଟ) ଦାଖଲ କରିନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ଏଥିସହିତ ସର୍ବୋଚ୍ଚ ଅଦାଲତକୁ କେନ୍ଦ୍ର କ'ଣ ପାଇଁ ଏତେ ହାଲୁକା ଭାବେ ନେଉଛି ବୋଲି ଜଷ୍ଟିସ୍ ନାଥ ଜାଣିବାକୁ ଚାହିଁଥିଲେ। ଉତ୍ତରରେ ମେହେଟ୍ଟା କହିଥିଲେ, ସେ ଏହି ମାମଲାରେ ପୂର୍ବରୁ ହାଜର ହୋଇ ନ ଥିଲେ। ଅଦାଲତକୁ କେହି ହାଲୁକା ଭାବେ ନେଇପାରିବେ ନାହିଁ। ଆସନ୍ତା ୩ ସପ୍ତାହ ମଧ୍ୟରେ ଅନୁପାଳନ ସତ୍ୟପାଠ ଦାଖଲ ହେବ ବୋଲି ମେହେଟ୍ଟା କହିଥିଲେ। ପରେ ଖଣ୍ଡପୀଠ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ଡାଭେଙ୍କ ଯୁକ୍ତି ଶୁଣିଥିଲେ। ପୂର୍ବ ତାରିଖରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କେତେକ ନିର୍ଦ୍ଦିଷ୍ଟ ପ୍ରଶ୍ନ କରାଯାଇଥିଲା। ସେମାନେ ଜବାବ ରଖିଛନ୍ତି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଉତ୍ତରରେ ଏପର୍ଯ୍ୟନ୍ତ ମାତ୍ର ୧୧ଟି ରାଜ୍ୟ ଅନୁପାଳନ ସତ୍ୟପାଠ ଦାଖଲ କରିଛନ୍ତି। ୩ଟି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିସିଟିଭି ଲଗାଇଥିବାବେଳେ ଅନ୍ୟ ୩ଟି ସଂସ୍ଥା ଏପର୍ଯ୍ୟନ୍ତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁପାଳନ କରିନାହାନ୍ତି ବୋଲି ଡାଭେ ଜଣାଇଥିଲେ।

## ଫେବୃଆରୀ ୧୫ରେ...

ଏଥିଯୋଗୁ ସେମିଫାଇନାଲ ଓ ଫାଇନାଲ ଲାଗି ଭେନ୍ୟୁ ପରିବର୍ତ୍ତନ କରାଯିବାର ବିକଳ୍ପ ରଖାଯାଇଛି। ଯଦି ପାକିସ୍ତାନ ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରେ, ତେବେ ସେମାନେ ସେମାନଙ୍କର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ କଲମ୍ବୋରେ ଖେଳିବେ। ଅନ୍ୟପକ୍ଷରେ ଯଦି ପାକିସ୍ତାନ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୁଏ, ତେବେ ଟାଇଟଲ ମୁକାବିଲା ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ।

ଟୁର୍ନାମେଣ୍ଟରେ ଭାଗ ନେଉଥିବା ୧୬ ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍–ଏ'ରେ ଭାରତ ଓ ପାକିସ୍ତାନ ସହିତ ନେଦରଲାଣ୍ଡ ଓ ନାମ୍ବିଆ ସ୍ଥାନ ପାଇଥିବା ବେଳେ ଗ୍ରୁପ୍–ବି'ରେ ଶ୍ରୀଲଙ୍କା, ୨୦୨୧ ସଂସ୍କରଣ ଚାମ୍ପିୟନ ଅଷ୍ଟ୍ରେଲିଆ ସହିତ ଜିମ୍ବାୱେ ଓ ଆୟର୍ଲାଣ୍ଡ ରହିଛନ୍ତି। ସେହିଭଳି ଗ୍ରୁପ୍–ସି'ରେ ଦୁଇ ଥର ଚାମ୍ପିୟନ ଇଂଲଣ୍ଡ, ୱେଷ୍ଟଇଣ୍ଡିଜ ଓ ବାଂଲାଦେଶ ସହିତ ପଦାର୍ପଣକାରୀ ଇଟାଲୀ ସ୍ଥାନ ପାଇଛି। ଗ୍ରୁପ୍–ଡି'ରେ ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ, ୟୁଏଇ ଓ କାନାଡା ରହିଛନ୍ତି। ପ୍ରତ୍ୟେକ ଗ୍ରୁପ୍‌ର ଟପ ଦୁଇ ଦଳ ସୁପର–୮କୁ କ୍ୱାଲିଫାଏ କରିବେ। ସୁପର–୮ ପର୍ଯ୍ୟାୟରେ ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯିବ ଏବଂ ଉଭୟ ଗ୍ରୁପ୍‌ର ଟପ୍ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ।


# ଜଙ୍ଗଲ ଜମିରୁ ୪୦ ହଜାର ଗଛ କାଟି ଶିଳ୍ପ ପ୍ରତିଷ୍ଠା

- ଏନ୍‌ଜିଟି ଜାଲରେ ଭିସିଆଇ କମ୍ପାନୀ
- ଯୁଗ୍ମ ତଦନ୍ତ କରି ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଯାଜପୁର,୨୫।୧୧ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଇଡ୍‌କୋଠାରୁ ୨୨ ଏକର ଜମି ନେଇ ଭିସିଆଇ କେମିକାଲ୍ସ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ କାରଖାନା ପ୍ରତିଷ୍ଠା ହେଉଛି। ହେଲେ ଏହି ଜମି ମଧ୍ୟରୁ ୧୧ ଏକର ଜମି ଜଙ୍ଗଲ କିସମ ରହିଛି। ଭିସିଆଇ କାରଖାନା ପ୍ରତିଷ୍ଠା କରିବାକୁ ବିନା ଅନୁମତିରେ ଜଙ୍ଗଲ ଜମିରୁ ପ୍ରାୟ ୪୦ ହଜାର ଗଛ କଟାଯାଇଛି। ଗଛକଟା ଏବେ ମଧ୍ୟ ଜାରି ରହିଛି। ଏହାବାଦ ଜଙ୍ଗଲ ଜମିରୁ ବିପୁଳ ମୋରମ ଲୁଟ ହୋଇଛି। ଏହିକ୍ରମରେ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ ନିୟମ-୩୪ ଅନୁଯାୟୀ ବ୍ୟାପକ ଜୈବ ବିବିଧତା ଏବଂ ପରିବେଶଗତ କ୍ଷତି ମୂଲ୍ୟାଙ୍କନ, ପରିବେଶ ସୁରକ୍ଷା ଆଇନ-୧୯୮୬ ଏବଂ ଆପରାଧିକ ଆଇନ ଅନୁଯାୟୀ ଭିସିଆଇ ବିରୋଧରେ ଫୌଜଦାରି ମାମଲା ରୁଜୁ ଆଦି ଦାବି କରି ଅଞ୍ଚଳବାସୀଙ୍କ ପକ୍ଷରୁ ସୁବ୍ରତ କୁମାର ସାହୁ ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୧୯୪/୨୦୨୫/ଇଜେଡ ନମ୍ବରରେ ମାମଲା ରୁଜୁ ହୋଇଛି। ଏହି ମାମଲା ଉପରେ ଏନଜିଟି ପକ୍ଷରୁ ଜଷ୍ଟିସ ଅରୁଣ କୁମାର ତ୍ୟାଗୀ ଏବଂ ଏକ୍ସପର୍ଟ ମେମ୍ବର ଈଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଯୁଗ୍ମ ତଦନ୍ତକାରୀ ଦଳ ଗଠନ କରି ଆସନ୍ତା ୧୨।୧୨।୨୦୨୫ ସୁଦ୍ଧା ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ, ଦାନଗଦି ତହସିଲ ଅନ୍ତର୍ଗତ ଜଖପୁରା ଏବଂ କଟେରିଗାଁ ମୌଜାରେ ଭିସିଆଇକୁ ଉପରୋକ୍ତ ଜମି ଲିଜ ଦିଆଯାଇଛି। ଏହି ଜମି ଉପରେ ଭିସିଆଇ ବାର୍ଷିକ ୧ ଲକ୍ଷ ଟନ କ୍ଷମତା ବିଶିଷ୍ଟ ଏକ ଗ୍ରୀନଫିଲ୍ଡ କୋଇଲା ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରିବ। ଆବଣ୍ଟିତ ୨୨ ଏକର ଜମି ମଧ୍ୟରୁ ୧୧ ଏକର ଜଙ୍ଗଲ ଜମି ଅଧୀନରେ ଆସୁଛି। ତେଣୁ ପ୍ଲାଣ୍ଟ ସ୍ଥାପନ ପୂର୍ବରୁ ପରିବେଶଗତ ମଞ୍ଜୁରୀ ନେବା ବାଧ୍ୟତାମୂଳ କରାଯାଇଥିଲା। ହେଲେ ପ୍ରକଳ୍ପ ପ୍ରସ୍ତାବ ଆରମ୍ଭ ହେବାଦିନଠାରୁ ଭିସିଆଇ ବେଆଇନ କାର୍ଯ୍ୟରେ ଲିପ୍ତ ରହିଛି ଏବଂ ସତ୍ୟକୁ ଲୁଚାଇ ରଖିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ପରିବେଶଗତ ମଞ୍ଜୁରୀ ପାଇଁ କରିଥିବା ଆବେଦନରେ ଉଲ୍ଲେଖ କରିଛନ୍ତି ଯେ, ପ୍ରକଳ୍ପ କିମ୍ବା ଏହାର କିଛି ଅଂଶରେ କୌଣସି ଜଙ୍ଗଲ ଜମି ନାହିଁ। ଜଙ୍ଗଲ ଜମି ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ ଅଧୀନରେ ଆସୁଛି। ଉପରୋକ୍ତ ଆଇନର ଧାରା-୨ ଅନୁଯାୟୀ କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନ ଆବଶ୍ୟକ କରେ ବୋଲି ପୂର୍ଣ୍ଣ ଜ୍ଞାନ ସତ୍ତ୍ୱେ କମ୍ପାନୀ ପକ୍ଷରୁ ପରିବେଶ ପୋର୍ଟାଲ ମାଧ୍ୟମରେ ଜମି ଜଙ୍ଗଲ ଅନ୍ତର୍ଭୁକ୍ତ ପ୍ରକାଶ ନ କରି ଉକ୍ତ ସ୍ଥାନକୁ ଶିଳ୍ପ ଜମି ଭାବରେ ମିଥ୍ୟା ଭାବରେ ଉପସ୍ଥାପନ କରିଥିଲେ। ଜଙ୍ଗଲ ସଂରକ୍ଷଣ ଆଇନର ସମ୍ପୂର୍ଣ୍ଣ ଉଲ୍ଲଂଘନ କରି ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ କାର୍ଯ୍ୟକଳାପ ପାଇଁ ବ୍ୟବହାର କରୁଛନ୍ତି। ଯେଉଁଥିରେ କୋଇଲା, ପିଚୁ, କାର୍ବନ ବ୍ଲାକ ଫିଡ ଷ୍ଟକ ଏବଂ କୋଇଲା ତାର୍ ତେଲ ଭଳି ବିପଦପୂର୍ଣ୍ଣ ଉତ୍ପାଦ ଅନ୍ତର୍ଭୁକ୍ତ ରହିଛି। ଏହାବାଦ ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ(ସିପିସିବି)ର ବର୍ଗୀକରଣ ଅନୁସାରେ କୋଇଲା ତାର୍ ଡିଷ୍ଟିଲେସନ ଏକ ଲାଲ ବର୍ଗ ଶିଳ୍ପ, ଯାହା ପଲିସାଇକ୍ଲିକ ଆରୋମାଟିକ ହାଇଡ୍ରୋକାର୍ବନ (ପିଏଏଚ୍), ଫେନଲ ଏବଂ ନାଫଥାଲିନ ଡେରିଭେଟିଭ୍ସ ସମେତ ଅତ୍ୟନ୍ତ ବିଷାକ୍ତ ପ୍ରଦୂଷଣ ନିର୍ଗତ କରିଥାଏ। ଏହିସବୁ କର୍କଟ ରୋଗ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥ। ଜଙ୍ଗଲ ଜମିରେ କିମ୍ବା ନିକଟରେ ଏପରି ଏକ ପ୍ରକଳ୍ପ ପ୍ରତିଷ୍ଠା କେବଳ ବେଆଇନ ନୁହେଁ, ବରଂ ପରିବେଶଗତ ଭାବରେ ମଧ୍ୟ ବିପର୍ଯ୍ୟୟଜନକ। କାରଣ ଏହା ଜୈବ ବିବିଧତାକୁ ବିପଦରେ ପକାଇଥାଏ। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ୧୬।୫।୨୦୨୫ରେ ଜଙ୍ଗଲ ଧ୍ୱଂସ, ଜଳ ପ୍ରଦୂଷଣ ଏବଂ ଅନଧିକୃତ ଖଣିଜ ପଦାର୍ଥ ଉତ୍ତୋଳନ ହେଉଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ଏହାର ସମାଧାନ ହୋଇନାହିଁ। ତେଣୁ ଏନ୍‌ଜିଟି ଏହି ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟ, ସିପିସିବି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) କର୍ତ୍ତୃପକ୍ଷ ଏବଂ ଜିଲାପାଳଙ୍କୁ ନେଇ ଏକ ତଦନ୍ତକାରୀ ଦଳ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କୁ ଏହି ଦଳର ନେତୃତ୍ୱ ନେବାକୁ ପରାମର୍ଶ ଦିଆଯାଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏନେଇ ଭିସିଆଇ କେମିକାଲ୍ସର ସିଇଓ ଶୁଭମ୍ ଗୁପ୍ତାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ମତାମତ ମିଳି ପାରିନାହିଁ।


ନିର୍ମାଣାଧୀନ ଭିସିଆଇ କାରଖାନା।

## ଜାତୀୟ ହାର ତୁଳନା: ଓଡ଼ିଶାର ମୁଣ୍ଡ ପିଛା ଆୟ କମ୍

ଭୁବନେଶ୍ୱର,୨୫।୧୧ (ରବିନାରାୟଣ ଜେନା)

ରାଜ୍ୟର ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଣ୍ଡ ପିଛା ଆୟ(ପର୍ କ୍ୟାପିଟା ଇନ୍‌କମ୍) ଜାତୀୟ ହାର ତୁଳନାରେ ବହୁ ପଛରେ ରହିଛି। ଜାତୀୟ ସ୍ତରରେ ୨ଲକ୍ଷ ୧୬୨ ଟଙ୍କା (୨,୪୪୦ ଡଲାର) ରହିଥିବାବେଳେ ଓଡ଼ିଶାରେ ମୁଣ୍ଡ ପିଛା ଆୟ ୧ ଲକ୍ଷ ୮୨ହଜାର ୫୪୮ ଟଙ୍କା (୨,୨୨୫ ଡଲାର) ରହିଛି। ତେବେ ଗୋଟିଏ ପଟେ ରାଜ୍ୟ ସରକାର ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଅହରହ ଉଦ୍ୟମ କରୁଛନ୍ତି। ଏଥିପାଇଁ ଭିଜନ-୨୦୩୬ ଏବଂ ୨୦୪୭ର ପରିକଳ୍ପନା କରାଯିବା ସହ ବହୁବିଧ ଯୋଜନା ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଇକୋନୋମି ଆଣ୍ଡ ଫାଇନାନ୍ସେ ଅଫ୍ ଓଡ଼ିଶା ଆଣ୍ଡ ମିଡିୟମ ଟର୍ମ ଆଉଟଲୁକ୍'ରେ ଏଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି।

ନଭେମ୍ବର ୨୦ରେ ଅର୍ଥ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏହି ରିପୋର୍ଟରେ କୁହାଯାଇଛି, ୨୦୨୪-୨୫ ଆର୍ଥିକବର୍ଷରେ ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଣ୍ଡ ପିଛା ଆୟ ଆଇଏନ୍‌ଆର୍ ୧,୮୨,୫୪୮ (୨,୨୨୫ ଡଲାର) ରହିଛି, ଯାହାକି ଜାତୀୟସ୍ତରରେ ଆଇଏନ୍‌ଆର୍ ୨,୦୦,୧୬୨ (୨,୪୪୦ ଡଲାର) ଠାରୁ କମ୍। ଜାତୀୟସ୍ତର ଏବଂ ଓଡ଼ିଶା ମଧ୍ୟରେ ମୁଣ୍ଡ ପିଛା ହାରକୁ ନେଇ ଥିବା ବ୍ୟବଧାନକୁ କମ୍ କରିବା ଲାଗି ସରକାରଙ୍କ ପକ୍ଷରୁ ଏବେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜସ୍ୱ ବୃଦ୍ଧି କରାଯିବା ସହ ମୁଣ୍ଡ ପିଛା ଆୟ କିଭଳି ବଢ଼ିବ ସେଥିପାଇଁ ନୀଳନକ୍ସା ପ୍ରସ୍ତୁତ ହୋଇଛି। ତଥ୍ୟ ଅନୁଯାୟୀ, ୨୦୧୫-୧୬ ଆର୍ଥିକ ବର୍ଷରେ ଏହି ବ୍ୟବଧାନ ୩୧.୬% ରହିଥିଲା, ମାତ୍ର ୨୦୨୪-୨୫ ଆର୍ଥିକ ବର୍ଷରେ ଏହା କ୍ରମଶଃ ହ୍ରାସ ପାଇ ୮.୮%କୁ ଖସିଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଲୋକଙ୍କ ମୁଣ୍ଡ ପିଛା ଆୟ ହାର ବଢୁଥିବା ଅର୍ଥ ବିଭାଗ ରିପୋର୍ଟରେ କୁହାଯାଇଛି।


ଅର୍ଥ ବିଭାଗ ପକ୍ଷରୁ ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ର ପରିକଳ୍ପନା ଅନୁଯାୟୀ, ଭାରତର ସମୁଦାୟ ଘରୋଇ ଉତ୍ପାଦରେ ଓଡ଼ିଶାର ହାର ଏବେ ୨.୮ ପ୍ରତିଶତ ରହିଥିବାବେଳେ ୨୦୩୬ ବେଳକୁ ଏହା ବୃଦ୍ଧି ପାଇ ୪ ପ୍ରତିଶତରେ ପହଞ୍ଚିବ। ସେହିପରି ବିକଶିତ ଭାରତ ୨୦୪୭ ବେଳକୁ ଭାରତର ଜିଡିପିକୁ ଓଡ଼ିଶା ୫ପ୍ରତିଶତ ଅବଦାନ ରଖିବାକୁ ତଥ୍ୟରେ ରହିଛି ; ଯାହାକି ଆମେରିକା ଡଲାରରେ ୫୦୦ ବିଲିୟନ(୨୦୩୬) ବେଳକୁ ହୋଇଥିବାବେଳେ ୨୦୪୭ ବେଳକୁ ୧.୫ ଟ୍ରିଲିୟନ ଆମେରିକା ଡଲାରରେ ଓଡ଼ିଶା ପହଞ୍ଚିବ।

## ବ୍ରିଜ୍ ତଳକୁ ଖସିଲା ବସ୍, ୧୪ ଗୁରୁତର

ବିନିକା,୨୫।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା-ଏସ୍ ରାମପୁର ମୁଖ୍ୟରାସ୍ତାର ସିଂଘିଯୁବା ନିକଟ ଲିଆଖାଇ ବ୍ରିଜ୍‌ରୁ ମଙ୍ଗଳବାର ସକାଳେ ଏକ ଯାତ୍ରୀବସ୍ ଖସି ପଡ଼ିବାରୁ ୩୫ଜଣ ଯାତ୍ରୀ ଆହତ ହୋଇଛନ୍ତି। ସମସ୍ତଙ୍କୁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୪ଜଣ ଗୁରୁତର ହୋଇଛନ୍ତି। ୫ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ଭିମ୍ସାରକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଓ ହେଲ୍‌ପର ଫେରାର ହୋଇଯାଇଛନ୍ତି। ପାହାନ୍ତିଆ ବେଳକୁ ଅତ୍ୟଧିକ କୁହୁଡ଼ି ହେବା ଓ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ବସ୍ ଭାରସାମ୍ୟ ହରାଇ ବ୍ରିଜ୍ ତଳକୁ ଖସିପଡ଼ିଥିବା କେତେଜଣ ଯାତ୍ରୀ କହିଛନ୍ତି। ତେବେ କେଉଁ ପରିସ୍ଥିତିରେ ବସ୍ ବ୍ରିଜ୍ ତଳକୁ ଖସିଲା ତାହାର ତଦନ୍ତ କରାଯିବ ବୋଲି ସୁବର୍ଣ୍ଣପୁର ଜିଲା ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ କହିଛନ୍ତି।

ସୂଚନା ଅନୁସାରେ ଭୁବନେଶ୍ୱରରୁ ବରଗଡ଼ ଜିଲା ପଦ୍ମପୁରର ଦୀପ୍ତିପୁର ଅଭିମୁଖେ ଯାଉଥିବା ଘରୋଇ ବସ୍ (ଓଡି ୩୧କେ ୯୦୯୯) ପାହାନ୍ତିଆ ସମୟରେ ଭାରସାମ୍ୟ ହରାଇ ବ୍ରିଜ୍ ତଳକୁ ଖସିପଡ଼ିଥିଲା। ପ୍ରଚଣ୍ଡ ଶବ୍ଦ ଓ ଯାତ୍ରୀମାନଙ୍କ ଚିତ୍କାର ଶୁଣି ପଥଚାରୀ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିବା ସହ ତୁରନ୍ତ ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ସ୍ଥାନୀୟ ଲୋକଙ୍କ ସହାୟତାରେ ବସ୍ ଭିତରୁ ଯାତ୍ରୀମାନଙ୍କୁ ବାହାରକରି ଆମ୍ବୁଲାନ୍ସ ଯୋଗେ ବିନିକା ଡାକ୍ତରଖାନା ପଠାଇଥିଲେ। ସାମାନ୍ୟ ଆହତ ହୋଇଥିବା ୨୧ଜଣ ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ଘରକୁ ପଠାଇ ଦିଆଯାଇଥିଲା। ଗୁରୁତର ଅନ୍ୟ ୧୪ଜଣଙ୍କ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଖବର ପ୍ରଚାରିତ ହେବା ପରେ ଜିଲାପାଳ ଡ. ନୃପରାଜ ସାହୁ, ଜିଲା ଆରକ୍ଷୀ ଅଧୀକ୍ଷକ ନାୟକ, ବିନିକା ଏନ୍‌ଏସି ଏକ୍ଜିକ୍ୟୁଟିଭ ଅଫିସର ମାନସ ରଞ୍ଜନ ଭୋଇ, ବିଡିଓ ମଣ୍ଟୁ ଖମାରୀ ଡାକ୍ତରଖାନାରେ ପହଞ୍ଚି ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।


ବ୍ରିଜ୍ ତଳକୁ ଖସିପଡ଼ିଥିବା ବସ୍

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ଫର୍ମ ପୂରଣ ଅବଧି ବଢ଼ିଲା

କଟକ,୨୫।୧୧(କାର୍ତ୍ତିକ ସାହୁ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୨୬ ନିମନ୍ତେ ଅନ୍‌ଲାଇନରେ ଫର୍ମ ପୂରଣ ଅବଧିକୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଏହାପରେ ଅବଧି ଆଉ ବଢ଼ାଯିବ ନାହିଁ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ସୂଚନାନୁସାରେ, ଉଭୟ ପରୀକ୍ଷାର ଆବେଦନ ନଭେମ୍ବର ୧୨ରୁ ଆରମ୍ଭ ହୋଇଥିବା ବେଳେ ନଭେମ୍ବର ୨୫ ତାରିଖ ମଧ୍ୟରାତ୍ରିରେ ଶେଷ ହେବାର ଥିଲା। ତେବେ ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଷଷ୍ଠ ଶ୍ରେଣୀ ସମେତ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀର ଖାଲି ସିଟ୍‌ରେ ନାମ ଲେଖାଇବା ନିମନ୍ତେ ପ୍ରବେଶିକା ପରୀକ୍ଷା ହେବ। ଛାତ୍ରୀଛାତ୍ରଙ୍କ ମାତାପିତା ଅନ୍‌ଲାଇନ ଆବେଦନ କରିବାରେ ଅସମର୍ଥ ହେଲେ ନିଜ ବ୍ଲକ ମଧ୍ୟରେ ଥିବା କୌଣସ ଆଦର୍ଶ ବିଦ୍ୟାଳୟକୁ ଯାଇ ଆବଶ୍ୟକ କାଗଜାତ ସହିତ ଫର୍ମ ପୂରଣ କରିପାରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ www.bseodisha.ac.in ଓ www.oav.edu.inରେ ଲିଙ୍କ୍ ଉପଲବ୍ଧ ରହିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

## ଦଳୀୟ ପଦବୀରୁ ଇସ୍ତଫା ଦେଲେ ଦେବାଶିଷ

- ପ୍ରଶାସନିକ ନିଯୁକ୍ତି ଭଳି ଦାୟିତ୍ୱ ବଣ୍ଟାଯାଉଛି
- ବିଜୁଙ୍କୁ ଛାଡ଼ି ବିଜେଡି ପରିକଳ୍ପନା ସମ୍ଭବ ନୁହେଁ: ଭୂପିନ୍ଦର
- ବୁଝିବିଚାରି କାମ କଲେ ଭଲ: ପ୍ରସନ୍ନ

ଭୁବନେଶ୍ୱର/ କଟକ,୨୫।୧୧ (ସୁନିତ୍ ମିଶ୍ର/ ଶିଖା ପ୍ରିୟଦର୍ଶିନୀ)

ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ମଙ୍ଗଳବାର ତାଙ୍କ ଦଳୀୟ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ଦଳର ସିନିୟର ସିଟିଜେନ ସେଲ୍‌ର ଉପସଭାପତି ଭାବେ ଦାୟିତ୍ୱ ପାଇଥିବା ବେଳେ ସେଥିରୁ ଇସ୍ତଫା ଦେଇ ଗଣମାଧ୍ୟମ ଆଗରେ ବର୍ଷିଛନ୍ତି। ଦେବାଶିଷଙ୍କ ଇସ୍ତଫା ପରେ ଦଳର ବରିଷ୍ଠ ନେତା ଭୂପିନ୍ଦର ସିଂ ତାଙ୍କୁ ସମର୍ଥନ କରିବାକୁ ଆଗେଇ ଆସିଛନ୍ତି। ଅନ୍ୟପଟେ ବୁଝିବିଚାରି କାମ କରିବା ଦରକାର ବୋଲି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

ଦେବାଶିଷ ଏନେଇ ତାଙ୍କ ଇସ୍ତଫାପତ୍ର ସୋମବାର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦଳୀୟ ପଦରୁ ଇସ୍ତଫା ଦେବା କଥା ଜଣାଇଛନ୍ତି। ସେ ନବୀନଙ୍କୁ ପଠାଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ନିକଟରେ ଦଳର ସାଙ୍ଗଠନିକ ନିଯୁକ୍ତି ସମୟରେ ତାଙ୍କୁ ବରିଷ୍ଠ ନାଗରିକ ସେଲ୍‌ର ଉପସଭାପତି ପାହ୍ୟାରେ ଆବାହକ ଭାବେ ଦାୟିତ୍ୱ ମିଳିଥିଲା। ହେଲେ ଉପସଭାପତି ପାହ୍ୟାର ଆବାହକ ଅର୍ଥ କ'ଣ ତାହା ବୁଝିହେଲା ନାହିଁ। ଏହି ପାହ୍ୟା ପ୍ରଶାସନିକ ବ୍ୟବସ୍ଥାର ନିଯୁକ୍ତି ମିଳିବା ଭଳି ମନେହେଉଛି। ଏଭଳି ପଦବୀ ଦେବା ଅର୍ଥ ଏକ ପ୍ରକାର ନିର୍ଯାତନା ସଦୃଶ ମନେହେଉଛି। ବିଜୁବାବୁଙ୍କ ଆଦର୍ଶରେ ଆଉ ଦଳ ଚାଲୁନାହିଁ ବରଂ ନୂଆ ବିଚାରଧାରା ଓ ଆଦର୍ଶରେ ଚାଲିବା ଭଳି ମନେହେଉଛି। କେବଳ ତାଙ୍କ ପାଇଁ ନୁହେଁ, ହଜାର ହଜାର ନେତା ଓ କର୍ମୀଙ୍କ ଭବିଷ୍ୟତର ଆଶା କେବଳ ଆପଣ ଅଟନ୍ତି। ୨୦୨୪ ନିର୍ବାଚନରେ ଦଳର ବିପର୍ଯ୍ୟୟ କାହିଁକି ଘଟିଲା ଏଯାଏଁ ତାହା ପ୍ରକାଶ କରାଗଲା ନାହିଁ। ମାତ୍ର ସବୁ କର୍ମୀଙ୍କ ପାଟିରେ ପରାଜୟର କାରଣ ପରିପ୍ରକାଶ ହେଉଛି। କେହି କୁହନ୍ତୁ ବା ନାହିଁ ସମସ୍ତେ ପରାଜୟର କାରଣ ଜାଣିଛନ୍ତି। ବର୍ତ୍ତମାନ ସ୍ଥିତିରେ ଆପଣ ନିଜେ ଦଳୀୟ ବ୍ୟାପାରରେ ହସ୍ତକ୍ଷେପ କରନ୍ତୁ ବୋଲି ଦେବାଶିଷ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହା ପରେ ଦେବାଶିଷ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ର୍ୟାଙ୍କ୍ ଅଫ୍ ଭାଇସ୍ ପ୍ରେସିଡେଣ୍ଟ ଭାବେ ତାଙ୍କୁ ନିଯୁକ୍ତି ମିଳିଛି। ଏହାର ଅର୍ଥ ସେ ଉପସଭାପତି ନୁହେଁ ବୋଲି ବୁଝୁଛନ୍ତି। ପ୍ରସନ୍ନ ଆଚାର୍ଯ୍ୟ ଏବଂ ଏ.ୟୁ. ସିଂଦେଓଙ୍କ ଭଳି ଦଳ ଗଠନ କରିଥିବା ସଦସ୍ୟଙ୍କୁ ଏହିଭଳି ନିଯୁକ୍ତି ଦିଆଯାଇଛି। ବିଜେଡି ଗୋଟିଏ ବ୍ୟୁରୋକ୍ରାଟିକ୍ ଦଳ ହୋଇଗଲାଣି। ନବୀନବାବୁ ଦଳର ଦାୟିତ୍ୱ ନେବା ପର୍ଯ୍ୟନ୍ତ ବିଜେଡି ଛାଡ଼ିବେନାହିଁ। ନବୀନ ବାବୁଙ୍କୁ ଭେଟିବାକୁ ଚାହୁଁଥିଲେ ମଧ୍ୟ ତାକୁ ବ୍ଲକ୍ କରି ରଖାଯାଇଛି। ଭୈରବ ଜଣେ ସରକାରୀ ଅଧିକାରୀଙ୍କୁ ଦାୟିତ୍ୱ ଛାଡ଼ି ଯାଇଛନ୍ତି। ସେ କେତେଜଣ ଦଳର ହାରିଥିବା ନେତାଙ୍କୁ ଧରି ବିଜେଡିକୁ ଟେକିଧରିବେ ବୋଲି ଭାବିଛନ୍ତି। ବିଜୁ ଲିଗାସି ଯେଉଁମାନେ ମାନିକିଥିଲେ ସେମାନଙ୍କ ଅବସ୍ଥା ଦଳରେ ଅତ୍ୟନ୍ତ ଖରାପ। ନବୀନବାବୁଙ୍କ ଘନିଷ୍ଠ ଯେଉଁମାନେ ଥିଲେ ସେମାନେ ବି ଆଉ ଦଳରେ ନାହାନ୍ତି କି ସେମାନଙ୍କ ସ୍ଥାନ ମଧ୍ୟ ନାହିଁ। ଦଳର କେତେଜଣ ତେଲମାରି ରାଜ୍ୟ ସଭା ଯାଇଛନ୍ତି। ବିଜୁ କି ନବୀନଙ୍କ ଲିଗାସୀ ନାହାନ୍ତି କେବଳ କେତେଜଣ ଚାମ୍‌ଚା ଅଛନ୍ତି ବୋଲି ସେ କହିଛନ୍ତି।

ଭୂପିନ୍ଦର ସିଂ ଏହି ପ୍ରସଙ୍ଗରେ ଗଣମାଧ୍ୟମକୁ କହିଛନ୍ତି, ଗତ ନିର୍ବାଚନ ସମୟରେ ବିଜୁବାବୁଙ୍କ ପୋଷ୍ଟର ଦେଖିବାକୁ ମିଳିଲା ନାହିଁ। ନୂଆପଡ଼ା ଉପନିର୍ବାଚନରେ ସମାନ କଥା ଦେଖିବାକୁ ମିଳିଲା। ବିଜୁ ପଟ୍ଟନାୟକଙ୍କୁ ହଟାଯିବା ପରଠାରୁ ବିଜେଡିର ପରାଜୟ ଆରମ୍ଭ ହୋଇଛି। ବିଜୁଙ୍କୁ ଛାଡ଼ି ବିଜେଡିର ପରିକଳ୍ପନା ସମ୍ଭବ ନୁହେଁ। ନୂଆପଡ଼ା ପ୍ରାର୍ଥୀ ଚୟନ ସମୟରେ କାହାରି ମତାମତ ନିଆଗଲା ନାହିଁ। ଏବେ ଦଳର ଉତ୍ତରାଧିକାରୀର ଆବଶ୍ୟକତା ନାହିଁ। ନବୀନ ଦଳର ନେତୃତ୍ୱ ନିଅନ୍ତୁ ବୋଲି ସେ କହିଛନ୍ତି। ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ସବୁ ପରିବାରରେ ଅସନ୍ତୋଷ ରହିଥାଏ। ବୁଝିବିଚାରି କାମ କଲେ ଭଲ। ଦଳରେ ଅନେକ ପ୍ରସଙ୍ଗକୁ ନେଇ ଭିନ୍ନ ଭିନ୍ନ ମତ ଥାଏ। ସେଥିରେ ଗୋଟିଏ ମତକୁ ନେଇ ଦଳ ଆଗକୁ ଯାଇଥାଏ ବୋଲି ସେ କହିଛନ୍ତି।

## ଚାଳକଙ୍କ ସମେତ ୩ ମୃତ, ୨ ଗୁରୁତର

### ଡିଭାଇଡର ଡେଇଁ ଟ୍ୟାଙ୍କରକୁ ପିଟିଲା ବୋଲେରୋ

ମଙ୍ଗୁଳି-ଜଗତପୁର,୨୫।୧୧ (ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ରଜକଣା ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ବୋଲେରୋ ଡିଭାଇଡର ଡେଇଁ ଟ୍ୟାଙ୍କରକୁ ସାମ୍ନାପଟୁ ଧକ୍କା ଦେଇଛି। ଫଳରେ ବୋଲେରୋ ଚାଳକଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତ ୩ଜଣ ହେଲେ କେନ୍ଦୁଝର ଜିଲା କାଠବାଉଁସୁଳି ଗ୍ରାମର ଅଶୋକ କୁମାର ବାରିକ, ଭଦ୍ରକର ପ୍ରକାଶ ବିଶ୍ୱାଳ ଓ ବିହାରର ଉମେଶ କୁମାର। ଗୁରୁତର ୨ଜଣ ହେଲେ ପୁରୀ ଜିଲା କଣାସ ଥାନା ଅଧୀନ କୋଟକଣା ଗ୍ରାମର ବିଶ୍ୱରଞ୍ଜନ ରାଉତରାୟ, କେନ୍ଦୁଝର ଜିଲା ନୟାକୋଟ ଥାନା ଅଧୀନ ବଂଶପାଳ ଗ୍ରାମ ନୟନ ପଲାଇ। ଗୁରୁତରଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ଅବସ୍ଥା ଗୁରୁତର ରହିଛି। ଦୁର୍ଘଟଣାରେ ବୋଲେରୋ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିବା ବେଳେ ଟ୍ୟାଙ୍କର ସମ୍ମୁଖ ଭାଗ ଭାଙ୍ଗିଯାଇଛି।

ପୋଲିସ ସୂଚନା ମୁତାବକ, ଲୁହାପଥର ଓ ଖଣିରେ କାର୍ଯ୍ୟରତ ୫ଜଣ କର୍ମଚାରୀ ଏକ ବୋଲେରୋ (ନଂ. ଓଡି-୦୨ବିୟୁ ୨୭୭୫)ରେ ସୁନ୍ଦରଗଡ଼ରୁ ପୁରୀ ଅଭିମୁଖେ ଯାଉଥିଲେ। ଭୋର ପ୍ରାୟ ୪ଟାରେ ରାଜକଣା ଛକ ନିକଟରେ ବୋଲେରୋ ଭାରସାମ୍ୟ ହରାଇ ରାସ୍ତା ମଝି ଡିଭାଇଡରକୁ ଡେଇଁ ରାସ୍ତା ଆରପାର୍ଶ୍ୱ କଟକରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ଏକ ଟ୍ୟାଙ୍କର (ନଂ. ଜିଜେ ୩୯ଟିଏ-୦୧୯୯)କୁ ସାମ୍ନାପଟୁ ଧକ୍କା ଦେଇଥିଲା। ଫଳରେ ଚାଳକଙ୍କ ସମେତ ୫ଜଣ ବୋଲେରୋରେ ଚାପିହୋଇ ରହିଯାଇଥିଲେ। ଖବର ପାଇ ଟାଙ୍ଗୀ ପୋଲିସ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ବୋଲେରୋକୁ କାଟି ୫ଜଣଙ୍କୁ ଉଦ୍ଧାର କରିଥିଲା। ହେଲେ ସେତେବେଳକୁ ୩ଜଣଙ୍କ ମୃତ୍ୟୁ ଘଟିଥିଲା।


ଦୁର୍ଘଟଣାଗ୍ରସ୍ତ ବୋଲେରୋ

## ହ୍ୟୁମାନ୍ ସାଗରଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି

- ବଲାଙ୍ଗୀର ଖ୍ରୀଷ୍ଟିଆନ ୟୁଥ୍ ଫୋରମ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

ବଲାଙ୍ଗୀର,୨୫।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ କରାଯିବାକୁ ବଲାଙ୍ଗୀର ଖ୍ରୀଷ୍ଟିଆନ ୟୁଥ୍ ଫୋରମ ପକ୍ଷରୁ ଦାବି କରାଯାଇଛି। ମଙ୍ଗଳବାର ଉକ୍ତ ଫୋରମର ସଦସ୍ୟମାନେ ବଲାଙ୍ଗୀର ଏସ୍‌ପି ଅଫିସକୁ ଯାଇ ଏନେଇ ଏକ ଦାବିପତ୍ର ଦେଇଛନ୍ତି। ହ୍ୟୁମାନ୍‌ଙ୍କ ମୃତ୍ୟୁ ଘଟଣାକୁ ନେଇ ଯେଭଳି ପରିସ୍ଥିତି ସୃଷ୍ଟି ହୋଇଛି, ବଲାଙ୍ଗୀର ଏବଂ ଗଣମାଧ୍ୟମରେ ଯାହା ସବୁ ବୟାନ ପ୍ରକାଶ ପାଉଛି ସେଥିରୁ ତାଙ୍କ ମୃତ୍ୟୁ ରହସ୍ୟଜନକ ମନେହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାର ଆବଶ୍ୟକତା ରହିଛି। ବିଶେଷକରି ସିବିଆଇ ତଦନ୍ତ କରିବାକୁ ଖ୍ରୀଷ୍ଟିଆନ ୟୁଥ୍ ଫୋରମ ଦାବି କରିଥିବା ଫୋରମର ସଭାପତି ପୂର୍ଣ୍ଣମୂର୍ତ୍ତି ଖ୍ରୀଷ୍ଟାଦାସ କହିଛନ୍ତି।

ସେ ଆହୁରି କହିଛନ୍ତି, ହ୍ୟୁମାନ୍‌ଙ୍କ ଶାରୀରିକ ଅସୁସ୍ଥତା ଯେତେବେଳେ ଲାଗି ରହିଥିଲା ତାଙ୍କୁ ଉପଯୁକ୍ତ ଚିକିତ୍ସା ଓ ବିଶ୍ରାମର ଆବଶ୍ୟକତା ଥିଲା। କିନ୍ତୁ ତାହା ନ କରି ତାଙ୍କର ୨ଜଣ ମ୍ୟାନେଜର ତାଙ୍କୁ ବିଭିନ୍ନ ସ୍ଥାନରେ ରାତି ସାରା ଷ୍ଟେଜ୍ ଶୋ କରିବାକୁ ବାଧ୍ୟକରୁଥିବା ଅଭିଯୋଗ କରିଛନ୍ତି। ଏହାସହ ହ୍ୟୁମାନ୍ ଯେତେ ଟଙ୍କା ରୋଜଗାର କରୁଥିଲେ ସେସବୁ କାହା ଆକାଉଣ୍ଟକୁ ଯାଉଥିଲା ତା'ର ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ସେ ଦାବି କରିଛନ୍ତି। ହ୍ୟୁମାନ୍ ମାସକୁ ପ୍ରାୟ ୫୦ ଲକ୍ଷ ଟଙ୍କା ରୋଜଗାର କରୁଥିବା ବେଳେ କେଉଁ ପରିସ୍ଥିତିରେ ତାଙ୍କର ଦେଢ଼ ଲକ୍ଷ ଟଙ୍କାର ହସ୍ପିଟାଲ ବିଲ୍ ଦିଆଯାଇପାରିଲା ନାହିଁ ତା'ର ତଦନ୍ତ ହେବା ଦରକାର ଏବଂ ତାଙ୍କ ଉପାର୍ଜିତ ଅର୍ଥ କୁଆଡ଼େ ଯାଇଛି ସେନେଇ ଖୋଳତାଡ଼ କରାଯାଉ ବୋଲି ଫୋରମ ପକ୍ଷରୁ ଦାବି କରାଯାଇଛି। ଏହି ଫୋରମର ଉପଦେଷ୍ଟା ରାଜୁ ବାଗ ହ୍ୟୁମାନ୍‌ଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯିବା ଦାବି ନେଇ ଏସ୍‌ପିଙ୍କ ପାଖକୁ ଆସିଥିବା କହି ତାଙ୍କୁ ହତ୍ୟା କରାଯାଇଥିବା କୁହାଯାଇପାରିବ ବୋଲି କହିଥିଲେ। ଏହାର ସିବିଆଇ ତଦନ୍ତ କରାଯିବାକୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଦାବି କରିଥିବା କହିଥିଲେ। ଆବଶ୍ୟକ ପଡ଼ିଲେ ଫୋରମ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଖ୍ରୀଷ୍ଟିଆନ୍ ୟୁଥ୍ ଫୋରମ ପକ୍ଷରୁ ହ୍ୟୁମାନ୍ ସାଗରଙ୍କ ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଚର୍ଚ୍ଚ ନିକଟରୁ ବହୁ ବ୍ୟକ୍ତି ଓ କଳାକାର କ୍ୟାଣ୍ଡେଲ ଧରି ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପରେ ଫୋରମ ପକ୍ଷରୁ ସ୍ଥାନୀୟ ଟାଉନ ଥାନାରେ ଆଇଆଇସିଙ୍କୁ ହ୍ୟୁମାନ୍‌ଙ୍କ ମୃତ୍ୟୁ ଘଟଣାର ତଦନ୍ତ କରିବାକୁ ଦାବି କରାଯାଇଥିଲା।



ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ କଚେରି ଛକରେ କ୍ୟାଣ୍ଡେଲ ଶୋଭାଯାତ୍ରା ।

ସ୍ୱର୍ଗଟିଏ ନିର୍ମାଣ କରିବା କେତେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ- ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଚିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ। -ଶ୍ରୀଅରବିନ୍ଦ



# ମୃତ୍ୟୁ ପାଇଁ ଇସି ଦାୟୀ

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ କରାଯାଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)କୁ ନେଇ ବହୁ ବାଦବିବାଦ ଉପୁଜିଥିଲା। ବିହାରର ସମୁଦାୟ ୭ କୋଟି ୮୯ ଲକ୍ଷ ଭୋଟରଙ୍କ ମଧ୍ୟରୁ ୬୫ ଲକ୍ଷ ଭୋଟର ବାଦ୍ ପଡ଼ିଥିଲେ। ସେଠାରେ ବିରୋଧୀମାନେ ଅଭିଯୋଗ କରିଥିଲେ ଯେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ହାତ କରି କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେଇଥିଲେ। ବିବଦମାନ ସ୍ଥିତି ଉପୁଜିଥିଲେ ମଧ୍ୟ ବିହାରରେ ବିଧାନସଭା ନିର୍ବାଚନ ଶେଷ ହୋଇ ଭାଜପା ସହଯୋଗରେ ନୀତୀଶ କୁମାରଙ୍କ ସରକାର ପୁନଃ କ୍ଷମତାକୁ ଆସିଛି। ବିହାର ଭୋଟର ତାଲିକାରେ ବାହାର ରାଜ୍ୟ ଓ ପଡ଼ୋଶୀ ଦେଶର ନାଗରିକଙ୍କ ନାମ ରହିଥିବାରୁ ଭୋଟର ତାଲିକାରେ ସଂସ୍କାର ଅଣାଯିବା ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ବିଷୟ ଶେଷରେ ନିର୍ବାଚନ କମିଶନ (ଇସି) ସ୍ପଷ୍ଟ କରିଥିଲେ। ସମ୍ଭବତଃ ବିହାରରେ ଏସ୍ଆଇଆର୍ ସଫଳତା ଦେଖି ନିର୍ବାଚନ କମିଶନ ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ଗୋଆ, ଗୁଜରାଟ, ପଣ୍ଡିଚେରୀ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଲାକ୍ଷାଦୀପ ପାଇଁ ଭୋଟର ତାଲିକା ସଂଶୋଧନ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି କାର୍ଯ୍ୟରେ ବୁଥ୍ସ୍ତରୀୟ ଅଧିକାରୀ (ବିଏଲ୍ଓ)ମାନଙ୍କୁ ଇସିଙ୍କ ପକ୍ଷରୁ ନିଯୁକ୍ତ କରାଯାଉଛି। ସେମାନେ ସାଧାରଣତଃ ସରକାରୀ ସ୍କୁଲ ଶିକ୍ଷକ, ରାଜସ୍ୱ କାର୍ଯ୍ୟକାଳ କର୍ମଚାରୀ, ଅଙ୍ଗନୱାଡି କର୍ମୀ, ପଞ୍ଚାୟତ ସଚିବ ଓ ସ୍ଥାନୀୟ ସରକାରୀ କର୍ମଚାରୀ। ସେମାନେ ଭୋଟର ତାଲିକାରେ ନୂଆ ନାମ ଯୋଡ଼ିବା ବା ବାଦ୍ ପକାଇବା, ଯୋଗ୍ୟଙ୍କୁ ଭୋଟର କାର୍ଡ ଦେବା ଏବଂ ବୁଥ୍ସ୍ତରରେ ଅବାଧ ଓ ନିରପେକ୍ଷ ସହ ନିର୍ବାଚନରେ ସ୍ୱଚ୍ଛତା ବଜାୟ ରଖିବା ଲାଗି ଭୋଟରଙ୍କୁ ସଚେତନ କରିବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଜଣେ ବିଏଲ୍ଓ ମାସକୁ ୯୫୬ ଜଣ ଭୋଟରଙ୍କ ବିଷୟରେ ତଥ୍ୟ ସଂଗ୍ରହ କରି ତାଙ୍କୁ ଦିଆଯାଇଥିବା କାର୍ଯ୍ୟ ସମାପନ କରିବା ପାଇଁ କୁହାଯାଇଛି। ସୂଚନା ଅନୁଯାୟୀ, ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କରାଯାଉଥିବା ଏସ୍ଆଇଆର୍ରେ ୫୦ କୋଟି ୯୭ ଲକ୍ଷ ଭୋଟରଙ୍କ ବିଷୟରେ ୫ ଲକ୍ଷ ୩୨ ହଜାର ବିଏଲ୍ଓଙ୍କୁ ନିୟୋଜିତ କରାଯାଇଛି। ଅଭିଯୋଗ ହେଉଛି ଯେ, ସେମାନଙ୍କୁ ଠିକ୍ ଭାବେ ପ୍ରଶିକ୍ଷଣ ଦିଆଯାଇ ନ ଥିଲା ବେଳେ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଭୋଟର ତାଲିକା ଶେଷ କରିବାକୁ ଟାର୍ଗେଟ ଦିଆଯାଉଛି। ଫଳରେ କେତେକ ବିଏଲ୍ଓ ଚାପର ବଶବର୍ତ୍ତୀ ହେଉଛନ୍ତି ଓ ସ୍ଥଳବିଶେଷରେ ୧୦ ଜଣଙ୍କ ପ୍ରାଣହାନି ଘଟିଥିବା ଖବର ମିଳିଛି। ଗତ କିଛି ଦିନ ମଧ୍ୟରେ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ କେରଳରୁ ଏହି ମୃତ୍ୟୁ ଘଟଣା ପଦାକୁ ଆସିଛି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍ଆଇଆର୍କୁ ମୂଳରୁ ବିରୋଧ କରି ଆସୁଛନ୍ତି। ସେ ଆଶଙ୍କା ବ୍ୟକ୍ତ କରୁଛନ୍ତି ଯେ, ଭାଜପା ତାଙ୍କ ସରକାରକୁ ଗାଦିଚ୍ୟୁତ କରିବା ଲାଗି ବିହାର ପରୀକ୍ଷଣକୁ ପ୍ରୟୋଗ କରିବାକୁ ଚାହୁଁଛି। ତେଣୁ ସେ ଯେଉଁଠାରେ ଯେଉଁ ମଞ୍ଚ ପାଉଛନ୍ତି ସେଠାରେ କେନ୍ଦ୍ର ସରକାର ଓ ଇସିଙ୍କୁ ସମାଲୋଚନା କରୁଛନ୍ତି। ୨୫ ନଭେମ୍ବରରେ ସେ କହିଛନ୍ତି ଯେ, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଇସି ପକ୍ଷପାତିତା ଅବଲମ୍ବନ କରି ଏଭଳି ଅଭିଯାନ ଚଳାଇଛି। ଇସିଙ୍କୁ ଭାଜପା କମିଶନ ବୋଲି ଅଭିହିତ କରିବା ସହ ବୋନ୍ଗାଁଠାରେ ଏସ୍ଆଇଆର୍ ବିରୋଧୀ ରାଲିକୁ ସମ୍ବୋଧିତ କରି ଲୋକଙ୍କୁ ସେ କହିଛନ୍ତି, ଯଦି ତୁମ ନାମ ଭୋଟର ତାଲିକାରୁ କଟୁଛି, କେନ୍ଦ୍ର ସରକାରକୁ ଡିଲିଟ୍ କରିଦିଅ । ଅବଶ୍ୟ ମମତା ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ରହିଆସିଥିବା ମତଭେଦ କିଭଳି ରାଜନୈତିକ ଆକ୍ରୋଶରେ ପରିଣିତ ହେଇଛି ସେହି ବିଷୟରେ ସମସ୍ତେ ଅବଗତ ଅଛନ୍ତି। ତେବେ ପଶ୍ଚିମବଙ୍ଗରେ ଦୁଇ ଜଣ ବିଏଲ୍ଓଙ୍କ ପ୍ରାଣଯିବା ବିଷୟ ସେଠାରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିଛି। ପଶ୍ଚିମବଙ୍ଗରେ ବାଂଲାଦେଶୀ ସମସ୍ୟା ସୃଷ୍ଟି କରୁଛନ୍ତି ବୋଲି କୁହାଯାଇ ଏସ୍ଆଇଆର୍ କରାଯାଉଥିବା ବେଳେ କେହି ନ ଡରିବାକୁ ମମତା ଆହ୍ୱାନ ଦେଇଛନ୍ତି। ମମତା ଯେଉଁ ସ୍ୱର ଉଠାଇଛନ୍ତି ତାଙ୍କ ସହ ତାମିଲନାଡୁ ଓ କେରଳ ଆଦି ରାଜ୍ୟ ସ୍ୱର ମିଳାଉଥିବା ଦେଖାଯାଉଛି। ଆଗକୁ ଏ ନେଇ ରାଜନୈତିକ ବାଦବିବାଦ ଲାଗି ରହିବାର ଆଶଙ୍କା ଉପୁଜିଲାଣି। କିନ୍ତୁ ଏହି ହରଡ଼ଘଣାରେ ସାଧାରଣ ବିଏଲ୍ଓଙ୍କ ପ୍ରାଣ ଯିବା ଅତ୍ୟନ୍ତ ଦୁଃଖଦାୟକ।

କୁହାଯାଉଛି ଯେ, ମାସକ ଭିତରେ ୯୫୬ ଜଣ ଭୋଟରଙ୍କ ବିଷୟରେ ସବିଶେଷ ତଥ୍ୟ ବାହାର କରିବାର ଦାୟିତ୍ୱ ବିଏଲ୍ଓଙ୍କୁ ଦିଆଯାଇଛି। ସେହି ଚାପରେ ମୃତ୍ୟୁ ଘଟୁଛି ବୋଲି କୁହାଯାଉଛି। ଭାରତର ପ୍ରତ୍ୟେକ ନାଗରିକ ଭଲ ଭାବେ ଜାଣିଛନ୍ତି ଯେ, କୌଣସି ସରକାରୀ ବିଭାଗ କେବେହେଲେ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟରେ ପହଞ୍ଚି ପାରନ୍ତି ନାହିଁ। ଏପରିକି ମାର୍ଚ୍ଚ ମାସରେ ମଧ୍ୟ ଦିଆଯାଇଥିବା ଅନୁଦାନକୁ ସାରି ପାରନ୍ତି ନାହିଁ। ଏଭଳି ପ୍ରଚ୍ଛଦପଟରେ ବିଏଲ୍ଓମାନେ ନିର୍ବାଚନ କମିଶନ ଦେଇଥିବା ଲକ୍ଷ୍ୟରେ ପହଞ୍ଚି ପାରୁନାହାନ୍ତି ବୋଲି ମରିଯାଉଛନ୍ତି, ଦାବି କରିବା ଆଦୌ ବିଶ୍ୱାସଯୋଗ୍ୟ ହେଉ ନାହିଁ। ଅନ୍ୟପଟେ ସ୍ୱୀକାର କରିବାକୁ ହେବ ଯେ ନିଶ୍ଚିତ ଭାବେ ପ୍ରବଳ ଚାପ ପଡୁଛି, ଯେଉଁଥିପାଇଁ ଏହି ସରକାରୀ କର୍ମଚାରୀମାନେ ମରୁଛନ୍ତି। ତାହାର ଅନ୍ୟ ଅର୍ଥ ହୋଇପାରେ ଯେ ଯେଉଁ ପ୍ରକାରର ଚାପ ପଡୁଛି ତାହା ଏତେ ବେଶି ଅନୈତିକ, ଯାହାକି ଏହି ଲୋକମାନେ ଅସମ୍ଭାଳ ଭାବି ପ୍ରାଣ ହରାଉଛନ୍ତି। ଏହିସବୁ ପ୍ରାଣହାନି ପାଇଁ ଭାରତର ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ଦାୟୀ। ଯେଉଁ ବିଏଲ୍ଓଙ୍କ ମୃତ୍ୟୁ ଘଟୁଛି, ନିର୍ବାଚନ କମିଶନଙ୍କ ତରଫରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବାକିଥିବା ଚାକିରି କାଳର ଦରମା ଓ ଆନୁଷଙ୍ଗିକ ସୁବିଧା ସେହି ପରିବାରକୁ ଏକସଙ୍ଗେ ମିଳିବା ଦରକାର। ଏଥିସହିତ ଅଣଶାସକ ଦଳଗୁଡ଼ିକ ମିଳିତ ଭାବେ ଏହିସବୁ ମୃତ୍ୟୁ ସମ୍ପର୍କରେ ଅନୁସନ୍ଧାନ କରି ଚାପ ପଛର ବାସ୍ତବ କାରଣ ଖୋଜିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଲାଣି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | 6 | | | | |
| | | | 4 | | 3 | | 9 | |
| | | 4 | | | | | 6 | |
| | | 1 | | 2 | | 8 | | 3 |
| | | | 1 | | | | | 6 |
| | 4 | 2 | | | 6 | | | 7 |
| 8 | | | | | | | 4 | 9 |
| | | | 7 | 5 | | 1 | | |
| 9 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 2 | 7 | 4 | 9 | 3 | 1 | 8 |
| 3 | 9 | 8 | 1 | 2 | 5 | 6 | 7 | 4 |
| 7 | 4 | 1 | 6 | 8 | 3 | 5 | 2 | 9 |
| 6 | 2 | 5 | 3 | 7 | 4 | 8 | 9 | 1 |
| 1 | 8 | 3 | 9 | 6 | 2 | 4 | 5 | 7 |
| 9 | 7 | 4 | 5 | 1 | 8 | 2 | 6 | 3 |
| 8 | 3 | 7 | 2 | 5 | 1 | 9 | 4 | 6 |
| 4 | 5 | 6 | 8 | 9 | 7 | 1 | 3 | 2 |
| 2 | 1 | 9 | 4 | 3 | 6 | 7 | 8 | 5 |

ଗତକାଲିର ଉତ୍ତର

# ସୁନ୍ଦର ବିଶ୍ୱ ଗଠନର ଅଙ୍ଗୀକାର

କିଶୋର ଜେନା

'ଗ୍ଲୋବାଲ ଅର୍ଡର' ବା ବିଶ୍ୱର ଶୃଙ୍ଖଳା ବଦଳିଯାଉଛି। ଶୀତଳ ଯୁଦ୍ଧ ପରବର୍ତ୍ତୀ ୯୦ ଦଶକରେ ଆରମ୍ଭ ହୋଇଥିବା ନବ୍ୟ ଉଦାରବାଦୀ ଆର୍ଥିକ କାର୍ଯ୍ୟକ୍ରମ ଯୁଗରେ ଦ୍ରୁତ ଆର୍ଥିକ ବୃଦ୍ଧି ସତ୍ତ୍ୱେ ଗୋଟିଏ ପରେ ଗୋଟିଏ ବିଶ୍ୱବ୍ୟାପୀ ଆର୍ଥିକ ବିପର୍ଯ୍ୟୟ, କ୍ରମ ବର୍ଦ୍ଧମାନ ସାମାଜିକ ଓ ଆର୍ଥିକ ବୈଷମ୍ୟ ବଢ଼ିଚାଲିଛି। ଏହାସହ କୋଭିଡ୍ ମହାମାରୀ, ୟୁରୋପ ଓ ଏସିଆ ବ୍ୟାପୀ ସାମରିକ ସଂଘର୍ଷ, କୃତ୍ରିମ ବୁଦ୍ଧିମତ୍ତା ଏବଂ ଆମେରିକା ଓ ଚାଇନାର ଭୂରାଜନୈତିକ ଲଢ଼େଇ ବିଶ୍ୱର ଯାବତୀୟ ସମୀକରଣକୁ ବଦଳାଇଦେଉଛି। ଏହି ବିଶୃଙ୍ଖଳ ସ୍ଥିତିରୁ ଭବିଷ୍ୟତର 'ଗ୍ଲୋବାଲ ଅର୍ଡର' କ'ଣ ହେବାକୁ ଯାଉଛି, ତାହା ଅନୁମାନ କରିବା କଷ୍ଟକର। ଆଗାମୀ ଦିନର ବିଶ୍ୱକୁ ଦୃଷ୍ଟିରେ ରଖିଲେ ମନେହୋଇପାରେ ସାମଗ୍ରିକ ଭାବେ ସାରା ବିଶ୍ୱରେ ଆର୍ଥିକ ଓ ସାମରିକ ସଂଘର୍ଷ ବଢ଼ିବ। ଗଣତାନ୍ତ୍ରିକ ଦେଶଗୁଡ଼ିକ ଅସ୍ଥିରତା ଭୋଗିବେ, ବୈଷମ୍ୟତାର ପ୍ରକୋପ ଆହୁରି ବୃଦ୍ଧି ପାଇବ। କିନ୍ତୁ ଅନ୍ୟ ଦିଗରେ ବିକଳ୍ପ ସ୍ଥିତିଶୀଳ ବିଶ୍ୱର କଥା ମଧ୍ୟ ଆମେ ଭାବିପାରୁ ଯେଉଁଠି ଚାଇନା, ଆମେରିକା ସହ ଶକ୍ତିଶାଳୀ ଦେଶଗୁଡ଼ିକର ସମ୍ପର୍କରେ ମତାନ୍ତର ରହିଥିଲେ ମଧ୍ୟ ରଣକୌଶଳଗତ ସହଯୋଗିତା ରହିବ ଏବଂ ସାମରିକ ସଂଘର୍ଷ କମିବ। ଜନସ୍ୱାସ୍ଥ୍ୟ ଉନ୍ନତି, ସାମାଜିକ ଓ ଅର୍ଥନୈତିକ ପ୍ରଗତିକୁ ଗୁରୁତ୍ୱ ଦେଇ ବୈଷମ୍ୟ କମାଇବାର ପ୍ରକଳ୍ପଗୁଡ଼ିକ ବାସ୍ତବାୟିତ ହେବ ଏବଂ ଶେଷରେ ବିଶ୍ୱର ଶକ୍ତିଶାଳୀ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ତଥା ସନ୍ତ୍ରାସବାଦର ହାତରୁ ପୃଥିବୀକୁ ମୁକ୍ତକରିବେ। ଏହି ଗ୍ଲୋବାଲ ଅର୍ଡର ବାସ୍ତବରେ ପ୍ରୟୋଗ କରିବା କଠିନ ହେଲେ ମଧ୍ୟ ଅସମ୍ଭବ ନୁହେଁ। ବିକଳ୍ପ ବ୍ୟବସ୍ଥା ହେବ ଏକ ପ୍ରକାର 'ମେଟା-ରିଜିମ୍' ଅର୍ଥାତ୍ ଏପରି ଏକ ଫ୍ରେମ୍ୱାର୍କ ବା ବ୍ୟବସ୍ଥା ଯେଉଁଠି ଚରମ ଶତ୍ରୁ ଦେଶଗୁଡ଼ିକ ଏକ ଟେବୁଲରେ ବସି ଆଲୋଚନା ମାଧ୍ୟମରେ ଗଣତାନ୍ତ୍ରିକ ପ୍ରକ୍ରିୟାର ଯାବତୀୟ ସମସ୍ୟାର ସମାଧାନ କରିବାର ସୁଯୋଗ ପାଇବେ, ଯାହା ବର୍ତ୍ତମାନ ବିଶ୍ୱବାଣିଜ୍ୟ ସଂସ୍ଥା ଅଥବା ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ବ୍ୟବସ୍ଥାରେ ସମ୍ଭବ ନୁହେଁ। ଆଲୋଚନା ଆଗରେ ନେଇଯିବା ସ୍ୱାର୍ଥରେ ଏ କ୍ଷେତ୍ରରେ ସମସ୍ତଙ୍କ ଆଗରେ ଆମକୁ ବୁଝିବାକୁ ହେବ ବର୍ତ୍ତମାନର ବିଶ୍ୱ ଶୃଙ୍ଖଳାର ଦୁର୍ବଳତା କ'ଣ ସବୁ?

୧୯୯୦ ପରବର୍ତ୍ତୀ ନବ୍ୟ ଉଦାରବାଦୀ ବିଶ୍ୱାୟନର ଅର୍ଥନୈତିକ ମଡେଲ କ୍ରମଶଃ ଅଭାବନୀୟ ସମସ୍ୟା ସୃଷ୍ଟି କରିଚାଲିଛି। ପୁଞ୍ଜିପତିଙ୍କ ସହ ଅଧିକାଂଶ ବିକାଶଶୀଳ ଦେଶର ଆର୍ଥିକ ଅଭିବୃଦ୍ଧିର ସିଂହଭାଗ ବ୍ୟବହୃତ ହେଉଛି ସାମରିକ ଖର୍ଚ୍ଚ ବାବଦରେ।



ଫଳରେ ରାଷ୍ଟ୍ରର ସାମାଜିକ କଲ୍ୟାଣକାରୀ ବ୍ୟବସ୍ଥା କ୍ରମଶଃ ବ୍ୟର୍ଥ ହେବାରେ ଲାଗିଛି। ନୂତନ ବିଶ୍ୱ ବ୍ୟବସ୍ଥାର ଶକ୍ତିଶାଳୀ ଦେଶଗୁଡ଼ିକ ସକଳ ବିଷୟରେ ସହମତ ହେବା ଦରକାର। ଏହାସହ କିଛି ମୂଳଗତ ନିୟମ ଆଧାରରେ ନୂଆ ବ୍ୟବସ୍ଥାକୁ ମାନି ଚଳିବାକୁ ହେବ। ବିବଦମାନ ଏକ ପକ୍ଷର ଲାଭ ହେଲେ ମଧ୍ୟ ଅପରପକ୍ଷର କ୍ଷତି ନ ହେବା ଏବଂ ସର୍ବଶେଷରେ ଏକାଧିକ ଦେଶର ମିଳିତ ପ୍ରଚେଷ୍ଟାରେ ସମସ୍ୟାର ସମାଧାନ କରିବାକୁ ପଡ଼ିବ। ପ୍ରଥମ ଶ୍ରେଣୀର ନିଷେଧାଦେଶ ଯୋଗ୍ୟ କାର୍ଯ୍ୟ ହେଲା ଯେକୌଣସି ପ୍ରକାର ଯୁଦ୍ଧ ବେସାମରିକ ଲୋକଙ୍କ ଉପରେ ମିଶାଇଲ ଚଳାଇବାଠାରୁ ବାଣିଜ୍ୟ ଜାହାଜ ଉପରେ ଆକ୍ରମଣରୁ ବିରତ ରହିବା। ଦ୍ୱିତୀୟ ଶ୍ରେଣୀ (କାଟାଗୋରି)ରେ ଏଭଳି ବିଷୟଗୁଡ଼ିକୁ ରଖିବାକୁ ହେବ, ଯାହା ଆଲୋଚନା ମାଧ୍ୟମରେ ସମାଧାନ କରାଯାଇ ପାରିଲେ ସମ୍ପୃକ୍ତ ଦେଶଗୁଡ଼ିକ ଉପକୃତ ହେବେ, ଯେପରି ସମ୍ପ୍ରତି ଆମେରିକା-ଚାଇନା ବାଣିଜ୍ୟ ବୁଝାମଣା। ଏହି ଚୁକ୍ତି ଅନୁଯାୟୀ ଚାଇନାଠାରୁ ଆମେରିକା ରେୟାର ଆର୍ଥ ମ୍ୟାଟେରିଆ (ବିରଳ ମୃତ୍ତିକା ଦ୍ରବ୍ୟ) ଆମଦାନୀ ସହଜରେ ହୋଇଛି । ସେହିପରି ଆମେରିକାରୁ ଚାଇନା ଉନ୍ନତ ପ୍ରଯୁକ୍ତି ରପ୍ତାନି ସମେତ କିଛି କିଛି ଅର୍ଥନୈତିକ ନିଷେଧାଦେଶ ଉଠାଇନେବାର ସିଦ୍ଧାନ୍ତ ହୋଇଛି।

ଯେଉଁ ପରିସ୍ଥିତିରେ ଆଲୋଚନା କରିବା କିମ୍ବା ସମାଧାନର ପଥ ଖୋଜି ପାଇବା ସମ୍ଭବ ନ ହେବ ସେଠାରେ ଆସିବ ତୃତୀୟ ଶ୍ରେଣୀ (କାଟାଗୋରି)ର ବିଷୟ, ଯାହାର ମୂଳନୀତି ହେବ ଅନ୍ୟ ଦେଶର ରାଜନୈତିକ, ସାମାଜିକ ଏବଂ ଭୌଗୋଳିକ ସାର୍ବଭୌମତ୍ୱ ଉପରେ ସିଧାସଳଖ ହସ୍ତକ୍ଷେପ ନ କରିବା। ଫଳରେ ଉପମହାଦେଶର ଆଖପାଖର ଦେଶଗୁଡ଼ିକ ସହ ବିଭିନ୍ନ କ୍ଷେତ୍ରରେ ବୈଷମ୍ୟ ବୃଦ୍ଧି ପାଇଲେ ମଧ୍ୟ ସେମାନଙ୍କ ସାର୍ବଭୌମତ୍ୱରେ କ୍ଷତି ହେବନାହିଁ। ଚତୁର୍ଥ ତଥା ଶେଷ ଶ୍ରେଣୀର ବିଷୟ ହେଲା କୋଭିଡ୍ ୧୯, ସନ୍ତ୍ରାସବାଦ, ପରମାଣୁ ଅସ୍ତ୍ରର ବ୍ୟବହାର ଏବଂ ଜଳବାୟୁ ପରିବର୍ତ୍ତନ ପରି ବିଷୟ, ଯେଉଁଠି ଏକାଧିକ ଦେଶର ସହଯୋଗିତା ଏକାନ୍ତ ପ୍ରୟୋଜନ। ସମ୍ପ୍ରତି ସଂଘର୍ଷମୟ ପରିବେଶରେ ଏହି ବ୍ୟବସ୍ଥାରେ ଯୁଦ୍ଧକାଳୀନ ସ୍ଥିତିରେ ବି ଯେପରି ନିରପେକ୍ଷ ସଂସ୍ଥା ଦ୍ୱାରା ଗାଜା ଭୂଖଣ୍ଡର ଖାଦ୍ୟ ସଙ୍କଟ ଓ ଶିଶୁ ମୃତ୍ୟୁହାର ସମୀକ୍ଷା କରାଯାଇଥିଲେ ହୁଏତ ଲକ୍ଷାଧିକ ଲୋକଙ୍କ ମୃତ୍ୟୁ ହୋଇ ନ ଥାନ୍ତା।

ଆଉ ଏକ ଉଦାହରଣ ହୋଇପାରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ। ଏଥିରେ ଦୁଇ ଦେଶର ସାମଗ୍ରିକ କ୍ଷତି ହେବା ସହ ତୃତୀୟ ପକ୍ଷ ରୂପେ ସାରା ୟୁରୋପ ଫସିଯାଇ ଅଧିକ ନିଷେଧାଜ୍ଞା ଜାରିକରିବା ଫଳରେ ୟୁରୋପ ଏପରିକି ଆଫ୍ରିକା ଓ ଏସିଆର ଅନେକ ଦେଶରେ ଗ୍ୟାସ୍ ଏବଂ ପେଟ୍ରୋଲ ମୂଲ୍ୟ ବଢ଼ିଯାଇଛି। ଫଳରେ ସବୁଠାରୁ ବେଶି ଗରିବ ଓ ବିକାଶଶୀଳ ଦେଶଗୁଡ଼ିକ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହା ସହ ୟୁକ୍ରେନ୍ ଶସ୍ୟ ଉପରେ ରୁଷିଆର ଅବରୋଧ ଯୋଗୁ ବିଶ୍ୱର କିଛି ଦେଶରେ ଖାଦ୍ୟର ମୂଲ୍ୟ ଊର୍ଦ୍ଧ୍ୱମୁଖୀ। ଏହି ସ୍ଥିତିର ମୁକାବିଲା ପାଇଁ ଉପରେ ଉଲ୍ଲେଖ କରାଯାଇଥିବା ଦ୍ୱିତୀୟ ଓ ଚତୁର୍ଥ ଶ୍ରେଣୀ ବିଷୟରେ କୂଟନୀତି ପ୍ରୟୋଗ କରିବା ଉଚିତ ଥିଲା। ୟୁକ୍ରେନ୍ ଯଦି ରୁଷିଆର ପ୍ରଭାବକୁ ଦୃଷ୍ଟିରେ ରଖିବାକୁ ହେବ ତା'ହେଲେ ସେହି କାର୍ଯ୍ୟ ନାଟୋର ଘାଟି ପ୍ରତିଷ୍ଠା ମାଧ୍ୟମରେ ନ କରି କ୍ରାଡିସଂଗ୍ରର ନିରାପତ୍ତା ପରିଷଦ ମାଧ୍ୟମରେ ବେଶି ଗ୍ରହଣଯୋଗ୍ୟ ହୋଇଥାଆନ୍ତା।

ସମାନ କଥା ଏସିଆକୁ କେନ୍ଦ୍ରକରି ଚାଇନା-ଆମେରିକା ସଂଘାତ କ୍ଷେତ୍ରରେ ପ୍ରଯୁଜ୍ୟ। ଉଭୟ ଦେଶ ଏ ପର୍ଯ୍ୟନ୍ତ ସ୍ପଷ୍ଟ ଭାବେ ସେମାନଙ୍କ ନୀତି ସମ୍ପର୍କରେ କିଛି କହିନାହାନ୍ତି। ଏହା ବଦଳରେ ମଝିରେ ମଝିରେ ମୂଳତଃ ତାଇୱାନ ଓ ବିଶ୍ୱ ବାଣିଜ୍ୟକୁ କେନ୍ଦ୍ରକରି ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଉଛନ୍ତି, ଯାହା କୌଣସି ଭାବେ ଦୁଇଟି ଶକ୍ତିଶାଳୀ ଦେଶ ମଧ୍ୟରେ ସମ୍ପର୍କ ବଢ଼ାଇ ପାରିବନାହିଁ। ଏ ପର୍ଯ୍ୟନ୍ତ ଆମ ଆଲୋଚନାର କେନ୍ଦ୍ର ଥିଲା ରାଷ୍ଟ୍ର ସହ ରାଷ୍ଟ୍ରର (ଷ୍ଟେଟ ଟୁ ଷ୍ଟେଟ ରିଲେଶନ) ସମ୍ପର୍କ। ତେବେ କିଛି ନନ୍ଷ୍ଟେଟ୍ ଆକ୍ଟର (ଅଣସରକାରୀ ସଙ୍ଗଠନ) ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରନ୍ତି। ଇଣ୍ଟରନେଟ୍ ଓ ସାମାଜିକ ଗଣମାଧ୍ୟମରେ ବଳୀୟାନ ସାରା ପୃଥିବୀର ଚିନ୍ତାଶୀଳ ବ୍ୟକ୍ତିମାନେ ଆଜି ଏକ ସୂତ୍ରରେ ବାନ୍ଧିହୋଇଛନ୍ତି। ଫଳରେ ଆଗାମୀ ଦିନର ଗ୍ଲୋବାଲ ଅର୍ଡର କ'ଣ ହେବ ତାକୁ ନେଇ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଆଲୋଚନା ଆରମ୍ଭ ହେବା ଦରକାର। ନ ହେଲେ ଏହାର ଦୁର୍ବଳତାର ଭବିଷ୍ୟତ ଆମେ ଦେଖିପାରିବା। କିନ୍ତୁ ସୁନ୍ଦର ପୃଥିବୀ ଗଢ଼ିତୋଳିବାର ଯେଉଁ ସୁଯୋଗ ଆମର ଅଛି, ସେହି ସୁଯୋଗକୁ ଗ୍ରହଣ କରିବା ପରବର୍ତ୍ତୀ ପ୍ରଜନ୍ମର ସ୍ୱାର୍ଥ ପାଇଁ ଏକାନ୍ତ ପ୍ରୟୋଜନ।

ପ୍ରାଚୀ, ଉତ୍କଳମଣି ମାର୍ଗ, କଟକ
ମୋ: ୯୩୪୮୧୬୭୯୩୧

# ଦିନେ ଥିଲା ସତ୍ୟାଗ୍ରହୀଙ୍କ ଦେଶ

ସତ୍ୟବ୍ରତ ବାରିକ

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀ 'ଅହିଂସା' ଓ 'ସତ୍ୟାଗ୍ରହ'କୁ ଅସ୍ତ୍ର ରୂପେ ବ୍ୟବହାର କରିଥିଲେ, ଯାହା ସମଗ୍ର ବିଶ୍ୱକୁ ଚକିତ କରିଥିଲା ଏବଂ ସେହି ପ୍ରେରଣାରେ ଦେଶର କୋଣ ଅନୁକୋଣରେ ହଜାର ହଜାର ସତ୍ୟାଗ୍ରହୀ ସୃଷ୍ଟି ହୋଇଥିଲେ। ବିଦେଶରେ ମଧ୍ୟ ଅନେକ ବିଦ୍ୱାନ, ବୈଜ୍ଞାନିକ, ମାନବାଧିକାର କର୍ମୀ, ଏପରିକି ରାଷ୍ଟ୍ରନୀତିଜ୍ଞ ଉଦ୍ବୁଦ୍ଧ ହୋଇଥିଲେ। କିନ୍ତୁ ବର୍ତ୍ତମାନ ଭାରତରେ ସ୍ରୋତ ବିପରୀତମୁଖୀ। ନେତାମାନେ ଗୌତମ ବୁଦ୍ଧଙ୍କ ଅହିଂସା, ସତ୍ମାର୍ଗ, ଜ୍ଞାନ ଅର୍ଜନ ପାଇଁ ତପସ୍ୟାର ମୂଲ୍ୟବୋଧ ମଞ୍ଚରେ ପ୍ରଶଂସା କରୁଛନ୍ତି, ଅଥଚ ନିଜ ଦଳ ଓ ଆପଣା ସ୍ୱାର୍ଥ ହାସଲ କରିବା ଲକ୍ଷ୍ୟରେ ଭାରତୀୟ ସମାଜକୁ ଏବେ ଏକ ମିଥ୍ୟାଜାଳରେ ଛନ୍ଦି ପକାଇଲେଣି। ସଙ୍ଗଠିତ ଧାରାରେ ପ୍ରଚାର, ଅପପ୍ରଚାର, ମିଥ୍ୟା ପ୍ରଚାର ହିଁ ଲୋକଙ୍କ ଆଖିରୁ ସତ୍ୟକୁ ଲୁଚାଇ ଦେଉଛି।

'ତିନି ଠକରେ ଛେଳି କୁକୁର' ଉପାଖ୍ୟାନ ସହ ଆମେ ପରିଚିତ, ଏବେ ତାହା ଚାଲିଛି ଏବଂ ଯେଉଁମାନେ ଛେଳିକୁ କୁକୁର ବୋଲି ପ୍ରଚାର କରୁଛନ୍ତି, ସେମାନେ ତଥାକଥିତ 'ମହାଜନ',ଧନ ଓ କ୍ଷମତା ବଳରେ କୋଟିକୋଟି ସାଧାରଣ ଲୋକଙ୍କୁ ଠକିବା ପାଇଁ ତତ୍ପର ଗୋଷ୍ଠୀ, ରାଜନୈତିକ ଦଳ । ଏହା ସହ ସାମାଜିକ ଗଣମାଧ୍ୟମ ମିଥ୍ୟା ପ୍ରସାରଣ ପାଇଁ ଏକ ବଳିଷ୍ଠ ମଞ୍ଚ ହୋଇଛି। ଫଳରେ ସତ୍ୟକୁ ଘୋଡ଼ାଇ ଏକ କାଳ୍ପନିକ କାହାଣୀ ଗିଳାଣ କରାଯାଉଛି ଏବଂ ଏଥିରେ ନିଜ ସ୍ୱାର୍ଥ ମୁଖ୍ୟ, ଲୋକ ସ୍ୱାର୍ଥ ଗୌଣ। ଏକ ଦୃଷ୍ଟାନ୍ତ ନିଅନ୍ତୁ: ଭିନ୍ନ ଭିନ୍ନ ଆଦିବାସୀ ଅଞ୍ଚଳରେ କମ୍ପାନୀଗୁଡ଼ିକ ଦ୍ୱାରା ଜମି ଦଖଲ ବିରୋଧରେ ଲୋକେ ପ୍ରତିବାଦ କରୁଛନ୍ତି ଓ ପୋଲିସ ଅତ୍ୟାଚାରର ଶିକାର ହେଉଛନ୍ତି, କିନ୍ତୁ ପ୍ରଚାର କରାଯାଉଛି ଯେ ଲୋକେ ବିକାଶ ବିରୋଧୀ। କୌଣସି ସାମାଜିକ କର୍ମୀ ବା ପ୍ରଶାସକ ଗରିବ ଲୋକଙ୍କ ଅଧିକାର ପାଇଁ ବା ପରିବେଶ ଧ୍ୱଂସ ବିରୋଧରେ ସ୍ୱର ଉତ୍ତୋଳନକଲେ,ତାଙ୍କୁ 'ସହରୀ ନକ୍ସଲ' ବା 'କମ୍ୟୁନିଷ୍ଟିଆ' ଆଖ୍ୟା ମିଳିଲା। ଶାସନ-ତନ୍ତ୍ରର ପ୍ରତ୍ୟକ୍ଷ ସମର୍ଥନରେ କ୍ରମେ ଅପସତ୍ୟ ବା ସୁବିଧାବାଦୀଙ୍କ ସତ୍ୟ ଆମ ସଂସ୍କୃତିର ଏକ ଅଂଶ ହେବାରେ ଲାଗିଛି।

ବର୍ତ୍ତମାନ ଆମ ଦେଶର ସ୍ଥିତିକୁ ନେଇ ସତ୍ୟକୁ ବିକୃତକରି ଉପସ୍ଥାପନ କରିବାର ଅନେକ ଦୃଷ୍ଟାନ୍ତ ମିଳିବ। ନିଜ ଧର୍ମ ଓ ସାମାଜିକ ବ୍ୟବସ୍ଥାର ତ୍ରୁଟିମାନ ସୁଧାରିବା ପରିବର୍ତ୍ତେ ଅନ୍ୟ ଧର୍ମକୁ ନିନ୍ଦାକରିବା ଓ ଅନ୍ୟ ସମ୍ପ୍ରଦାୟକୁ ଶତ୍ରୁ ବୋଲି ଚିହ୍ନାଇବା ଏକ ରାଜନୈତିକ ଅସ୍ତ୍ରରେ ପରିଣତ ହୋଇଛି। ଲୋକଙ୍କଠାରୁ ବ୍ୟବହାର ତଥ୍ୟ ଲୁଚାଇବା ସକାଶେ ସେମାନଙ୍କୁ ଭାବାବେଗରେ ପ୍ରମତ୍ତ କରାଯାଉଛି। ଦୁର୍ଭାଗ୍ୟର କଥା ଲୋକଙ୍କ ମଧ୍ୟରେ ମିଥ୍ୟାଗ୍ରହ ବଢ଼ିଚାଲିଛି।

ମିଥ୍ୟାଗ୍ରହ ଯଦି ଜାତୀୟ ସ୍ରୋତର ଏକ ଅଂଶ ପାଲଟିଯାଏ, ତେବେ ପରିଣାମ:ସମ୍ପଦର ସ୍ୱର ଦବିଯିବ, ଗଣତନ୍ତ୍ର ଫମ୍ପା ସାବ୍ୟସ୍ତ ହେବ। ଯେଉଁ ସ୍ୱଚ୍ଛଳ ଓ ଶିକ୍ଷିତ ବର୍ଗ ସମାଜର ମୂଲ୍ୟବୋଧ ବିଷୟରେ ସଚେତନ ଓ ମୁଖର ହେବା କଥା, ସେମାନେ ଭୟଭୀତ ହୋଇ ନୀରବ ରହିବା ନିରାପଦ ମଣୁଛନ୍ତି। ଗଣମାଧ୍ୟମରେ ସୁସ୍ଥ ସୌହାର୍ଦ୍ଦ୍ୟପୂର୍ଣ୍ଣ ବିତର୍କ ଓ ଭିନ୍ନମତ ପ୍ରକାଶର ଅବକାଶ ନାହିଁ। ଟିଭିରେ ବିତର୍କ ନାମରେ ବିଷୋଦ୍ଗାର ଚାଲିଛି; ସେସବୁକୁ ଉପଭୋଗ କରୁଥିବା ଲୋକେ ସେମାନଙ୍କ ପୂର୍ବାଗ୍ରହ ଅନୁଯାୟୀ ଉତ୍ତେଜିତ ବା ଉତ୍ସାହିତ ହୋଇଯାଉଛନ୍ତି, ମାତ୍ର ସେମାନଙ୍କ ଭିତରେ ନିରପେକ୍ଷ ବିଚାର ଉଭେଇଯାଉଛି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ପ୍ରତି ରାଷ୍ଟ୍ର ଯଦି ହିଂସ୍ର ଆଚରଣ କରେ, ଅପରପକ୍ଷରେ କ୍ଷମତାସୀନ ବ୍ୟକ୍ତି ଅପରାଧକରି ଯଦି ପୁରସ୍କୃତ ହୁଏ, ତେବେ ଆଇନର ଶାସନ କ୍ରମଶଃ କ୍ଷୟ ହୋଇଚାଲିବ ଏବଂ ସମାଜରେ ଅପରାଧ ପ୍ରବଣତା ବୃଦ୍ଧିପାଇବ। ମିଥ୍ୟାର ପ୍ରସାର ଲାଗିରହିଲେ ଲୋକେ ସରକାର ଓ ସରକାରୀ ଅନୁଷ୍ଠାନ ପ୍ରତି ବିଶ୍ୱାସ ହରାଇବେ। ଏମିତି ତ ଦୁର୍ନୀତି ଶାସନ କଳ ଭିତରେ ଏକ ସଂସ୍କୃତି ପାଲଟିଯାଇଛି, ଏହା ସ୍ୱାଭାବିକ ବୋଲି ସର୍ବସାଧାରଣ ଗ୍ରହଣ କଲେଣି; ଫଳତଃ ଧୂର୍ତ୍ତ ଲୋକେ ଏହାର ସୁଯୋଗ ନେଇ ଧନ ଫୁଲାଇବାରେ ଲାଗିଛନ୍ତି ଏବଂ ଅନ୍ୟଥା ଶାନ୍ତ ସଚ୍ଚୋଟ ସାଧାରଣ ଲୋକଟି ଲାଞ୍ଚ-ମିଛ ସହ ସାଲିସକରି ଚଳିବ ସରକାରୀ ଧାରାରୁ ମୁକୁଳିବା ପ୍ରୟାସ କରୁଛି।

ଭାବିବା କଥା, ଏକ ମିଥ୍ୟା କିପରି ସତର ଛଦ୍ମରୂପ ଧାରଣକରେ ଓ ଲୋକଙ୍କ ବିଶ୍ୱାସ ଘରେ ବସାବାନ୍ଧେ। ଜଣେ ହାରାହାରି ଭାରତୀୟଙ୍କୁ ଆମେ ସହଜରେ ନିରୀହ, ଅଜ୍ଞ, ସରଳବିଶ୍ୱାସୀ ଓ ଅନ୍ଧବିଶ୍ୱାସୀ ବୋଲି କହିପାରିବା। ପ୍ରମାଣ ଅନେକ: ଗହଣା ଗାଣ୍ଠିଧୁଆ ମାଙ୍କୁ କରିବାକୁ ଆସୁଥିବା ଠକଙ୍କ ହାତୁଡ଼ରେ ପଡ଼ି ମୂଲ୍ୟବାନ୍ ଅଳଙ୍କାର ହରାଇବା ; ଅଧିକ ଲାଭଲୋଭ ଆଶାକରି ଚିଟ୍ଫଣ୍ଡ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ହେବା ; ଭଣ୍ଡବାବାଙ୍କ ଅବାନ୍ତର ଅଲୌକିକ ପ୍ରବଚନରେ ମୋହଗ୍ରସ୍ତ ହୋଇ ଯୌନ ଯାତନାର ଶିକାର ହେବା ; ଏବେ ପାଞ୍ଚଶହ ହେଉ ବା ପାଞ୍ଚ ହଜାର ଟଙ୍କା ନେଇ ନିଜ ଭୋଟ ଓ ନାଗରିକତ୍ୱ ବିକ୍ରି କରିଦେବା । ଏଭଳି ଲୋକଙ୍କୁ ବୋକା ବନାଇବା ପାଇଁ ଅଛନ୍ତି ଚତୁର ନେତା, ଚତୁର ବ୍ୟବସାୟୀ, ଚତୁର ସରକାରୀ କର୍ମଚାରୀ, ଚତୁର ବୁଦ୍ଧିଜୀବୀ ପରି ଆହୁରି ଅନେକ। ଏମାନଙ୍କର ଗୋଟିଏ ବିଶେଷ ପରିଚୟ ହେଉଛି ସେମାନଙ୍କ ପାଖରେ ଧନ ଓ କ୍ଷମତା ଥାଏ, ମାତ୍ର ଦେଶ ବା ଲୋକଙ୍କ ପ୍ରତି ଥାଏ ହେୟଜ୍ଞାନ। ହଁ, ଧନ, କ୍ଷମତା ଥାଇ ସାଧୁ ସଚ୍ଚୋଟ ଅଛନ୍ତି, କିନ୍ତୁ ସେମାନଙ୍କ ସଂଖ୍ୟା ବିରଳ। ତେବେ ମିଥ୍ୟା ବା ଅପସତ୍ୟକୁ ସତ୍ୟ ବୋଲି ବିଶ୍ୱାସ କରିନେବା ସେଇ ହାରାହାରି ନାଗରିକର ଭୁଲ୍। ଧନ ଓ କ୍ଷମତାରେ ମସ୍ଗୁଲ ଠକ କେବେ ସଂଶୋଧନ ହେବନାହିଁ।

ମିଥ୍ୟାଗ୍ରହରୁ ମୁକ୍ତି ଓ ସତ୍ୟର ପୁନରୁଦ୍ଧାର ସମ୍ଭବ କି? ହଁ, ଆଶା ଅଛି, ଦେଶରେ ସାହସୀ ବ୍ୟକ୍ତି ଅଛନ୍ତି, ଯେଉଁମାନେ ମିଥ୍ୟାତନ୍ତ୍ରର ଛଦ୍ମ ଖୋଲୁଛନ୍ତି; ଠିକ୍ ଯେପରି ଏବର ସଚେତନ ଆଦିବାସୀମାନେ ଚିରାଚରିତ ଏକଲବ୍ୟ କାହାଣୀକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ବ୍ୟବସ୍ଥାର ବିରୋଧ ଓ ଶାସକଙ୍କ ସମାଲୋଚନା କରି ଲୋକେ ବିନା ବିଚାରରେ ବନ୍ଦୀ ଜୀବନ କାଟୁଛନ୍ତି, ଠିକ୍ ସ୍ୱାଧୀନତା ସଂଗ୍ରାମ କାଳରେ ଘଟୁଥିଲା। ମାତ୍ର ଦେଶର ବଡ଼ ବଡ଼ ଖବରଦାତା , ସାମାଜିକ କର୍ମୀ, ଆଇନଜୀବୀ,ଲେଖକଲେଖିକା ସ୍ରୋତର ପ୍ରତିକୂଳରେ ଯିବାର ସାହସ ଦେଖାଉଛନ୍ତି। ଏମାନଙ୍କ ଅନୁସରଣରେ ସାଧାରଣ ଲୋକେ ମଧ୍ୟ ଆପଣା ସୀମିତ ଜୀବନଚକ୍ରରୁ ବାହାରକୁ ଆସିଲେ ଅନୁସନ୍ଧାନ କରନ୍ତୁ, ସତ୍ୟ ବୁଝିବାର ଚେଷ୍ଟା କରନ୍ତୁ ଏବଂ ମିଥ୍ୟାଠାରୁ ଦୂରରେ ରୁହନ୍ତୁ।



ବାରିପଦା, ମୋ: ୯୯୩୮୦୦୯୧୮୧

## ଏଇ ଭାରତରେ

ବୟସ ୧୪, ହେଲେ ସାପଧରି ବିସ୍ମୟର ପରିଚୟ ଦେଇଛନ୍ତି କେରଳର ଅନନ୍ୟା ବିଶ୍ୱେସ । ସ୍କୁଲରେ ପଢୁଥିବାରୁ ସପ୍ତାହନ୍ତରେ ସାପ ଧରିବାକୁ ବାହାରାଯାଉଛନ୍ତି ଏବଂ ଏବେ ସୁଦ୍ଧା ୭୫ରୁ ଊର୍ଦ୍ଧ୍ୱ ସାପ ଧରି ସାରିଲେଣି। ସେ କେରଳର ପାଲାକ୍କାଡ୍ ଜଙ୍ଗଲ ବିଭାଗକୁ ଏ ଦିଗରେ ମଧ୍ୟ ସହଯୋଗ କରୁଛନ୍ତି। ଅନନ୍ୟା ମଧ୍ୟ ୱାଇଲ୍ଡଲାଇଫ ଫଟୋଗ୍ରାଫର ଭାବେ ଜଣାଶୁଣା। ସେ ପଞ୍ଚମରେ ପଢୁଥିବା ସମୟରେ ନାଜରିତ ପର୍ବତମାଳା ଅଞ୍ଚଳର ଓକିଲୁ ପ୍ରଥମେ ଭ୍ରମଣରେ ଯାଇଥିଲେ ତା ପରେ ବାରମ୍ବାର ସେଠାକୁ ଯିବାକୁ ଚାହିଁଥିଲେ। ପରିସ୍ଥିତି ଏମିତି ହେଲା ତାଙ୍କ ମାତାପିତା ଅନନ୍ୟାଙ୍କୁ ଓଡ଼ି ପକ୍ଷିକ ସ୍କୁଲରେ ନାମ ଲେଖାଇଥିଲେ। ସେ ସେଠାରେ ୮ ବର୍ଷ ପଢ଼ିଛନ୍ତି ଓ ପରେ ପୁଣି କେରଳ ଫେରି ସାପ ଧରୁଛନ୍ତି। ସେ ପ୍ରଥମେ ଓରିରେ ସାପ ଧରିବା ଆରମ୍ଭ କରିଥିଲେ। ସେ ସାପ ଓ ଅନ୍ୟାନ୍ୟ ସରୀସୃପଙ୍କ ସମ୍ପର୍କରେ ଜୁଲିଯର ମାଷ୍ଟର୍ସ ଡିଗ୍ରୀ ହାସଲ କରିଛନ୍ତି। କେରଳ ବନ ବିଭାଗରୁ ସେ ସାପ ଧରାରେ ବ୍ୟବହାରିକ ପ୍ରଶିକ୍ଷଣ ପାଇଛନ୍ତି। ୨୦୨୩ରେ ମଧୁମଲାଇ ବାଘ ସଂରକ୍ଷଣ ଜଙ୍ଗଲରେ ବାଘ ଉଦ୍ଧାର କାର୍ଯ୍ୟରେ ଭାଗ ନେଇଥିଲେ। ବଡ଼କଥା ହେଉଛି ସେ ୫୦୦୦ରୁ ଅଧିକ ପିଲାଙ୍କୁ ବନ୍ୟପ୍ରାଣୀ ସମ୍ପର୍କରେ ସଚେତନ କରିବାରେ ସକ୍ଷମ ହୋଇଛନ୍ତି। ଅନନ୍ୟା ୬ଟି ଭାଷାରେ କଥା ହୋଇପାରୁଥିବାରୁ ପିଲାମାନଙ୍କୁ ବନ୍ୟପ୍ରାଣୀ ସମ୍ପର୍କରେ ସଚେତନ କରାଇବା ସହଜ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ନଭେମ୍ବର ୧୯୭୬

- ଗୋଷ୍ଠୀ ଉନ୍ନୟନ ଓ ସମାଜ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ମୋହନ ନାୟକ କ୍ୟାବିନେଟ ମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି।
- ଜାତିସଂଘ ସାଧାରଣ ପରିଷଦର ଅଧିବେଶନରେ ଗଙ୍ଗାନଦୀର ଜଳ ବଣ୍ଟନ ନେଇ ବାଂଲାଦେଶ ପକ୍ଷରୁ ଅଣାଯାଇଥିବା ଅଭିଯୋଗମୂଳକ ପ୍ରସ୍ତାବ ପ୍ରତ୍ୟାଖ୍ୟାନ।

## ଚିରନ୍ତନୀ

ତରୁପୁଞ୍ଜ କି ଧ୍ୟାନେ ରହିଥିଲା ତବଧ
ଛାୟା ଅଙ୍ଗେ ଅଙ୍ଗେ ଢାଳି, ନ ଥିଲା ତ ଶବଦ
ଜୋଛନାର ସଙ୍ଗରେ ମୃଦୁ ମଧୁ ହିଲ୍ଲୋଳ
ଦୂର ନଦୀ ବାଲୁକାରେ କରୁଥିଲା ବିକଳ,
ମନେ ମନେ ପୀରତିରେ ବଢୁଥିଲା ରଜନୀ
ତୁମେ କିମ୍ବା ଧୀର ପଦେ ଉଭାହେଲ ସଜନୀ !
-(ଛନ୍ଦ ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିନା ଲାଞ୍ଚରେ କାମ ହେଉନାହିଁ

ମହାଶୟ,

ରାଜ୍ୟକୁ ଲାଞ୍ଚମୁକ୍ତ କରିବାକୁ ଅଧିକାରୀମାନଙ୍କୁ ଶପଥ କରାଯାଇଛି। ତଥାପି ଲାଞ୍ଚ ନେଇ ଅଧିକାରୀମାନେ ଭିଜିଲାନ୍ସ ହାତରେ ଧରାପଡୁଛନ୍ତି। ସେମାନଙ୍କୁ ଧରି ଜେଲ ଭିତରେ ରଖି ଦେଲେ ଲାଭ କିଛି ହେଉନାହିଁ। କଠୋରରୁ କଠୋର ଶାସ୍ତି ଯଦି ନ ମିଳୁଛି ଏବଂ ଦୁରିତ ଦୁର୍ନୀତି ତ ଫେଇଯାଇ ଯଦି ନ ହୋଇପାରୁଛି ତେବେ ସେହି ଅଧିକାରୀଙ୍କ ଉପରେ ପ୍ରଭାବ ପଡ଼ିବ ନାହିଁ। ପ୍ରାୟ କୌଣସି ଅଫିସରେ ବିନା ଲାଞ୍ଚରେ କାମ ହେଉନାହିଁ। ଯେଉଁମାନେ ଧରା ହୋଇନାହାନ୍ତି, ସେମାନେ ଭାବୁଛନ୍ତି ତାଙ୍କର ପାଳି ପଡ଼ିବନାହିଁ। ଯେଉଁ ଶବ ବାହକମାନେ ଶବକୁ କାନ୍ଧେଇ ମଶାଣିକୁ ନେଉଥାନ୍ତି ସେମାନେ ନିଜ ମୃତ୍ୟୁ କଥା ଭାବି ନ ଥାନ୍ତି। ମୃତ୍ୟୁ କେତେବେଳେ ଆସିଯିବ ତାହା କେହି କହିପାରିବେ ନାହିଁ। ତେଣୁ ସେମାନଙ୍କର ଅବଧାରିତ ପାଇଁ ଲାଞ୍ଚୁଆ ଅଫିସରଙ୍କୁ କଠୋରରୁ କଠୋରତମ ଶାସ୍ତି ଦେଇ ସମାଜକୁ ସତର୍କ କରାଇ ଦିଅନ୍ତୁ। ନ ହେଲେ ଏହି ଲାଞ୍ଚୁଆ ଅଫିସରମାନେ ସରକାରଙ୍କ ଏହି ଶପଥପାଠ ଓ କାର୍ଯ୍ୟକାରିତାକୁ ଅବଜ୍ଞାରେ ଫୁ କରିଦେବେ।

-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଆଦିଦେବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଓଡ଼ିଶାକୁ ମିଳିଲା ୪,୩୫୩ କୋଟିର ଶିଳ୍ପ ନିବେଶ

**■ ୧୧ ଜିଲାରେ ପ୍ରତିଷ୍ଠା ହେବ ୨୦ ଶିଳ୍ପ**

**■ ୭,୮୧୫ ନିଯୁକ୍ତି ସୁଯୋଗ ଆଶା**

ଭୁବନେଶ୍ୱର,୨୫।୧୧ (ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ ଦ୍ୱାରା ୪,୩୫୩ କୋଟି ଟଙ୍କାର ୨୦ଟି ବଡ଼ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ନିବେଶ ଦ୍ୱାରା ରାଜ୍ୟର ୧୧ ଜିଲାରେ ୭,୮୧୫ଟି ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ୧୪୨ତମ ଷ୍ଟେଟ୍ ଲେବଲ୍ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍ଏଲ୍ଏସ୍ଡବ୍ଲୁସିଏ) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରସାୟନ, ଇଲେକ୍ଟ୍ରୋନିକ୍ସ, ଆଲୁମିନିୟମ, ପର୍ଯ୍ୟଟନ, ଅବସଂରଚନା, ଆଇଟି ସେବା, ବିଦ୍ୟୁତ୍ ଓ ନବୀକରଣଯୋଗ୍ୟ ଉର୍ଜା ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଭଳି ବିଭିନ୍ନ କ୍ଷେତ୍ରକୁ ମୋଟ ୪,୩୫୨.୮୭ କୋଟି ଟଙ୍କାର ଏହି ୨୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଲାଭବାନ ହେବାକୁ ଥିବା ଜିଲାଗୁଡ଼ିକ ମଧ୍ୟରେ ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ରହିଛି। ସୁନ୍ଦରଗଡ଼ ଜିଲାରେ ଏନ୍‌ଟିପିସି ସେଲ୍ ପାୱାର କମ୍ପାନୀ ଲିମିଟେଡ୍ ଶକ୍ତି ଓ ନବୀକରଣଯୋଗ୍ୟ ଉର୍ଜା କ୍ଷେତ୍ରରେ ସର୍ବାଧିକ ୭୧୦.୨୭ କୋଟି ଟଙ୍କା ନିବେଶକରିବ। କେନ୍ଦୁଝର ଜିଲାରେ ୬୦୦ କୋଟି ନିବେଶରେ ରଶ୍ମି ମେଟାଲର୍ଜି ଇଣ୍ଡଷ୍ଟ୍ରି ପ୍ରାଇଭେଟ୍ ଲିମିଟେଡ୍ ଆଇରନ୍ ଓର୍ ବେନିଫିକେଶନ୍ ପ୍ଲାଣ୍ଟ ସ୍ଥାପନ କରିବ। ଜଗତ୍‌ସିଂହପୁର ଜିଲାରେ ୫୩୨ କୋଟି ଟଙ୍କା ନିବେଶରେ ପିଟି ୱାର୍କସ୍ ପ୍ରାଇଭେଟ୍ ଲିମିଟେଡ୍ ବେଭେରେଜେସ୍ ୟୁନିଟ୍ ସ୍ଥାପନ କରିବ। ଖୋର୍ଦ୍ଧାରେ ଆଇନେକ୍ସ ରିନ୍ୟୁଏବଲସ୍ ପ୍ରାଇଭେଟ୍ ଲିମିଟେଡ୍ ୫୦୫ କୋଟି ଟଙ୍କା ବ୍ୟୟରେ ସୋଲାର ମଡ୍ୟୁଲ୍ ମାନ୍ୟୁଫାକ୍ଚରିଂ ୟୁନିଟ୍ ଗଢ଼ିବ। ଅନୁଗୋଳରେ ଗୋଦାବରୀ କମୋଡିଟିଜ୍ ଲିମିଟେଡ୍ ୫୦୦ କୋଟି ଟଙ୍କା ବ୍ୟୟରେ କୋଲ୍ ୱାସେରି ପ୍ରୋଜେକ୍ଟ କାର୍ଯ୍ୟକାରୀ ହେବ। ସେହିପରି ଯାଜପୁରରେ ସିନୋମାକ୍ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିମିଟେଡ୍ ରେଲୱେ କମ୍ପୋନେଣ୍ଟ କ୍ଷେତ୍ରରେ ୫୦୦ କୋଟି ନିବେଶ କରିବ।

# କାର୍ ବଜାର ଉତ୍ସବ-୨୦୨୫



ଭୁବନେଶ୍ୱର,୨୫।୧୧ (ଅନୁରାଧା ମହାରଣା)

ୟୁଜ୍‌ଡ କାର୍ ନେଟ୍‌ୱର୍କ କାର୍ ବଜାର ଡଟ୍‌କମ୍ ପକ୍ଷରୁ କାର୍ ବଜାର ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ପୁରୀ ବାଇପାସ୍ କୋରଡକଣ୍ଟା ଶୋ'ରୁମ୍ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ ପଟ୍ଟନାୟକ, ନିର୍ଦ୍ଦେଶକ କଳାଶ୍ରୀ କଣ୍ଡୁଙ୍ଗୋ, ବିଜ୍‌ନେସ୍ ହେଡ୍ ସୁରମିତ କୌର ଓ ବ୍ରାଞ୍ଚ ମ୍ୟାନେଜର ମନୋଜ ପାତ୍ର ଯୋଗଦେଇଥିଲେ। ସେଲ୍‌ସ, ଅପ୍‌ଟେକ୍ (ପ୍ରୋକ୍ୟୁରମେଣ୍ଟ), ଫାଇନାନ୍ସ, ଆକାଉଣ୍ଟସ୍, ୱାର୍କଶପ୍, ବଡ଼ିଶପ୍ ଆଦି ବର୍ଗରେ ବର୍ଷ ଶ୍ରେଷ୍ଠ ପ୍ରଦର୍ଶନକାରୀ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କର ଉଚ୍ଚ ପଦାଧିକାରୀ, ଲିଡିଂ ଫାଇନାନ୍ସର, ୟୁଟ୍ୟୁବର, ଇନ୍‌ଫ୍ଲୁଏନ୍‌ସର ଓ ଗ୍ରାହକମାନେ ଯୋଗଦେଇଥିଲେ। ଏମ୍‌ଡି ପଟ୍ଟନାୟକ ତାଙ୍କ ଉଦ୍‌ବୋଧନରେ କହିଥିଲେ, କ୍ୟାଲେଣ୍ଡର ବର୍ଷ-୨୦୨୬ ମଧ୍ୟରେ ଓଡ଼ିଶାର ୧୦ଟି ପ୍ରମୁଖ ସହରରେ କାର୍ ବଜାର ବିସ୍ତାର କରିବ। ଏହା ମାଧ୍ୟମରେ ରାଜ୍ୟରେ ନୂତନ ନିଯୁକ୍ତି ସୃଷ୍ଟି ଓ ଆଧୁନିକ ଗାଡ଼ି ବିପଣନ ପରିବେଶ ଗଢ଼ି ଉଠିବ।

# ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ 'ବିବାହ' କଲେକ୍ସନ

ଭୁବନେଶ୍ୱର,୨୫।୧୧ (ଅନୁରାଧା ମହାରଣା)



ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ବିବାହ ଋତୁକୁ ଦୃଷ୍ଟିରେ ରଖି ଆକର୍ଷଣୀୟ 'ବିବାହ' କଲେକ୍ସନର ଶୁଭାରମ୍ଭ କରାଯାଇଛି। ବିବାହ କରିବାକୁ ଯାଉଥିବା ନାରୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା ଏହି ସ୍ୱତନ୍ତ୍ର କଲେକ୍ସନ ଗୋଲ୍ଡ, ଡାଇମଣ୍ଡ, ସିଲ୍‌ଭର, ଗୋସିପ ଓ ଜେମ୍‌ଷ୍ଟୋନ ଜୁଏଲେରି ଉପରେ ବିଭିନ୍ନ ଅଫର ମଧ୍ୟ ଘୋଷଣା କରାଯାଇଛି। ଦେଶର ୧୯୨ରୁ ଅଧିକ ଶୋ'ରୁମ୍‌ରେ ଗ୍ରାହକମାନେ ଡିସେମ୍ବର ୧୪ ମଧ୍ୟରେ ଏହି ଗହଣା ପାଇପାରିବେ। ୱେବ୍‌ସାଇଟ ମାଧ୍ୟମରେ ମଧ୍ୟ କ୍ରୟ ସୁବିଧା ରହିଛି। ଏ ସମ୍ପର୍କରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ଏବଂ ମାର୍କେଟିଂ ଓ ଡିଜାଇନ ବିଭାଗର ମୁଖ୍ୟ ଯୋଇତା ସେନ୍ କହିଛନ୍ତି,ଏହି କଲେକ୍ସନର ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି, ସୁନା ଅଳଙ୍କାରର ମେକିଂ ଚାର୍ଜ ଉପରେ ୩୫% ପର୍ଯ୍ୟନ୍ତ ରିହାତି, ପୁରୁଣା ସୁନା ଏକ୍ସଚେଞ୍ଜ ଉପରେ ୦% ହ୍ରାସ, ଗୋସିପ ଜୁଏଲେରିର କ୍ରୟ ଉପରେ ମୂଲ୍ୟରେ ୧୫% ପର୍ଯ୍ୟନ୍ତ ରିହାତି ଆଦି ସାମିଲ ରହିଛି। ଏଥିସହ ଗ୍ରାହକମାନେ ୫ ଲକ୍ଷ ଟଙ୍କାର ସର୍ବନିମ୍ନ ବିଲ୍ ସହିତ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଏକ ଜୁଏଲେରି ଭାଉଚର ହାସଲ କରିବାର ସୁଯୋଗ ପାଇବେ। କେବଳ ୪୫ ଦିନରେ ହେବାକୁ ଥିବା ୪୬ ଲକ୍ଷ ବିବାହ ଭାରତୀୟ ଅର୍ଥନୀତିରେ ୬.୫ ଲକ୍ଷ କୋଟି ଟଙ୍କା ଯୋଗ କରିବ ବୋଲି ଆଶା କରାଯାଉଛି।

# ୟୁବିଆଇ ପକ୍ଷରୁ ସିକେୱାଇସିଆର୍ଆର୍ ସଚେତନତା

ଭୁବନେଶ୍ୱର,୨୫।୧୧ (ଅନୁରାଧା ମହାରଣା)




ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ) ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରରେ ୧୮ତମ ସିକେୱାଇସିଆର୍ଆର୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଣ୍ଟ୍ରାଲ କେୱାଇସି ରେକର୍ଡ ରେଜିଷ୍ଟ୍ରି (ସିକେୱାଇସିଆର୍ଆର୍) ଏବଂ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଗ୍ରାହକ ଯାଞ୍ଚ ପ୍ରକ୍ରିୟାକୁ ସୁଦୃଢ଼ କରିବାରେ ଏହାର ଭୂମିକା ସମ୍ପର୍କିତ ବୁଝାମଣାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ୟୁବିଆଇ ମୁଖ୍ୟ କାର୍ଯ୍ୟାଳୟର କେୱାଇସି ମହାପ୍ରବନ୍ଧକ ସୁନୀଲ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଜଏଣ୍ଟ ସେକ୍ରେଟାରି ଡିଏଫ୍ଏସ୍ ସୁଧୀର ଶ୍ୟାମ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ୟୁବିଆଇର ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣ ଶର୍ମାଙ୍କ ସମେତ ସେରସାଇର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ କୁମାର ସିଂ, ପିଡ଼-ଇଣ୍ଡର ଡେପୁଟି ଡାଇରେକ୍ଟର ହନି ପାଟଡ଼ି, ମୁଖ୍ୟ ମହାପ୍ରବନ୍ଧକ ତଥା ଏସ୍ଏଲ୍‌ବିସି ସଂଯୋଜକ ଗୌତମ ପାତ୍ର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଭୁବନେଶ୍ୱରର ଅଞ୍ଚଳ ପ୍ରବନ୍ଧକ ଏଚ୍.କେ. ଦାସ ଧନ୍ୟବାଦ ଦେଇଥିଲେ।

# ବିଶୁଦ୍ଧ ପାନୀୟ ଜଳକୁ ବେଦାନ୍ତର ଗୁରୁତ୍ୱ




ଭୁବନେଶ୍ୱର,୨୫।୧୧

ବିଶୁଦ୍ଧ ପାନୀୟଜଳ ଯୋଗାଣକୁ ବେଦାନ୍ତ ଆଲୁମିନିୟମ ଗୁରୁତ୍ୱ ଦେଇଛି। କମ୍ପାନୀ କୋରାପୁଟ ଜିଲାର କୋଡିଙ୍ଗାମାଳିର ବିଦ୍ୟାଳୟଗୁଡ଼ିକରେ ୩୦ଟି ଜଳବିଶୋଧନ ୟୁନିଟ୍ ସ୍ଥାପନକରି ଓଡ଼ିଶାର ସ୍କୁଲପିଲାଙ୍କ ପାଇଁ ନିରାପଦ ପାନୀୟ ଜଳ ଉପଲବ୍ଧ କରାଇଛି। ଏହାଦ୍ୱାରା ୩୦୦୦ରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହେଉଥିବା କମ୍ପାନୀ କହିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାର ମାନକୁ ସୁଦୃଢ଼ କରିବାକୁ କମ୍ପାନୀର ଫ୍ଲାଗ୍‌ଶିପ ୱାଟର, ସାନିଟେଶନ ଆଣ୍ଡ୍ ହାଇଜିନ (ୱାଶ) କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଏହି ପଦକ୍ଷେପ ନିଆଯାଇଛି। ୟୁ.ଏନ୍. ରାଜୁ ବାଳିକା ଉଚ୍ଚ ବିଦ୍ୟାଳୟରେଏହାର ଉଦ୍‌ଘାଟନୀ ଉତ୍ସବରେ ଲକ୍ଷ୍ମୀପୁରର ବିଧାୟକ ପବିତ୍ର ସାଉନ୍ତା କହିଥିଲେ, ଏହି ଅଞ୍ଚଳର ବିଦ୍ୟାଳୟଗୁଡ଼ିକ ପାଇଁ ନିରାପଦ ପାନୀୟ ଜଳ ଏକ ଜରୁରୀ ଆବଶ୍ୟକତା। ଏହା ଛାତ୍ରୀଛାତ୍ରଙ୍କ ଦୈନନ୍ଦିନ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଥିଲେ, ବିଦ୍ୟାଳୟରେ ଜଳ ଭିତ୍ତିଭୂମିକୁ ସୁଦୃଢ଼କରି, ସ୍ୱାସ୍ଥ୍ୟକର ଶିକ୍ଷଣ ପରିବେଶ ସୃଷ୍ଟିକରିବାକୁ ଲକ୍ଷ୍ୟ ରଖିଛୁ।

# ସୁମନ ଚକ୍ରବର୍ତ୍ତୀ କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ

ଭୁବନେଶ୍ୱର,୨୫।୧୧



କାନାରା ବ୍ୟାଙ୍କ, ଭୁବନେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ସୁମନ ଚକ୍ରବର୍ତ୍ତୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସୁମନଙ୍କର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ୨୯ ବର୍ଷର ଅଭିଜ୍ଞତା ରହିଛି। ସେ ରିଟେଲ ଆସେଟ୍ ହବ୍, ରିଜିଓନାଲ ମୁଖ୍ୟ, ଟ୍ରେଜେରି ପରିଚାଳନା , ମିଡ୍ କର୍ପୋରେଟ୍ କ୍ରେଡିଟ୍, ରିସ୍କ ମ୍ୟାନେଜମେଣ୍ଟ ସହ ହଂକଂ ଏବଂ ଜୋହାନ୍ସବର୍ଗର ବ୍ୟାଙ୍କର ବିଦେଶୀ ଶାଖାରେ କାର୍ଯ୍ୟ କରିଛନ୍ତି। ସେ ଭୁବନେଶ୍ୱରର ମଣ୍ଡଳ ମୁଖ୍ୟ ଭାବେ ସମସ୍ତ ସର୍କଲରେ ବ୍ୟବସାୟିକ ଅଭିବୃଦ୍ଧିକୁ ସୁଦୃଢ଼ କରିବା, ଗ୍ରାହକ ସେବା ପ୍ରଦାନ କରିବା, କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ଏବଂ ଓଡ଼ିଶାର ଗ୍ରାମୀଣ, ଅର୍ଦ୍ଧସହରୀ ଓ ସହରାଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିବେ ବୋଲି ସୂଚନା ଦେଇଛନ୍ତି।

# ବିଶ୍ୱର ସର୍ବବୃହତ୍ ଦୁଗ୍ଧ ଉତ୍ପାଦକ ଭାରତ

ଭୁବନେଶ୍ୱର,୨୫।୧୧

ଭାରତ ବର୍ତ୍ତମାନ ବିଶ୍ୱର ସବୁଠାରୁ ଅଧିକ ଦୁଗ୍ଧ ଉତ୍ପାଦନକାରୀ ଦେଶ। ୨୦୨୩-୨୪ରେ ଦେଶରେ ୨୩୯.୩୦ ନିୟୁତ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଥିବା ବେଳେ ୨୦୧୪-୧୫ ତୁଳନାରେ ଏହା ୬୩.୫୬% ଅଧିକ। ପ୍ରତି ବ୍ୟକ୍ତି ଦୈନିକ ଦୁଗ୍ଧ ଉପଲବ୍ଧତା ୧୨୪ ଗ୍ରାମ୍ ବୃଦ୍ଧି ପାଇ ୪୭୧ ଗ୍ରାମରେ ପହଞ୍ଚିଛି। ଦେଶରେ ୩୦.୩୭ କୋଟି ଗୋ-ପଶୁ ରହିଛନ୍ତି ଏବଂ ଗୋ-ଉତ୍ପାଦକତାରେ ଭାରତର ବୃଦ୍ଧି ଦର ବିଶ୍ୱର ସର୍ବାଧିକ (୨୭.୩୯%)। ଦୁଗ୍ଧ କ୍ଷେତ୍ରରେ କାର୍ଯ୍ୟରତ ମହିଳା ୭୦% ଏବଂ ୩୫% ସମବାୟ ସଦସ୍ୟ ରହିଛନ୍ତି। ୪୮,୦୦୦ରୁ ଅଧିକ ମହିଳା ନେତୃତ୍ୱାଧୀନ ସମବାୟ ସମିତି ଓ ୧୬ଟି ମହିଳା ଦୁଗ୍ଧ ଉତ୍ପାଦକ ସଂଗଠନ କାର୍ଯ୍ୟ କରୁଛନ୍ତି। ସୂଚନା ଥାଉକି, ୨୦୧୪ରୁ ଚାଲିଥିବା ରାଷ୍ଟ୍ରୀୟ ଗୋକୁଳ ମିଶନକୁ ମାର୍ଚ୍ଚ ୨୦୨୫ରେ ସଂଶୋଧନକରି ୩,୪୦୦ କୋଟି ଟଙ୍କାର ବରାଦ କରାଯାଇଛି। ଏହି ମିଶନ ଅଧୀନରେ ୯.୧୬ କୋଟି ପଶୁଙ୍କୁ କୃତ୍ରିମ ଗର୍ଭାଧାନ ସେବା ମିଳିଛି। ୧୪.୧୨ କୋଟି କୃତ୍ରିମ ଗର୍ଭାଧାନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ୭୦ ଲକ୍ଷ ଡୋଜ ଲିଙ୍ଗ-ନିରୂପିତ ସିମେନ ବ୍ୟବହାର ହୋଇଛି। ୩୮,୭୩୬ ଜଣ ମୈତ୍ରୀ (କୃତ୍ରିମ ଗର୍ଭାଧାନ ଟେକ୍ନିସିଆନ) ନିଯୁକ୍ତ କରାଯାଇଛି। ୨୦୨୪ରୁ ଆରମ୍ଭ ହୋଇଥିବା ଶ୍ୱେତ ବିପ୍ଳବ ୨.୦ ଅଧୀନରେ ୭୫,୦୦୦ ନୂଆ ଦୁଗ୍ଧ ସମବାୟ ସମିତି ଗଠନ ସହ ବର୍ତ୍ତମାନର ୪୬,୪୨୨ ସମିତିକୁ ସୁଦୃଢ଼ କରାଯିବ ୨୦୨୮-୨୯ ସୁଦ୍ଧା ସମବାୟ ମାଧ୍ୟମରେ ଦୈନିକ ୧୦୦୭ ଲକ୍ଷ କିଲୋଗ୍ରାମ ଦୁଗ୍ଧ ସଂଗ୍ରହ ଲକ୍ଷ୍ୟ ରହିଛି।


# Classified Everyday

**0674-2580101, 9692975378**



**MATRIMONIAL**

**BRIDE WANTED**

Wanted beautiful, educated tall girl (Age-26-30 years) for BTECH +MBA (from KIIT, Bhubaneswar) qualified boy, working as Manager, Talent Acquisition in a Bangalore based IT-AI company, presently working from home (Dhenkanal Town). Bride from Karana/ Kshatriya/ Khandayat family is preferred. Contact- Father (Call -9937717477, Whatsapp -9438772415). D-2651



**REAL ESTATE**

**SALE**

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. D- 2685

LIG House (136, 137, 138, 139) for sale at Sector- 3, Niladri Vihar, Near Pani Tanki, Bhubaneswar. Contact- 9437229575. D-2649

**For Sale - Prime Plot, Centrally located, free hold Residential Plot, 7643Sqft., 72ft. frontage with 20ft. wide front and rear roads, Sewerage line, electricity, near Old Station Square, Bhubaneswar - 751006. Contact: 09861129953.** D-2684




**Multi purpose RCC Hall 1000 Sqft. (40 ft. x 25 ft.) with toilets, electricity, facing 100 ft. wide, Lewis Road, Bhubaneswar-751002, Hotel Gouri Premises adjacent to Kedargouri Temple on monthly rental basis. Contact : 9861129953.** D-2683

Now Matrimonial ads. only on Wednesday & Sunday
Book 1 Get 1 FREE




All types of physiotherapy Contact number 9556924059/ 7656969134, Jharapada. D-2686

The massage felt totally professional, & comfortable at all times- 7978109255. D-216

**LOST**

Kabiraj Jenal Kabiraj Jena S/o.- Digambar Jena bearing address Sankhatras, Arada, Cuttack, Odisha - 753011 have lost/ misplaced Registered Sale Deed No. 766 in favour of Subhalaxmi Bhattacharya Nandi Dated 16.02.2002. If found please contact on 7008630314. D-2682

**AFFIDAVIT**

Before Executive Magistrate, Khallikote, Ganjam, Affidavit No.- A/5161/24.11.2025, I, Suresh Chandra Maharana, At/P.O.- Palanga, P.S.- Rambha, Ganjam, Odisha that now onwards I shall be known as Suresh Maharana for all future purposes. D-2669

By virtue of an affidavit sworn before Executive Magistrate, Bhuban, dated 19.06.2025, I, Santosh Kumar Swain, resident of 27, Deogan School Sahi, Badasahi, Budhamba, P.S.- Kabisuryanagar, Dist.- Ganjam, Odisha, PIN- 761105 declare that I have changed my name from Swain Santoshbhai Kartik to Santosh Kumar Swain. Henceforth, I shall be known as Santosh Kumar Swain for all purposes.
Santosh Kumar Swain D-1051

I, Kshetra Mohan Senapati, S/o.- Late Gopinath Senapati, Resident of Vill./P.O./ P.S.- Chandanpur, Dist.- Puri declare by this affidavit No.- 23, dated- 16.05.2025 that now onwards I shall be known as Khetra Mohan Senapati for all future purposes. D-2676

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, PITTA HEMALATA REDDY, W/o.- PITTA LAKSHMI NARAYANA REDDY, Resident of Village/Post- PITATALI, P.S.- GOLANTHARA, Dist.- GANJAM, PIN- 761010, ODISHA declare by this Affidavit No.- A/5959, Dated- 24.11.2025 that now onwards I shall be known as PITTA HEMAVATI REDDY for all future purposes. D-2677

By virtue of an affidavit sworn before EXECUTIVE MAGISTRATE, M. RAMPUR, KALAHANDI, Dated- 13.11.2025, I, JYOTSNA BIVAR, At- DEULISULIA, P.O.- MOHANGIRI, P.S.- M.RAMPUR, Kalahandi declare that I have changed my name from JYOSNA BIBHAR to JYOTSNA BIVAR. Henceforth, I shall be known as JYOTSNA BIVAR for all purpose.
Jyotsna Bivar D-2678

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Saintala, Dtd.- 25.11.2025, I, Sadashiba Bhoi, S/o.- Late Dutia Bhoi, Resident of Village- Kusmal, P.O.- Ambapali, P.S.- Saintala, Dist.- Balangir (Odisha), PIN- 767032, declare that now I have changed my name from Sadashiv Bhoi to Sadashiba Bhoi. Henceforth, I shall be known as Sadashiba Bhoi for all purposes.
Sadashiva Bhoi D-2679

By virtue of an affidavit sworn before the Executive Magistrate, Rairakhol, No.870, Dtd.- 20.11.25, I, Sushila Roul, Resident of Village- Pathuria, P.O.- Ghoşaramal, P.S.- Rairakhol, Dist.- Sambalpur, Odisha, 768106, declare that I have changed the name of my son from Sibanda Raul to Shibananda Roul. Henceforth, he shall be known as Shibananda Roul for all purposes.
Sushila Roul D-2681

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



By virtue of an affidavit before the Notary Public, Bhubaneswar, on dated- 22.11.2025, I, Indrajit Dash, S/o.- Late Purna Chandra Dash, Resident of At/P.O.- Malipada, P.S.- Chandaka, Bhubaneswar, Dist.- Khordha, PIN- 751029, Aadhaar No.- xxxx xxxx 6854 do hereby declare that Sarojini Dash, 61 yrs, W/o.- Late Managobinda Dash has no issue & she is a mentally disable person & cannot perform her daily activity properly, after the death of my uncle Managobinda Dash (Husband of Sarojini Dash) I am looking after & taking care. That, if someone will take my aunty's signature with ill intention to grab the property or other properties or prepare any deed / power of attorney, will, it will be treated as false, fabricated & forgery document & he/she/ they will be held responsible for it & my aunty Sarojini Dash or myself will not be held responsible for it in any manner. D-2680


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

DSPL - 375



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ମମତା ଯୋଜନା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଏକୀକୃତ

## ସୁରକ୍ଷିତ ପ୍ରସବ ଓ ଯତ୍ନ ନବଜାତକର ସୁନିଶ୍ଚିତ କରୁଛନ୍ତି ଆମ ସରକାର



**ଅନୁଦାନ ରାଶି ସିଧା ଯିବ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ**

**ସନ୍ତାନ ଜନ୍ମରେ ଅନୁଦାନ**

- କନ୍ୟା ୧୨,୦୦୦ ଟଙ୍କା
- ପୁତ୍ର ୧୦,୦୦୦ ଟଙ୍କା

### ବିଶେଷ ଦ୍ରଷ୍ଟବ୍ୟ

- କେବଳ ପ୍ରଥମ ଦୁଇ ଜୀବିତ ନବଜାତକଙ୍କ ପାଇଁ ପ୍ରଯୁଜ୍ୟ
- ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ (PVTG) ଅନ୍ତର୍ଗତ ଯୋଗ୍ୟ ହିତାଧିକାରୀଙ୍କୁ ସମସ୍ତ ଜୀବିତ ନବଜାତକଙ୍କ ପାଇଁ ଅନୁଦାନ ବ୍ୟବସ୍ଥା

### ଯୋଗ୍ୟତା ମାନଦଣ୍ଡ

- ଆବେଦନକାରୀ କେନ୍ଦ୍ର ସରକାର / ରାଜ୍ୟ ସରକାର / ରାଷ୍ଟ୍ରାୟତ୍ତ ସଂସ୍ଥା (PSU) ର କର୍ମଚାରୀ ହୋଇ ନଥିବେ
- ଆବେଦନକାରୀଙ୍କ ବୟସ ୧୮ ବର୍ଷ ୭ ମାସରୁ ଉର୍ଦ୍ଧ୍ୱ ଏବଂ ୫୫ ବର୍ଷରୁ କମ୍ ହେବା ଉଚିତ୍
- ଆବେଦନକାରୀଙ୍କର ପାରିବାରିକ ଆୟ ବାର୍ଷିକ ୮ ଲକ୍ଷ ଟଙ୍କାରୁ କମ୍ ହେବା ଉଚିତ୍

ସୁଭଦ୍ରା ସହାୟତା ୧୪୬୭୮

ଶିଶୁ ସହାୟତା ୧୦୯୮

OIPR:

https://emamata.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଅଧିକ ସୂଚନା ପାଇଁ ଯୋଗାଯୋଗ ନମ୍ବର: ୧୮୧

ଧରିତ୍ରୀ
DHARITRI
52 Years
ପୃଷ୍ଠା-୮+୮
ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୬/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Wednesday, November 26/2025 Page 16 ₹ 7.00 | BERHAMPUR
୫୨ଶ ଭାଗ ୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 3 ମୂଲ୍ୟ ₹୭/-

# ଆଦର୍ଶ ହୁଅ, ଦୁର୍ନୀତିଠାରୁ ଦୂରେଇ ରୁହ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୧୧ (ସୁଚିସ୍ମିତା ସାହୁ)




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

## ■ ନବନିଯୁକ୍ତଙ୍କୁ ୪ ମନ୍ତ୍ର ଦେଲେ ମୋହନ
## ■ ୧୨ ବିଭାଗରେ ୭,୨୯୩ଜଣଙ୍କୁ ନିଯୁକ୍ତିପତ୍ର

ଆପଣମାନେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ସାଧୁତାପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ଜରିଆରେ ସରକାରୀ ଚାକିରିରେ ଯୋଗ ଦେଉଛନ୍ତି। ତେଣୁ ଆପଣ କର୍ତ୍ତବ୍ୟ ନିର୍ବାହ କଲାବେଳେ ସାଧୁତା ଓ ସ୍ୱଚ୍ଛତା ଅବଲମ୍ବନ କରିବା ସହ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ କରିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱାଦଶ ନିଯୁକ୍ତିମେଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନବନିଯୁକ୍ତଙ୍କୁ ପରାମର୍ଶ ଦେଇଛନ୍ତି। କଳିଙ୍ଗ ଷ୍ଟାଡିୟମଠାରେ ମଙ୍ଗଳବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର ଦୁର୍ନୀତି ବିରୋଧରେ ଶୂନ ସହନଶୀଳତା ନୀତି ଆପଣେଇଛନ୍ତି। ଆପଣମାନେ ଦୁର୍ନୀତିକୁ ବିଷ ମନେକରି ତା'ଠୁ ଯେତେ ଅଧିକ ସମ୍ଭବ ଦୂରରେ ରୁହନ୍ତୁ। ନଚେତ୍ ଏହା ନିଜ ପାଇଁ ଓ ନିଜ କ୍ୟାରିୟର ପାଇଁ ଅତ୍ୟନ୍ତ ବିପଜ୍ଜନକ ହେବ। ଆପଣଙ୍କ ପ୍ରତ୍ୟେକ ପଦକ୍ଷେପ ଯେପରି ଓଡ଼ିଶା ଏବଂ ରାଜ୍ୟବାସୀଙ୍କ ଉନ୍ନତିରେ ସହାୟକ ହେବ, ତାକୁ ଦୃଷ୍ଟିରେ ରଖି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରି କହିଲେ, ରାଜ୍ୟ ସରକାର ନିଯୁକ୍ତି ନେଇ ଯେଉଁ ଭରସା ଦେଇଥିଲେ ସେହି ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ୧୨ ବିଭାଗରେ ୭,୨୯୩ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଗୃହ ବିଭାଗରେ ୧,୯୭୯ ଜଣ କନ୍‌ଷ୍ଟେବଲ ଓ ୩୮୬ ଜଣ ଡ୍ରାଇଭର ନିଯୁକ୍ତି ପାଇଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୧,୯୧୩ ଜଣ ସ୍ନାତକ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୨୪୧ଜଣ ପିଜିଟି, ଉଚ୍ଚଶିକ୍ଷା ବିଭାଗରେ ୩୬ କନିଷ୍ଠ ସହାୟକ, ୭ଜଣ ପିଇଟି ଏବଂ ୩୧ଜଣ ଲ୍ୟାବ୍ ଆସିଷ୍ଟାଣ୍ଟ କମ୍ ଷ୍ଟୋର୍ କିପର, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗରେ ୨୪ ସହକାରୀ ମତ୍ସ୍ୟ ଅଧିକାରୀ ଓ ୬୪୮ଜଣ ପ୍ରାଣୀଧନ ନିରୀକ୍ଷକ, ସୂଚନା ଓ ଲୋକସମ୍ପର୍କ ବିଭାଗରେ ୩୯ଜଣ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଖଣି ଓ ଭୂ-ତତ୍ତ୍ୱ ନିର୍ଦ୍ଦେଶାଳୟରେ ୧୪ଜଣ କନିଷ୍ଠ ରସାୟନବିତ୍, ବାଣିଜ୍ୟ ଓ ପରିବହନ ବିଭାଗରେ ୧୭ଜଣ କନିଷ୍ଠ ଷ୍ଟେନୋଗ୍ରାଫର୍, ଜଙ୍ଗଲ ଓ ପରିବେଶ ବିଭାଗରେ ୧୫୦୪ଜଣ ଫରେଷ୍ଟଗାର୍ଡ ଓ ୨୪୬ ଜଣ ଫରେଷ୍ଟର, କୃଷି ଓ କୃଷକ ସଶକ୍ତୀକରଣ ବିଭାଗରେ ୧୧୭ଜଣ ସହକାରୀ କୃଷି ଅଧିକାରୀ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗରେ ୧୫ଜଣ ପାରାମେଡିକ୍ସ ଷ୍ଟାଫ୍, ଜଳସମ୍ପଦ ବିଭାଗରେ ୩୬ଜଣ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରହିଛନ୍ତି। ଏହାସହିତ ପ୍ରଥମଥର ଆଡ୍‌ଭୋକେଟ ଜେନେରାଲ ଅଫିସ୍ ପାଇଁ ନିୟମିତ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ୪୦ଜଣ ଷ୍ଟେନୋଗ୍ରାଫର ନିଯୁକ୍ତି ପାଇଛନ୍ତି। ୨ ବର୍ଷ ଭିତରେ ୬୫ ହଜାର ସରକାରୀ ନିଯୁକ୍ତି ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ୧୭ ମାସ ଭିତରେ ଆଜିର ନିଯୁକ୍ତିକୁ ମିଶାଇ ୧୨ଟି ନିଯୁକ୍ତିମେଳା ଜରିଆରେ ୩୭,୩୨୫ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛୁ। ଏତେ ସଂଖ୍ୟାରେ ସରକାରୀ ପଦ ପଦବୀରେ ନିଯୁକ୍ତି ଏତେ କମ୍ ଦିନ ଭିତରେ ଆଗରୁ କେବେ ହୋଇନାହିଁ। ଔଦ୍ୟୋଗିକ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୃଷ୍ଟି ପାଇଁ ଆମେ ପଦକ୍ଷେପ ନେଉଛୁ। ୨ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗ୍ରାଉଣ୍ଡିଙ୍ଗ୍ ମାଧ୍ୟମରେ ଦେଢ଼ ଲକ୍ଷ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁନିଶ୍ଚିତ କରିଛୁ। ଆମର ଏହି ଉଦ୍ୟମ ଆଗାମୀ ଦିନରେ ମଧ୍ୟ ନିରବଚ୍ଛିନ୍ନ ଭାବରେ ଜାରି ରହିବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ଚାରୋଟି ପରାମର୍ଶ ଦେଇ କହିଲେ, ଜନସାଧାରଣଙ୍କ ପାଇଁ ସହୃଦୟତାପୂର୍ଣ୍ଣ ଓ ନ୍ୟାୟପୂର୍ଣ୍ଣ ଭାବେ ସେବା ଯୋଗାଇ ଦିଅନ୍ତୁ। ନିଜ କାର୍ଯ୍ୟରେ ସବୁବେଳେ ଉତ୍କୃଷ୍ଟତା ବଜାୟ ରଖିବା ପାଇଁ ଚେଷ୍ଟା କରନ୍ତୁ। ସବୁବେଳେ ନିଜର ଜ୍ଞାନର ପରିସୀମାକୁ ବୃଦ୍ଧି କରନ୍ତୁ ଓ ସମୟ ଉପଯୋଗୀ କରନ୍ତୁ। କାର୍ଯ୍ୟ କ୍ଷେତ୍ରରେ ସଚ୍ଚୋଟତା ଓ ସ୍ୱଚ୍ଛତା ବଜାୟ ରଖନ୍ତୁ।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନବନିଯୁକ୍ତଙ୍କୁ ସ୍ୱାଗତ କରି କହିଲେ, ଆମ ସରକାର ଲୋକଙ୍କ ପାଇଁ କାମ କରୁଛି, ଆପଣମାନେ ଯେଉଁଠି ବି ନିଯୁକ୍ତି ପାଆନ୍ତୁ, ସେଠାକୁ ଯାଇ ଲୋକଙ୍କ ପାଇଁ କାମ କରନ୍ତୁ। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ବିଭିନ୍ନ ବିଭାଗରେ କର୍ମଚାରୀ ଅଭାବ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ଧୀରେ ଧୀରେ ତାହା ପୂରଣ ହେବାକୁ ଯାଉଛି।

କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡ. ଏନ୍ ତିରୁମାଳା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ଧ୍ର କରୁଥିବା ସର୍ଭେକୁ ରୋକିଲା ଓଡ଼ିଶା

## ■ ସୀମାନ୍ତରେ ପୁଣି ଆନ୍ଧ୍ରର ଅନୁପ୍ରବେଶ
## ■ ରାଇତୁ ଆନ୍ନା ମି କୋସମ୍ ଯୋଜନାରେ ଚାଷୀଙ୍କୁ ସାମିଲ ପାଇଁ ଚାଲିଥିଲା ସର୍ଭେ

ପଟ୍ଟାଙ୍ଗି,୨୫।୧୧ (ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ ସୀମାନ୍ତ ଗ୍ରାମରେ ପୁଣି ଆନ୍ଧ୍ର ପ୍ରଶାସନ ଅନୁପ୍ରବେଶକରି ଚାଷୀଙ୍କୁ ନେଇ ସର୍ଭେ କରୁଥିଲା। ଖବରପାଇ ବ୍ଲକ୍ ପ୍ରଶାସନ ଏହାକୁ ରୋକିବାରେ ସଫଳ ହୋଇଛି। ଏଥିସହ ସର୍ଭେ କାଗଜ ଜବତକରି ଜିଲା ପ୍ରଶାସନକୁ ଏ ସମ୍ପର୍କରେ ଅବଗତ କରାଇଛି। ସୂଚନାନୁଯାୟୀ, ମଙ୍ଗଳବାର କୋଟିଆ ପଞ୍ଚାୟତ ସୀମାନ୍ତ ହରମାଣ୍ଡାଙ୍ଗି, ଫାଟୁସିନେରୀ ଏବଂ ଡୋଲିଆମ୍ବ ଗ୍ରାମରେ ଆନ୍ଧ୍ର କୃଷି ବିଭାଗର ୨ଜଣ କର୍ମଚାରୀ ଘର ଘର ବୁଲି ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ସଂଗ୍ରହକରି ନିଜ ବିଭାଗ ଅଧୀନରେ ରହିଥିବା ରାଇତୁ ଆନ୍ନା ମି କୋସମ୍ ଯୋଜନାରେ ସାମିଲ ପାଇଁ ସର୍ଭେ କରୁଥିଲେ। ଖବରପାଇ ପଟ୍ଟାଙ୍ଗି ବିଡିଓ ରାମକ୍ରିଷ୍ଣା ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, କୋଟିଆ ପଞ୍ଚାୟତ ଏଇଇ ଅଜୟ ରାମ ତରାଇ, ପିଇଓ କଣ୍ଡା ଗୋଲରି, ଏପିଓ ସୌମେନ୍ଦ୍ର ନାୟକ, ତହସିଲ ସୁପ୍ରଭାଇଜର ଗୁପ୍ତପ୍ରସାଦ ତ୍ରିପାଠୀ ପ୍ରମୁଖ ଆନ୍ଧ୍ରର ଉକ୍ତ ୨ କର୍ମଚାରୀଙ୍କୁ ଫାଟୁସିନେରୀ ନିକଟ ରାସ୍ତାରେ ଅଟକାଇଥିଲେ। ଉଭୟଙ୍କୁ ସର୍ଭେ ସମ୍ପର୍କରେ ପଚାରି ବୁଝିବା ସହ ତଥ୍ୟ ସଂଗ୍ରହ କରିଥିବା କାଗଜ ସେମାନଙ୍କଠାରୁ ଜବତ କରିଥିଲେ। ଅନୁପ୍ରବେଶକରି ବିବାଦ ସୃଷ୍ଟି ନ କରିବା ପାଇଁ ବୁଝାଇବା ସହ ଫେରିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଆନ୍ଧ୍ରରୁ ଆସିଥିବା କର୍ମଚାରୀ ସର୍ଭେ ବନ୍ଦ କରି ନିରାଶ ହୋଇ ଫେରିଯାଇଥିଲେ। ଆନ୍ଧ୍ର ବାରମ୍ବାର ଏଭଳି ଅନୁପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରୁଥିବାବେଳେ ଓଡ଼ିଶା ପ୍ରଶାସନ ସେମାନଙ୍କୁ ଘଉଡ଼ାଇ କାର୍ଯ୍ୟ ସାରିଦେଉଛନ୍ତି, ଯାହାକି ଆନ୍ଧ୍ର ସରକାରୀ କର୍ମଚାରୀ ବା ଅଧିକାରୀଙ୍କ କ୍ଷେତ୍ରରେ କୌଣସି ପ୍ରଭାବ ପକାଉନାହିଁ। ଏ ଦିଗରେ ସ୍ଥାୟୀ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।



ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନିକ ଅଧିକାରୀମାନେ ଆନ୍ଧ୍ର କୃଷି ବିଭାଗ କର୍ମଚାରୀ କରିଥିବା ସର୍ଭେ କାଗଜପତ୍ର ଦେଖୁଛନ୍ତି।

# ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୨୫।୧୧ (ବନ୍ଦନା ସେଠୀ)

ବଙ୍ଗୋପସାଗରରେ ସୃଷ୍ଟିହେଲା ଆଉ ଏକ ଲଘୁଚାପ। ପୂର୍ବରୁ ମଲାକ୍କା ଷ୍ଟ୍ରେଟ୍ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ଅବପାତରେ ପରିଣତ ହୋଇଥିବାବେଳେ ଏହା ଆଗାମୀ ୨୪ ଘଣ୍ଟାରେ ଅଧିକ ଘନୀଭୂତ ହୋଇ ୨୭ ତାରିଖ ସୁଦ୍ଧା ବାତ୍ୟାର ରୂପ ନେଇପାରେ। ତେବେ ଏ ଯାଏ ତାହାର ଗତିପଥ ଓ କେତେ ଶକ୍ତିଶାଳୀ ହେବ, ଆକଳନ କରାଯାଇ ନାହିଁ। ଏପରି ସ୍ଥିତିରେ କାମେରୁନ୍ ଏବଂ ଏହାର ଆଖପାଖ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଓ ଶ୍ରୀଲଙ୍କା ଉପରେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହା ଉତ୍ତର-ଉତ୍ତର ପଶ୍ଚିମ ଦିଗକୁ ଗତିକରି ୨୪ଘଣ୍ଟା ମଧ୍ୟରେ ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେବ। ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବା ସମ୍ଭାବନା ରହିଥିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ୨ଟି ଲଘୁଚାପର ପ୍ରଭାବ ଓଡ଼ିଶାରେ ସିଧାସଳଖ ପଡ଼ିବ ନାହିଁ। ଆଗାମୀ ୭ ଦିନ ପାଇଁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ବର୍ଷାହେବା ବିଶେଷ ସମ୍ଭାବନା ନାହିଁ। ମାତ୍ର ଘନ କୁହୁଡ଼ିର ସମ୍ଭାବନା ରହିଛି। ସୁନ୍ଦରଗଡ଼ ଓ କୋରାପୁଟ ଜିଲାର କିଛି ସ୍ଥାନରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିପାରେ। ସେହିପରି ଆଗାମୀ ୪୮ଘଣ୍ଟାରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ କମିବା ସମ୍ଭାବନା ରହିଛି। ମଙ୍ଗଳବାର କୋରାପୁଟ ଓ ଫୁଲବାଣୀ ଜିଲାରେ ଘନ କୁହୁଡି ହୋଇଥିବା ରେକର୍ଡ କରାଯାଇଥିବାବେଳେ ସୋନପୁର, ପାରାଦୀପ, ଗୋପାଳପୁର, ଭୁବନେଶ୍ୱର ଓ ଝାରସୁଗୁଡ଼ାରେ ହାଲୁକା କୁହୁଡ଼ି ପଡିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଉପଭୋକ୍ତାଙ୍କଠୁ ଅଧିକ ନେଉଛି ଟାଟା

ଭୁବନେଶ୍ୱର,୨୫।୧୧ (ରବିନାରାୟଣ ଜେନା)

## ■ ଧାର୍ଯ୍ୟ ଟାରିଫ୍‌ଠାରୁ ନେଉଛି ଅଧିକ ୩୬ ପଇସା
## ■ ଓଇଆର୍‌ସିଙ୍କ ସମୀକ୍ଷା ରିପୋର୍ଟ

ରାଜ୍ୟରେ ଥିବା ପ୍ରାୟ ୧ କୋଟି ବିଦ୍ୟୁତ୍ ଉପଭୋକ୍ତାଙ୍କ କୁ' କଷୁଛି ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା। ୨୦୨୪-୨୫ ଆର୍ଥିକବର୍ଷ ପାଇଁ ଟାଟା ସରକାରଙ୍କ ସହିତ ଯେଉଁ ଚୁକ୍ତିନାମା କରିଛି, ସେହି ଅନୁସାରେ ଉପଭୋକ୍ତାଙ୍କଠାରୁ ଟାରିଫ୍ ଆଦାୟ ନ କରି ଅଧିକ ୩୬ ପଇସା ଲେଖାଏ ଆଦାୟ କରୁଛି, ଯାହାକି ଉପଭୋକ୍ତାଙ୍କ ମୁଣ୍ଡରେ ଏହା ବୋଝ ସୁଦୃଶ ହୋଇଛି ବୋଲି ରାଜ୍ୟ ବିଦ୍ୟୁତ୍ ନିୟାମକ ପ୍ରାଧିକରଣ(ଓଇଆର୍‌ସି)ଙ୍କ ସମୀକ୍ଷା ରିପୋର୍ଟରୁ ଜଣାଯାଇଛି।


ସମୀକ୍ଷା ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ଆର୍ଥିକବର୍ଷରେ ଟାଟା ଯେଉଁ ଚୁକ୍ତିନାମା କରିଛି ସେଥିରେ ୩୦ହଜାର ୭୯୫ ନିୟୁତ ୟୁନିଟ୍ ବିଦ୍ୟୁତ୍‌କୁ ୟୁନିଟ୍ ପିଛା ହାରାହାରି ଟାରିଫ ୫ଟଙ୍କା ୬୭ ପଇସା ହିସାବରେ ବିକ୍ରୟ କରିବା କଥା। ଏ ବାବଦକୁ ୧୭ହଜାର ୪୬୧ କୋଟି ଟଙ୍କା ରାଜସ୍ୱ ଆଦାୟ କରିବା ପାଇଁ ଟାଟାକୁ ସ୍ୱୀକୃତି ମିଳିଛି। କିନ୍ତୁ ଟାଟା ୨୯ହଜାର ୫୭୯ ନିୟୁତ୍ ୟୁନିଟ୍ ଉପଭୋକ୍ତାଙ୍କୁ ବିକ୍ରିକରି ୟୁନିଟ୍ ପିଛା ହାରାହାରି ୬ ଟଙ୍କା ୩ ପଇସା ହିସାବରେ ୧୭ହଜାର ୮୩୬ କୋଟିଟଙ୍କା ଆଦାୟ କରିଛି, ଯାହା ଆୟୋଗ ଅନୁମୋଦନ କରିଥିବା ହାରାହାରି ଟାରିଫଠାରୁ ୩୬ ପଇସା ଅଧିକ ହେଉଛି। ଓଡ଼ିଶା ବିଦ୍ୟୁତ୍ ସେବାରେ ନିୟୋଜିତ ଥିବା ଚାରୋଟି ବିତରଣ କମ୍ପାନୀ ଯଥା ଟିପିସିଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍, ଟିପିଏସ୍‌ଓଡିଏଲ୍ ଓ ଟିପିଏନ୍‌ଓଡିଏଲ୍‌ର ପରିଚାଳନା ଗତ ୫ ବର୍ଷଧରି ଟାଟା ପାୱାର କରୁଥିବା ବେଳେ ଏହାର କାର୍ଯ୍ୟଦକ୍ଷତା ଉପରେ ଏବେ ପ୍ରଶ୍ନ ଉଠିଛି।

ସେହିପରି ବୈଷୟିକ ଓ ବାଣିଜ୍ୟ କ୍ଷତି ହ୍ରାସ ଲକ୍ଷ୍ୟକୁ ୧୮.୭୯% ଅନୁମୋଦନ କରାଯାଇଥିବା ବେଳେ ଟାଟା ଉତ୍ତମ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରି କ୍ଷତିକୁ ୧୬.୭୦%କୁ କମାଇ ଦେଇଛି। ଉପଭୋକ୍ତାଙ୍କ ମିଟର ସ୍ଥାପନ କ୍ଷେତ୍ରରେ ଟାଟା ୯୯% ସଫଳ ହୋଇଥିବା ବେଳେ ସ୍ମାର୍ଟ ମିଟର ସ୍ଥାପନରେ ମାତ୍ର ୧୩% ହୋଇଛି। ଅର୍ଥାତ୍ ୧୨ ଲକ୍ଷ ୬୭ ହଜାର ଉପଭୋକ୍ତା ସ୍ମାର୍ଟ ମିଟର ବସାଇଛନ୍ତି। ଫିଡର ଓ ଟ୍ରାନ୍ସଫର୍ମର ମିଟରିଂ କାର୍ଯ୍ୟରେ ଟାଟାର ପ୍ରଦର୍ଶନ ଦୁର୍ବଳ ରହିଥିବା ରିପୋର୍ଟରୁ ଜଣାଯାଇଛି। ଓଡ଼ିଶା ବିଦ୍ୟୁତ୍ ସେବାରେ ନିୟୋଜିତ ସମୁଦାୟ ୨,୬୫୯ଟି (୧୪,୭୩୩ ଏମ୍‌ଭିଏ) ପାୱାର ଟ୍ରାନ୍ସଫର୍ମର ମଧ୍ୟରୁ ମାତ୍ର ୧,୬୩୦ଟିକୁ (୬୧%) ମିଟରିଂ ହୋଇଛି। ୯୭୮ଟି ୩୩ କେଭି ଫିଡର ମଧ୍ୟରୁ ୭୫% ଅର୍ଥାତ୍ ୭୩୮ଟି ମିଟରିଂ ହୋଇଛି। ବିଦ୍ୟୁତ୍ ସେବାରେ ନିୟୋଜିତ ଥିବା ସମୁଦାୟ ୩ ଲକ୍ଷ ବିତରଣ ଟ୍ରାନ୍ସଫର୍ମର ମଧ୍ୟରୁ ପ୍ରାୟ ୨ ଲକ୍ଷ ଟ୍ରାନ୍ସଫର୍ମର କ୍ଷମତା ୬୩ କେଭିଏରୁ କମ୍ ଥିବାରୁ ଆୟୋଗ ନାପସନ୍ଦ କରି ସେଗୁଡ଼ିକୁ ୧୦୦ କେଭିଏ କିମ୍ବା ତଦୂର୍ଦ୍ଧ୍ୱ କ୍ଷମତାକୁ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଉପଭୋକ୍ତାଙ୍କ ଜିଆଇଏସ୍ ମ୍ୟାପିଙ୍ଗ୍ କାର୍ଯ୍ୟରେ ଟାଟା ପ୍ରାୟ ଶତ ପ୍ରତିଶତ ସଫଳ ହୋଇଥିବାବେଳେ ବିତରଣ ଟ୍ରାନ୍ସଫର୍ମର ମିଟରିଂରେ ମାତ୍ର ୧୯.୪୦% ହାସଲ କରିପାରିଛି। ସେହିପରି ବିଦ୍ୟୁତ୍ ବ୍ୟାହତ ସମସ୍ୟା ଉତ୍ତର ଓଡ଼ିଶାରେ (ଟିପିଏନ୍‌ଓଡିଏଲ୍) ସବୁଠାରୁ ଅଧିକ ହୋଇଛି। ୨୦୨୪-୨୫ ବର୍ଷରେ ଓଡ଼ିଶାର ବିଦ୍ୟୁତ୍ ବ୍ୟାହତ ସମସ୍ୟା ମାସକୁ ହାରାହାରି ୩୧ ଥର ଓ ୨୩ ଘଣ୍ଟା ହୋଇଥିବାବେଳେ ଉତ୍ତର ଓଡ଼ିଶାରେ ୪୪ ଥର ଓ ୨୭ ଘଣ୍ଟା ହୋଇଛି। ତେବେ ଗତବର୍ଷ ବିଦ୍ୟୁତ୍ ଦୁର୍ଘଟଣାରେ ମୋଟ ୧୭୪ଟି ଜୀବନ ଯାଇଛି। ସେଥିମଧ୍ୟରେ ୮୬ ଜଣ ମଣିଷ ରହିଥିବାବେଳେ ୮୮ଟି ପଶୁ ଥିବା ସମୀକ୍ଷାରୁ ଜଣାଯାଇଛି।

ସେହିପରି ଗ୍ରୀଡ୍‌କୋର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ଅନୁସାରେ, ୨୦୨୪-୨୫ରେ ଗ୍ରୀଡ୍‌କୋ ୪୨ହଜାର ୪୮୭ ନିୟୁତ ୟୁନିଟ ବ୍ୟବସାୟ କରି ୧୪,୫୧୧ କୋଟି ଟଙ୍କା ଆୟ କରିଥିବା ବେଳେ ସମୁଦାୟ ବ୍ୟୟ କରିଛି ୧୪ହଜାର ୧୬୩ କୋଟି ଟଙ୍କା। ଅର୍ଥାତ୍ ବିଦ୍ୟୁତ୍ ବ୍ୟବସାୟରୁ ଗ୍ରୀଡ୍‌କୋ ୩୪୮ କୋଟି ଟଙ୍କା ଲାଭ କରିଛି। ଟାଟା ବିତରଣ କମ୍ପାନୀଗୁଡ଼ିକୁ ଗ୍ରୀଡ୍‌କୋ ୟୁନିଟ୍ ପିଛା ୩ ଟଙ୍କା ୩୬ ପଇସା ହିସାବରେ ୩୫ ହଜାର ୧୦୪ ନିୟୁତ୍ ୟୁନିଟ ବିକ୍ରୟ କରିଥିବାବେଳେ ଖୋଲା ବଜାରରେ ୟୁନିଟ ପିଛା ୪ ଟଙ୍କା ୩୪ ପଇସା ହିସାବରେ ୬,୨୮୨ ୟୁନିଟ ବିକ୍ରୟ କରିଛି ଓ ଅବଶିଷ୍ଟ ୧,୧୦୧ ୟୁନିଟ୍ ପରିବହନ କ୍ଷତି ହୋଇଛି।

୨୦୨୪-୨୫ ବର୍ଷରେ ଗ୍ରୀଡ୍‌କୋର ବ୍ୟବସାୟିକ ଲାଭ ୩୪୮ କୋଟି ଟଙ୍କା ହୋଇଥିବାବେଳେ ଟାଟା ବିତରଣ କମ୍ପାନୀଗୁଡ଼ିକ ଓଇଆରସି ଧାର୍ଯ୍ୟ କରିଥିବା ହାରାହାରି ଟାରିଫ୍‌ଠାରୁ ୟୁନିଟ୍ ପିଛା ୩୬ ପଇସା ହିସାବରେ ଉପଭୋକ୍ତାଙ୍କଠାରୁ ଅଧିକ ୧,୦୬୫ କୋଟି ଟଙ୍କା ଆଦାୟ କରିଛି, ଯାହାକି ଆସନ୍ତା ବର୍ଷର ବିଦ୍ୟୁତ୍ ଟାରିଫ ନିର୍ଣ୍ଣୟ ପ୍ରକ୍ରିୟାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

ଏସଂକ୍ରାନ୍ତରେ ଟିପିସିଓଡିଏଲ୍ ଆଞ୍ଚଳିକ ମୁଖ୍ୟ ଭରତ ଭଡାୱତ୍‌ଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଏହାକୁ ଖଣ୍ଡନ କରିଥିଲେ। ଟାଟା ଯାହା ସରକାରଙ୍କ ସହ ବୁଝାମଣା କରିଛି ସେହି ଅନୁସାରେ ଟାରିଫ୍ ଆଦାୟ କରୁଛି ବୋଲି କହିଥିଲେ।




# ଫୁଲଚାଷରେ ଖତ ପ୍ରୟୋଗ

**ଫୁ**ଲଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା - ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି । ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।

# ଅଧିକ ଅମଳକ୍ଷମ କାଜୁ ପାଇଁ...

**କା**ଜୁର ଉନ୍ନତ କିସମ ଭାବରେ ଭେଙ୍ଗୁର୍ଲା ୧.୪ବି.ପି.ପି,ଭୁବନେଶ୍ୱର -୧,ଭି.ଆର.ଇ-୨,ହାଇବ୍ରିଡ୍-୨-୧୭ କିସମ ବ୍ୟବହାର କରନ୍ତୁ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବର କ୍ଷୟ ପ୍ରାପ୍ତ ଜମି ପାଇଁ ୪×୪ମିଟର ୪୫ × ୪୫ × ୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ ୮୦ଟି ଗଛ ଏବଂ ନୀରୋଗ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ୍ ସାର ପ୍ରୟୋଗ କରନ୍ତୁ।






# ସୋରିଷ ଚାଷରେ ରୋଗପୋକ ଦମନ

**ଅ**ଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ସାମ୍ ୨୫ ଏସ୍‌ଜି - ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛିଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ମାଣ୍ଡିଆ ଦିବସର ଲକ୍ଷ୍ୟ



ଡ. ପରେଶ କୁମାର ପଣ୍ଡା

**ପୁ**ଷ୍ଟିଶସ୍ୟ ଆମ ରାଜ୍ୟର ଖାଦ୍ୟ,ସଂସ୍କୃତି ଏବଂ ବିବିଧ କୃଷି ପ୍ରଣାଳୀ ସହ ନିବିଡ଼ ଭାବରେ ଜଡ଼ିତ। ବିଶେଷଭାବରେ ରାଜ୍ୟର ଆଭ୍ୟନ୍ତରୀଣ ଜିଲାଗୁଡ଼ିକର ବୃଷ୍ଟିପୁଷ୍ଟ ଅଞ୍ଚଳରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର କୃଷକ ପରିବାରଗୁଡ଼ିକ ପୁଷ୍ଟିଶସ୍ୟ ଚାଷ ଉପରେ ଜୀବିକା ନିର୍ବାହ ନିମନ୍ତେ ନିର୍ଭରଶୀଳ। ପୋଷକତତ୍ତ୍ୱରେ ଉନ୍ନତ ଏହି ପୁଷ୍ଟିଶସ୍ୟ ପରିବର୍ତ୍ତିତ ଜଳବାୟୁ ସହନଶୀଳ। ରାଜ୍ୟର କୃଷି ଜୈବ ବିବିଧତା ଏବଂ ଦେଶୀୟ ଜ୍ଞାନକୌଶଳ ବିନିଯୋଗରେ ପୁଷ୍ଟିଶସ୍ୟ ଅଧିକ ଉପଯୋଗୀ। ତେଣୁ ପୁଷ୍ଟିଶସ୍ୟ (ମାଣ୍ଡିଆ ଏବଂ ମାଣ୍ଡିଆ ପ୍ରଜାତି ଶସ୍ୟ)ର ସାଂସ୍କୃତିକ ତଥା ପରିବେଶୀୟ ଗୁରୁତ୍ୱକୁ ସ୍ୱୀକୃତି ଏବଂ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିବର୍ଷ ନଭେମ୍ବର ୧୦କୁ ମାଣ୍ଡିଆ ଦିବସ ଭାବରେ ପାଳନ କରାଯାଉଅଛି।

ଏହା ପ୍ରତିପାଦିତ ଯେ ପାରମ୍ପରିକ ଭାବେ ଅନୁସୂଚିତ ଜନଜାତିର କୃଷକମାନେ ଅନ୍ୟ ଫସଲ ପ୍ରଜାତି ସହ ପୁଷ୍ଟିଶସ୍ୟର ରକ୍ଷଣାବେକ୍ଷଣ ଓ ସଂରକ୍ଷିତ କରିଥାଆନ୍ତି। ଏ ଦିଗରେ ମହିଳା କୃଷକମାନେ ବିହନ ବିଶୋଧନ, ଜଳବାୟୁ ପରିବର୍ତ୍ତନ ସହ ସହନଶୀଳ କିସମ ଏବଂ ଦେଶୀୟ ଚାଷ ପଦ୍ଧତି ସମ୍ବନ୍ଧୀୟ ଜ୍ଞାନକୌଶଳକୁ କାର୍ଯ୍ୟରେ ଲଗାଇ ପରବର୍ତ୍ତୀ ବଂଶଧରଙ୍କୁ ପ୍ରଦାନ କରିଥାଆନ୍ତି। କୃଷିରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେଇ ଲିଙ୍ଗଗତ ସମାନତା ତଥା ମହିଳା ସଶକ୍ତୀକରଣ ନିମନ୍ତେ ଯତ୍ନବାନ୍ ହେବାକୁ ମିଳିତ ଜାତିସଂଘ ଦ୍ୱାରା ଚଳିତ ବର୍ଷକୁ 'ଅନ୍ତର୍ଜାତୀୟ ମହିଳା କୃଷକ ବର୍ଷ' ଭାବରେ ଘୋଷଣା କରାଯାଇଛି।

ଖାଦ୍ୟ ଓ ପୌଷ୍ଟିକ ନିରାପତ୍ତା, ସୁଦୃଢ଼ ଜୀବନଜୀବିକା ତଥା ପୁଷ୍ଟିଶସ୍ୟକୁ ପ୍ରୋତ୍ସାହିତ କରି ଏହାର ଗୁଣବତ୍ତାକୁ ପ୍ରଚାରପ୍ରସାର କରିବା ଦିଗରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ରୂପେ ଅନେକ ସାକାର ପଦକ୍ଷେପ ନେଇଛି। ଆହୁରି ମଧ୍ୟ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ 'ଶ୍ରୀଅନ୍ନ ଅଭିଯାନ' ଜରିଆରେ ଚଳିତ ମାସ ୧୦ ଏବଂ ୧୧ ତାରିଖରେ ଦୁଇଦିନିଆ 'ଅନ୍ତର୍ଜାତୀୟ ଶ୍ରୀଅନ୍ନ ଓ ମହିଳା କୃଷକ ସମ୍ମିଳନୀ'କୁ ସଫଳ ଆୟୋଜନ କରପାରିଛି, ଯାହାର ବିଷୟବସ୍ତୁ ଥିଲା 'କୃଷି ଐତିହ୍ୟ ଏବଂ ଜୈବ ବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକା'। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ତଥା ରାଜ୍ୟ ବାହାରେ ଏକ ସ୍ଥାୟୀ ତଥା ସ୍ୱାସ୍ଥ୍ୟାଭିମୁଖୀ କୃଷି ପରିବେଶ ଗଠନ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ସମ୍ମିଳନୀରେ ପୁଷ୍ଟିଶସ୍ୟ ଏବଂ ଅନ୍ୟାନ୍ୟ ପ୍ରାଚୀନ ଶସ୍ୟର ମୂଲ୍ୟ ଶୃଙ୍ଖଳା ସମ୍ଭାବନାକୁ ଉପଯୋଗ କରିବା ; ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲିଜାତୀୟ ଫସଲର ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା ପାଇଁ ଯୋଜନା ପ୍ରସ୍ତୁତି ; ଗୋଷ୍ଠୀ ପରିଚାଳିତ ବିହନ ବ୍ୟବସ୍ଥା -ମହିଳା ସଶକ୍ତୀକରଣ ଦ୍ୱାରା ସ୍ଥାୟୀ ବିହନ ବ୍ୟବସ୍ଥା ନିମିତ୍ତ ନୀତିଗତ ଢାଞ୍ଚା, ଚିରନ୍ତନ କୃଷି ପାଇଁ ଲିଙ୍ଗଭିତ୍ତିକ ନୀତି ନିର୍ଦ୍ଧାରଣ, ସୁସ୍ଥ ଭବିଷ୍ୟତ ଗଠନ ପାଇଁ ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା, ଭୂ-ପ୍ରଜାତି/ପାରମ୍ପରିକ କିସମ ପାଇଁ ବିହନ ପ୍ରଣାଳୀ, କୃଷି ଐତିହ୍ୟ ଏବଂ ଜୈବ ବିବିଧତା ସଂରକ୍ଷଣରେ ମହିଳା କୃଷକଙ୍କ ଭୂମିକା, ଗୋଷ୍ଠୀସ୍ତରରେ ପରିବର୍ତ୍ତନ-ମହିଳାଙ୍କ ନେତୃତ୍ୱ ଏବଂ ମୁଖ୍ୟ ସ୍ରୋତରେ ପୁଷ୍ଟିଶସ୍ୟ ସାମିଲ/ପୁଷ୍ଟିଶସ୍ୟର ପ୍ରୋତ୍ସାହନ କ୍ରୟଠାରୁ ଆରମ୍ଭ ପୁଷ୍ଟି ନିରାପତ୍ତା ପର୍ଯ୍ୟନ୍ତ ଆଦି ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଛି।

> "ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତି କ୍ଷେତ୍ରରେ ମାଣ୍ଡିଆ ଚକୁଳି ପିଠା, ଲଡୁ, ମଣ୍ଡା ପିଠା, ସୁଆଁ, ଉପମା ଓ ଖେଚୁଡ଼ି, କାଙ୍ଗୁ ଖିରି ଆଦି ଘରେ ଘରେ ଓ ଖାଇବା ଥାଳିରେ ଲୋକପ୍ରିୟ ହୋଇପାରିଛି। ଭୁବନେଶ୍ୱର, କଟକ, ପୁରୀ, ଛତ୍ରପୁର, ନୂଆପଡ଼ା, ବଲାଙ୍ଗୀର, ରାଉରକେଲା, ଅନୁଗୋଳ, କେନ୍ଦୁଝର, କୋରାପୁଟ, ଭବାନିପାଟଣା ଆଦି ସ୍ଥାନରେ ମିଲେଟ୍ କାଫେ ଏବଂ ଆଉଟ୍‌ଲେଟ୍‌ଗୁଡିକ ଭଲ ରୂପେ କାର୍ଯ୍ୟ କରୁଛି ଏବଂ ଅନ୍ୟ ଜିଲାରେ ଏହା ପ୍ରସାର ହେବାରେ ଲାଗିଛି।"



ଶ୍ରୀଅନ୍ନ ଅଭିଯାନର ଉଦ୍ଦେଶ୍ୟ ମଧ୍ୟରେ ଘରୋଇ ସ୍ତରରେ ପୁଷ୍ଟିଶସ୍ୟର ବ୍ୟବହାର ବୃଦ୍ଧି, ପୁଷ୍ଟିଶସ୍ୟ ଭୂ-ପ୍ରଜାତି/ଦେଶୀ ବିହନ କିସମର ସଂରକ୍ଷଣ ସହ ପ୍ରୋତ୍ସାହନ, ଅମଳ ପରବର୍ତ୍ତୀ ଓ ପ୍ରକ୍ରିୟାକରଣ ସଂପୃକ୍ତ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ, ସାଧାରଣ ବଣ୍ଟନ ବ୍ୟବସ୍ଥା ଏବଂ ଅନ୍ୟ ସରକାରୀ ଯୋଜନାରେ ପୁଷ୍ଟିଶସ୍ୟର ଅନ୍ତର୍ଭୁକ୍ତୀକରଣ ଅନ୍ୟତମ। ରାଜ୍ୟର ସମସ୍ତ ୩୦ଟି ଜିଲାର ୧୭୭ଟି ବୃଷ୍ଟିପୁଷ୍ଟ ବ୍ଲକ୍‌ରେ କୃଷକ ଉତ୍ପାଦକ ସଙ୍ଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ସହଭାଗିତାରେ ଏହାକୁ କାର୍ଯ୍ୟକାରୀ କରାଯାଉଛି। ଭାରତ ସରକାର ଏବଂ ନୀତି ଆୟୋଗ ଏହି ଅଭିଯାନକୁ ସର୍ବୋତ୍ତମ ମଡେଲ ଭାବରେ ସ୍ୱୀକୃତି ପ୍ରଦାନ କରିବା ସହ ଅନ୍ୟ ରାଜ୍ୟଗୁଡିକୁ ପୁଷ୍ଟିଶସ୍ୟର ପ୍ରଚାରପ୍ରସାର ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି।

କହିବା ବାହୁଲ୍ୟ, ପୁଷ୍ଟିଶସ୍ୟ (ମାଣ୍ଡିଆ ଆଦି) ଆମ ସ୍ୱାସ୍ଥ୍ୟ ପାଇଁ ଉପକାରୀ, ପୌଷ୍ଟିକ ତତ୍ତ୍ୱଯୁକ୍ତ, ବିବିଧ ବ୍ୟଞ୍ଜନରେ ବ୍ୟବହାରଯୋଗ୍ୟ ତଥା ଗ୍ଲୁଟେନ୍‌ମୁକ୍ତ। ଏହା ଆମ ହଜମ ପ୍ରକ୍ରିୟା ତଥା ସୁସ୍ଥ ହୃଦୟର ରକ୍ଷଣରେ ସହାୟକ ହେବା ସହ ମଧୁମେହକୁ ସନ୍ତୁଳିତ ରଖିଥାଏ। ପୁଷ୍ଟିଶସ୍ୟ ମଧ୍ୟରେ ରହିଛି- ମାଣ୍ଡିଆ, କ୍ଷୀରା, କୋଦ, ଚିନା, କାଙ୍ଗୁ, ଜହ୍ନା, ବାଜରା(ସମୁଦାୟ ୮ଟି ଶସ୍ୟ)। ପୌଷ୍ଟିକ ଗୁଣବତ୍ତା ମଧ୍ୟରେ ବିଶେଷ କଥା ହେଲା-ଏହା ଅଧିକ କ୍ୟାଲ୍‌ସିୟମ ଓ ଅନ୍ୟ ଖଣିଜ ଲବଣ (ମିନେରାଲ)ଯୁକ୍ତ, ପୁଷ୍ଟିସାରଯୁକ୍ତ, କୋଲେଷ୍ଟରଲ ଓ ରକ୍ତ ଶର୍କରାର ସ୍ତରକୁ ନିୟନ୍ତ୍ରଣ କରିବାରେ ସହାୟକ, ଭିଟାମିନ୍‌ଯୁକ୍ତ, ରୋଗ ପ୍ରତିରୋଧକ ଓ ହଜମ ଶକ୍ତି ବୃଦ୍ଧିକାରକ, ପଥୁରୀ ସମସ୍ୟାର ନିବାରକ, ଶାରୀରିକ ଓଜନରେ ନିୟନ୍ତ୍ରକ, ଅଧିକ ତନ୍ତୁଯୁକ୍ତ, ଯକୃତ ଓ ହୃଦୟ ସ୍ୱାସ୍ଥ୍ୟରେ ଉପକାରୀ ଏବଂ ମହିଳାମାନଙ୍କ ମାସିକ ଋତୁସ୍ରାବଜନିତ ଯନ୍ତ୍ରଣା ନିବାରକ ଆଦି।

ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତି କ୍ଷେତ୍ରରେ ମାଣ୍ଡିଆ ଚକୁଳି ପିଠା, ଲଡୁ, ମଣ୍ଡା ପିଠା, ସୁଆଁ, ଉପମା ଓ ଖେଚୁଡ଼ି, କାଙ୍ଗୁ ଖିରି ଆଦି ଘରେ ଘରେ ଓ ଖାଇବା ଥାଳିରେ ଲୋକପ୍ରିୟ ହୋଇପାରିଛି। ଭୁବନେଶ୍ୱର, କଟକ, ପୁରୀ, ଛତ୍ରପୁର, ନୂଆପଡ଼ା, ବଲାଙ୍ଗୀର, ରାଉରକେଲା, ଅନୁଗୋଳ, କେନ୍ଦୁଝର, କୋରାପୁଟ, ଭବାନିପାଟଣା ଆଦି ସ୍ଥାନରେ ମିଲେଟ୍ କାଫେ ଏବଂ ଆଉଟ୍‌ଲେଟ୍‌ଗୁଡିକ ଭଲ ରୂପେ କାର୍ଯ୍ୟ କରୁଛି ଏବଂ ଅନ୍ୟ ଜିଲାରେ ଏହା ପ୍ରସାର ହେବାରେ ଲାଗିଛି। ସୁତରାଂ, ମାଣ୍ଡିଆ ଓ ଅନ୍ୟ ପୁଷ୍ଟିଶସ୍ୟର ପ୍ରସାର ଓ ଲୋକପ୍ରିୟତା ତଥା କୃଷି ପରିବାରଗୁଡ଼ିକ ସାମାଜିକ ଓ ଆର୍ଥିକ ନିରାପତ୍ତା ଦିଗରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ବିଭିନ୍ନ ସ୍ତରରେ ଅଭିନନ୍ଦନୀୟ ଏବଂ ଯୋଜନାମୁଖୀ ପଦକ୍ଷେପଗୁଡ଼ିକ ନିଶ୍ଚିତ ରୂପେ ଆଗାମୀ ଦିନରେ ଆମ ରାଜ୍ୟର କୃଷିକୁ ଅଧିକ ସମୃଦ୍ଧ କରିବ, ଏଥିରେ ସନ୍ଦେହ ନାହିଁ। ତେଣୁ ସାମୂହିକ ସ୍ତରରେ ଏହାକୁ ଅଧିକରୁ ଅଧିକ ପରିପୁଷ୍ଟ କରିବା ନିମନ୍ତେ କୃଷି ସହ ସମ୍ପୃକ୍ତ ସମସ୍ତେ ଆଗେଇ ଆସିବା ଉଚିତ।

-କୃଷି ଜିଲା ଅଧିକାରୀ,
ସାକ୍ଷୀଗୋପାଳ, ପୁରୀ
ମୋ : ୯୪୩୭୧୧୨୭୦୪

# ଡାଲୁଅ ଧାନଚାଷ ପାଇଁ ତଳି ପ୍ରସ୍ତୁତି



**ଡା**ଲୁଆ ଧାନ ପାଇଁ ତଳି ପକାଇବା କାମ ଚଳିତ ମାସ ଶେଷଶୁଦ୍ଧା ଶେଷ କରନ୍ତୁ । ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ। ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ । ତଳି ପ୍ରସ୍ତୁତି ପୂର୍ବରୁ ପ୍ରଥମେ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩-୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲି ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବର ଖତ, ୧୨ କି.ଗ୍ରା. ସିଙ୍ଗିଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ । ବିହନରୁ କଣ୍ଡା ଓ ଅଗାଡ଼ି ବାହାରକରିବା ପାଇଁ ଲୁଣପାଣି ଉପଚାର କରନ୍ତୁ। ଡାଲୁଅ ଧାନର ସହଳ କିସମ ବିହନ ମଧ୍ୟରେ ରହିଛି ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା, ଜ୍ୟୋତିର୍ମୟୀ, ସହଭାଗୀ ଧାନ । ମଧ୍ୟମ କିସମ ବିହନ ଭାବରେ ଲଲାଟ, ତପସ୍ୱିନୀ, ତେଜସ୍ୱିନୀ, ମନସ୍ୱିନୀ, ନବୀନ, ଏସ୍‌ଟିୟୁ-୧୦୦୧ ଚୟନ କରିପାରନ୍ତି।

# ମାଛଚାଷ ସମୟରେ...

**ବ**ର୍ଷାରେ ମାଛ ପୋଖରୀ ହୁଡ଼ା ଭାଙ୍ଗିଯାଇଥିଲେ ତୁରନ୍ତ ମରାମତି କରନ୍ତୁ । ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ । ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ଏକ ମାସ ଅନ୍ତରରେ ପକାଇଲେ ମାଛମାନଙ୍କୁ ରୋଗ ହୋଇ ନ ଥାଏ । ପକ୍ଷ ଓ ଲାଞ୍ଜ ପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତକରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ । ଏପରି ୨ରୁ ୩ଦିନ କରିବେ। ପଚା ଘା'ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ ରୁ ୪ ଦିନ ରଖନ୍ତୁ । ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ ।



# ଡାଲିଜାତୀୟ ଫସଲ ଚାଷ

**ଡା**ଲିଜାତୀୟ ଫସଲ ଚାଷ କରୁଥିଲେ ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ୧ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷକରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗକଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ସମ୍ଭାବନା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଚିତଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ।

# ବଜବଜିଆ ରୋଗ

(ଶେଷ ଭାଗ)

**ଚିକିତ୍ସା ବ୍ୟବସ୍ଥା :** ବଜବଜିଆ ରୋଗ ଆରମ୍ଭ ହେଲା ମାତ୍ରେ ଚିକିତ୍ସା କଲେ ତାହା ଫଳପ୍ରଦ ହୋଇଥାଏ। ବିଭିନ୍ନ ଆଣ୍ଟିବାୟୋଟିକ୍ ଯଥା- ପେନ୍‌ସିଲିନ୍, ଅକ୍ସିଟେଟ୍ରାସାଇକ୍ଲିନ୍, କ୍ଲାଇଣ୍ଡାମାଇସିନ୍, କ୍ଲୋରୋଫେନିକଲ୍ ଇଞ୍ଜେକସନ ଆବଶ୍ୟକ ସ୍ଥଳେ ଦୁଇଗୁଣ ହିସାବରେ ୫ଦିନ ପର୍ଯ୍ୟନ୍ତ ଅତିକମ୍‌ରେ ଦେବାକୁ ପଡ଼େ। ସେହି ଅବସ୍ଥାକୁ ଗାଈ ବା ଛଡ଼ାମାନଙ୍କୁ ପ୍ରଜନନକ୍ଷମ କରି ଗର୍ଭବତୀ କରାଯାଇପାରିବ। ଏହି ଇଞ୍ଜେକସନ ମଧ୍ୟ ଫୁଲା ଅଂଶରେ ଦିଆଯାଇଥାଏ । ଅନ୍ୟାନ୍ୟ ଇଞ୍ଜେକସନ ଯଥା ଆଭିଲ୍, ଷ୍ଟିରଏଡ୍ ଏବଂ ଆବଶ୍ୟକ ସ୍ଥଳେ ଡେକ୍ସଟ୍ରୋଜ୍ ସାଲାଇନ ମଧ୍ୟ ଦିଆଯିବା ଦରକାର। ଫୁଲା ପଡ଼ିଥିବା ମାଂସପେଶୀରେ ଘା' ସୃଷ୍ଟି ହେଲେ ଏହି ସ୍ଥାନରୁ ସମସ୍ତ ଗ୍ୟାସ୍ ଓ ପାଣି ଅଂଶ ଭଲଭାବେ ବାହାରକରିବା ସହ ସଫାକରି ପ୍ରତିଦିନ ଆଣ୍ଟିବାୟୋଟକ୍ ଔଷଧ ସାହାଯ୍ୟରେ ଡ୍ରେସିଂ କରାଯିବା ଉଚିତ।



**ରୋଗ ନିୟନ୍ତ୍ରଣ**

**ପ୍ରତିଷେଧକ ବ୍ୟବସ୍ଥା :** ଅଳ୍ପ ବୟସ୍କ ୬ମାସରୁ ଊର୍ଦ୍ଧ୍ୱ ଏବଂ ୩ ବର୍ଷରୁ କମ୍ ଥିବା ସମସ୍ତ ବାଛୁରୀ ଓ ଗୋରୁଙ୍କୁ ଶୀତଦିନ ଆରମ୍ଭରେ ନିମ୍ନଲିଖିତ ଟିକା ଦିଆଯିବା ଏକାନ୍ତ ଜରୁରୀ । (କ) ଫର୍ମାଲାଇଜିଡ୍ ହୋଲ୍ କଲ୍‌ଚର ବି.କ୍ୟୁ.ଭ୍ୟାକ୍ସିନ - ୫ମି.ଲି. (ଚମଡ଼ା ତଳେ), (ଖ) ବାଇଭାଲାଣ୍ଟ ବି.କ୍ୟୁ. ଭ୍ୟାକ୍ସିନ୍।

- ମୃତ ବାଛୁରୀର ଶରୀର ବ୍ୟବଚ୍ଛେଦ କରିବା ଉଚିତ ନୁହେଁ । ଏହାକୁ ପୋତିଦେବା ବା ପୋଡ଼ିଦେବା ଦରକାର । ପୋତିବା ସ୍ଥାନ ଉପରେ ଚୂନ ବା କଷ୍ଟିକ୍ ସୋଡ଼ା ପକାଇବା ଦରକାର ।
- ସୁସ୍ଥସବଳ ବାଛୁରୀଙ୍କୁ ରୋଗାକ୍ରାନ୍ତ ହୋଇଥିବା ବାଛୁରୀଙ୍କଠାରୁ ଦୂରେଇ ରଖନ୍ତୁ ।
- ସାଧାରଣତଃ ମାଟିରୁ ଏହି ଜୀବାଣୁ ବାଛୁରୀମାନଙ୍କୁ ସଂକ୍ରମଣ କରିଥାନ୍ତି। ତେଣୁ କେଉଁ ମାଟିରେ ଏହି ଜୀବାଣୁ ଅଛନ୍ତି, ତାହା ଜାଣିବା ଦରକାର । ସେହି ଅନୁସାରେ ସେହି ଅଞ୍ଚଳକୁ ବାଛୁରୀମାନଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ ।
- ରୋଗ ଆରମ୍ଭ ହେବାମାତ୍ରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସାହାଯ୍ୟ ନିଅନ୍ତୁ ଏବଂ ଏହାର ଚିକିତ୍ସା ସଙ୍ଗେ ସଙ୍ଗେ କରାନ୍ତୁ ।
- ଗୁହାଳକୁ ସ୍ୱାସ୍ଥ୍ୟକର ଓ ପରିଷ୍କାର ପରିଚ୍ଛନ୍ନ ପରିବେଶରେ ରଖନ୍ତୁ ଏବଂ ନିୟମିତ ଭାବରେ ବିଶୋଧନ କରନ୍ତୁ ।
- ଖାଦ୍ୟପାତ୍ର ଓ ପାଣିପାତ୍ରକୁ ନିୟମିତ ଭାବେ ପରିଷ୍କାର ଓ ବିଶୋଧନ କରାନ୍ତୁ।
- ଗୁହାଳରେ ଆବଶ୍ୟକ ମୁତାବକ ଗୋରୁ ରଖନ୍ତୁ ଏବଂ ଅଯଥା ଗହଳି କରିବାକୁ ଦିଅନ୍ତୁ ନାହିଁ ।
- ଗୁହାଳରେ ମୁକ୍ତ ବାୟୁ ଚଳାଚଳ ଓ ଆଲୋକ ପ୍ରବେଶ ପାଇଁ ବ୍ୟବସ୍ଥା କରନ୍ତୁ।

- ଡା. ବୀରକିଶୋର ପରିଡ଼ା, ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ,
ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

# ପ୍ରତି ପଞ୍ଚାୟତକୁ ଯକ୍ଷ୍ମାମୁକ୍ତ ଲକ୍ଷ୍ୟ

ବ୍ରହ୍ମପୁର,୨୫।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଯକ୍ଷ୍ମାମୁକ୍ତ ପଞ୍ଚାୟତ ସମ୍ମାନ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଗଞ୍ଜାମ ଜିଲାର ଅନେକ ପଞ୍ଚାୟତ ଯକ୍ଷ୍ମାମୁକ୍ତ ହୋଇ ସାରିଛି। ଆସନ୍ତା ଦିନରେ ପ୍ରତି ପଞ୍ଚାୟତକୁ ଯକ୍ଷ୍ମାମୁକ୍ତ କରାଯିବା ଲକ୍ଷ୍ୟ ରହିଛି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ବ୍ରହ୍ମପୁର ଏମପି ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଏମପିଙ୍କ ସମେତ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତିଭାସନ, ଏମକେସିଜି ମେଡିକାଲ ଡିନ ତଥା ପ୍ରିନିସପାଲ ପ୍ରଫେସର ସୁଚିତ୍ରା ଦାସ, ସିଡିଏମଓ ସୁଶାନ୍ତ କୁମାର ନାୟକ, ମେଡିକାଲ କଲେଜ ଅଧକ୍ଷ ଦୁର୍ଗାମାଧବ ଶତପଥୀ, ଯକ୍ଷ୍ମା ବିଭାଗର ଆସୋସିଏଟ ପ୍ରଫେସର ପ୍ରିୟଙ୍କା ଦାସ, ଏଡିପିଏଚଓ(ଯକ୍ଷ୍ମା) ଡା.ଅବନୀ କୁମାର ପାତ୍ର, ଡିପିଏଚଓ ଗଞ୍ଜାମ ଡା.ବାଲୁକେଶ୍ୱର ଷଡଙ୍ଗୀ, ଜିଲା ପଞ୍ଚାୟତ ଅଧିକାରୀ ପ୍ରହ୍ଲାଦ ପ୍ରଧାନ, ଡିପିଏମ ଏନଏଚଏମ ବୁଲୁନାଥ ସାହୁ, ଏମଓଡିଟିସି ଡା. ଗୀତିମୟ ପଟ୍ଟନାୟକ, ଡିପିସି ଏନଟିଇପି ବିଦେଶୀ ଜେନା, ଡିପିପିଏମ ସୁଧୀର କାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ କହିଲେ ଯେ, ଏହି ସମାରୋହ ମାଧ୍ୟମରେ ସମସ୍ତ ପଞ୍ଚାୟତ, ସ୍ୱାସ୍ଥ୍ୟ କର୍ମୀ, ଅଗ୍ରଜ୍ୟୋତି ସେବକ ଏବଂ ଗ୍ରାମକୁ ମିଳିତ ସମ୍ମାନିତ କରାଯାଉଛି। ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ସମୁଦାୟ ଉଦ୍ୟମରେ ଏହା ଏକ ସଫଳ ଯାତ୍ରା। ଯେଉଁ ପଞ୍ଚାୟତକୁ ଏହି ସମ୍ମାନ ମିଳିଛି ଅନ୍ୟ ପଞ୍ଚାୟତ ସେମାନଙ୍କୁ ଅନୁକରଣ କରିବା ଉଚିତ ବୋଲି ସେ କହିଥିଲେ। ଏହା ସ୍ୱାସ୍ଥ୍ୟ ସଫଳତା ନୁହେଁ ଏହା ଏକ ସାମାଜିକ ସଚେତନତା ବୋଲି ସେ କହିଥିଲେ। ଜିଲାର ୧୬୫ ପଞ୍ଚାୟତ ଯକ୍ଷ୍ମାମୁକ୍ତ ହୋଇଛନ୍ତି। ୨୦୨୩ରେ ୫୩ ପଞ୍ଚାୟତ ଯକ୍ଷ୍ମାମୁକ୍ତ ପାଇଁ କାଂସ୍ୟ ପଦକ ପାଇଥିଲେ। ସେହି ପଞ୍ଚାୟତଗୁଡିକ ସମସ୍ତ ସୁବିଧା ଯୋଗାଇଦେବା ପରେ ସେମାନେ ଯକ୍ଷ୍ମାମୁକ୍ତ ହୋଇପାରିଛନ୍ତି। ୨୦୨୪ରେ ୮୮ ପଞ୍ଚାୟତ ଯକ୍ଷ୍ମା ବିରୋଧରେ କାମ କରି କାଂସ୍ୟ ପଦକ ପାଇଛନ୍ତି। ଘରେ ଘରେ ସଚେତନତା, ପରୁକ୍ଷା, ପୂର୍ଣ୍ଣ ଚିକିତ୍ସା, ପୋଷଣ ସହଯୋଗ ଦ୍ୱାରା ଏକ ଉଦାହରଣ ସୃଷ୍ଟି ହୋଇଛି। ଗତ ୨ ବର୍ଷରେ ଯକ୍ଷ୍ମା ବିରୋଧରେ କାର୍ଯ୍ୟକରି ୨୪ ପଞ୍ଚାୟତ ରୌପ୍ୟ ପଦକ ହାସଲ କରିବା ସବୁଠୁ ବଡକଥା। ଶକ୍ତିଶାଳୀ ନେତୃତ୍ୱ, ନିରନ୍ତର ନିରୀକ୍ଷଣ ଓ ସମୁଦାୟ ଭାଗୀଦାରି ଦ୍ୱାରା ଲମ୍ବା ସମୟ ପର୍ଯ୍ୟନ୍ତ ଯକ୍ଷ୍ମା ମୁକ୍ତ ସ୍ଥିତି ରହିପାରେ। ଉପରୋକ୍ତ ପଞ୍ଚାୟତଗୁଡିକ ଜିଲାର ଗର୍ବ ବୋଲି ସିଡିଏମଓ କହିଥିଲେ। ଡା.ଗୀତିମୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

**ବାଲି ବୋଝେଇ ୩ ହାଇୱା ଜବତ, ୩ ଗିରଫ:** ବୁଗୁଡା,(କାଳିଚରଣ ଦାଶ)-ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଡେଙ୍ଗାପଦର ଓ ପୋଚାଲୁଣ୍ଡି ରାସ୍ତାରେ ବେଆଇନ ବାଲି ବୋଝେଇ ୩ଟି ହାଇୱାକୁ ପୋଲିସ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖଲିକୋଟ ଥାନା ଅନ୍ତର୍ଗତ ଡାଲିପଟି ଗ୍ରାମର ଶଙ୍କର ଗୌଡ, କୋଦଳା ଥାନା ଅନ୍ତର୍ଗତ ଭବାନିପୁର ଗ୍ରାମର ଗନ୍ତାୟତ ଗୌଡ ଓ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ବିରିବାଟିଆ ଗ୍ରାମର ନାରାୟଣ ପ୍ରଧାନ। ଏ ନେଇ ପୃଥକ ୩ ମାମଲା (ନଂ. ୭୩୮/୭୩୯/୭୪୦/୨୫) ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।

## ବାଲିଗୁଡ଼ା ଇନ୍‌ଡୋର ଷ୍ଟାଡିୟମ ପୁଣି ଉଦ୍‌ଘାଟିତ

ବାଲିଗୁଡା,୨୫।୧୧
(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଅଞ୍ଚଳର କ୍ରୀଡ଼ାବିତଙ୍କ ବହୁ ଦିନର ସ୍ୱପ୍ନ ସାର୍ଥକ ହୋଇଛି। କନ୍ଧମାଳ ଏମପି ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ମଙ୍ଗଳବାର ପୁନଃ ଉଦଘାଟିତ ହୋଇଛି। ଏହି ଅବସରରେ ପ୍ରଥମେ ବାଲିଗୁଡ଼ା ନଗର ଭାଜପା ପକ୍ଷରୁ କର୍ମୀଙ୍କ ଗହଣରେ ଏକ ବିରାଟ ପଟୁଆରରେ ଆସି ଏମପି ପାଣିଗ୍ରାହୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ଇଣ୍ଡୋର ଷ୍ଟାଡିୟମରେ ପହଞ୍ଚି ଥିଲେ। ବାଲିଗୁଡା ଆଇଟିଡିଏ ଦ୍ୱାରା ୫୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମରାମତି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯାଇ ପୁନଃ ଉଦଘାଟନ କରାଯାଇଥିଲା। ଦୀର୍ଘଦିନ ଧରି ମରାମତି କାର୍ଯ୍ୟ ଚାଲୁ ଥିବାରୁ ବ୍ୟାଡମିଣ୍ଟନ, ଟେବୁଲ ଟେନିସ ଖେଳାଳି ମାନେ ଅଭ୍ୟାସ କରିବାରୁ ବଞ୍ଚିତ ହୋଇ ରହିଥିଲେ।

## ଜାନୁଆରୀରେ ସରିବ ଅସ୍ଥାୟୀ ବସ୍ ଷ୍ଟାଣ୍ଡ ନିର୍ମାଣ




ତଦାରଖ ସମୟରେ ଉପସ୍ଥିତ ଏମପି, ବିଧାୟକ ଓ ଅନ୍ୟମାନେ।

ବ୍ରହ୍ମପୁର,୨୫।୧୧(ସ୍ମୃତି ରଞ୍ଜନ ମହାଲିକ)- ଗେଟ ବଜାର ଫ୍ଲାଏ ଓଭରବ୍ରିଜ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅସ୍ଥାୟୀ ନୂଆ ବସଷ୍ଟାଣ୍ଡ ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ସହରର ଢୁଢୁମା କଲୋନୀ ନିକଟସ୍ଥ ଏକ ଜାଗାରେ ଅସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇଥିଲା। ବର୍ତ୍ତମାନ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବସ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମଙ୍ଗଳବାର ବ୍ରହ୍ମପୁର ଏମପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ କେ. ଅନୀଲ କୁମାର ଓ ବିଏମସି ମେୟର ସଂଘମିତ୍ରା ଦଳେଇ ଅସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସ୍ଥଳ ପରିଦର୍ଶନ କରିଥିଲେ। ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜିଶିର୍କେ ବସଷ୍ଟାଣ୍ଡ ନିର୍ମାଣର ରୂପରେଖ ସଂପର୍କରେ ଏମପିଙ୍କୁ ସୂଚନା ଦେଇଥିଲେ। ବର୍ତ୍ତମାନ ୨ ପର୍ଯ୍ୟାୟରେ ହୋଇଥିବା ଟେଣ୍ଡର ଅନୁଯାୟୀ ୩ କୋଟି ଟଙ୍କାରେ ଅସ୍ଥାୟୀ ବସ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଜାରି ରହିଛି। ବସ ଯାତାୟତ ଓ ଯାତ୍ରୀଙ୍କ ସୁବିଧା ନିମନ୍ତେ ଆନୁସଙ୍ଗିକ ସୁବିଧା ସଂପର୍କରେ କମିଶନର ସୂଚନା ଦେଇଥିଲେ। ଆସନ୍ତା ଜାନୁଆରୀରେ ଅସ୍ଥାୟୀ ବସଷ୍ଟାଣ୍ଡ ପୂର୍ଣ୍ଣାଙ୍ଗ ହେବ ବୋଲି ସୂଚନା ମିଳିଛି। ଗେଟ ବଜାର ଫ୍ଲାଏ ଓଭରବ୍ରିଜ ପାଇଁ ଗତ ମାର୍ଚ୍ଚ ୮ତାରିଖରେ ଭିତ୍ତି ପ୍ରସ୍ତର ଦିଆଯାଇଥିଲା। ପ୍ରାୟ ୧୧୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ପରେ ବର୍ତ୍ତମାନ ଓଡିଶା ବ୍ରିଜ ଏଣ୍ଡ କନଷ୍ଟ୍ରକସନ କର୍ପୋରେସନ ଲିମିଟେଡ ପକ୍ଷରୁ ଗୁଜରାଟର ଚେଭରସ ନାମକ ସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ସଂସ୍ଥା ପକ୍ଷରୁ ଗତ ସେପ୍ଟମ୍ବର ମାସରେ ବ୍ରିଜ କାମ ଆରମ୍ଭ ହୋଇଛି। ଏହି ବ୍ରିଜଟି ଗେଟ ବଜାର, ନୀଳାଦ୍ରି ବିହାର ଓ ସିଟି ହସ୍ପିଟାଲ ରୋଡକୁ ସଂଯୋଗକୁ କରିବ।

## ୯ ଲକ୍ଷ କ୍ଷତିପୂରଣ ପାଇଁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଡ୍ରେନ୍‌ରେ ପଡ଼ି ନାବାଳକଙ୍କ ମୃତ୍ୟୁ ମାମଲା

କଟକ,୨୫।୧୧(କାର୍ତ୍ତିକ ସାହୁ)
ବ୍ରହ୍ମପୁରରେ ମୁକୁଳା ଡ୍ରେନ୍‌ରେ ପଡ଼ି ନାବାଳକ ମୃତ୍ୟୁ ମାମଲାରେ ସମ୍ପୃକ୍ତ ପରିବାରକୁ ୯ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଓଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଇତିମଧ୍ୟରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୩ ଲକ୍ଷ ଓ ରେଡ୍‌କ୍ରସ୍ ସୋସାଇଟି ପକ୍ଷରୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ମୋଟ ୭ ଲକ୍ଷ କ୍ଷତିପୂରଣ ପ୍ରଦାନ କରାଯାଇଥିବାରୁ ଅବଶିଷ୍ଟ ୨ ଲକ୍ଷ କ୍ଷତିପୂରଣ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ସଚିବ ପ୍ରଦାନ କରିବା ପାଇଁ ଓଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ଷତିପୂରଣ ରାଶି ୩ ମାସ ମଧ୍ୟରେ ପ୍ରଦାନ ପାଇଁ ଓଏଚ୍‌ଆର୍‌ସି କହିଛନ୍ତି। ୨୦୨୪ ଅଗଷ୍ଟ ୨୧ରେ ବ୍ରହ୍ମପୁର ଲକ୍ଷ୍ମୀନୃସିଂହ ସାହି ନିକଟ ମୁକୁଳା ଡ୍ରେନ୍‌ରେ ପଡି ଶିବା ପାତ୍ରଙ୍କ ପୁଅ ସାଇରାମ (୧୦)ଙ୍କ ମୃତ୍ୟୁ ହୋଇଥିଲା।









# ବେତନଟୀ ତହସିଲଦାରଙ୍କୁ ଆକ୍ରମଣ

- ଆତଙ୍କ ସୃଷ୍ଟିକଲେ ବାଲି ଚୋରାଚାଲାଣକାରୀ
- ଡ୍ରାଇଭର ଗୁରୁତର
- ୫ କର୍ମଚାରୀ ଆହତ, ୨ ଗିରଫ

ବାରିପଦା(ନୀଳାଦ୍ରିବିହାରୀ ଦଣ୍ଡପାଟ)/ ବେତନଟୀ(ଧରଣୀଧର ମହାନ୍ତି),୨୫।୧୧


ଆକ୍ରମଣରେ ଗୁରୁତର ତହସିଲ ଗାଡ଼ି ଡ୍ରାଇଭର ନିହାର ରଞ୍ଜନ ବିଶ୍ୱାଳ।

ଲଘୁଖଣିଜ ଚୋରା ଚାଲାଣ ରୋକିବାକୁ ଯାଇ ମୟୂରଭଞ୍ଜ ଜିଲା ବେତନଟୀ ତହସିଲଦାରଙ୍କ ସମେତ ୫ କର୍ମଚାରୀ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଛନ୍ତି। ବାଲି ଚୋରାଚାଲାଣକାରୀଙ୍କ ଆକ୍ରମଣରେ ତହସିଲ ଗାଡ଼ି ଡ୍ରାଇଭର ନିହାର ରଞ୍ଜନ ବିଶ୍ୱାଳ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତିକରାଯାଇଛି। ତହସିଲଦାର ଚନ୍ଦ୍ରଜିତ୍ ବେହେରାଙ୍କ ଅଭିଯୋଗକୁ ଭିତ୍ତିକରି ବେତନଟୀ ପୋଲିସ ଏକ ମାମଲା (ନଂ.୪୧୭/୨୫) ରୁଜୁକରି ଆକ୍ରମଣକାରୀ ୨ ଭାଇଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବଡ଼ସାହି ଥାନା ଅଧୀନ ବର୍ଡନା ଗ୍ରାମର ବାବୁଲୁଆ ଗାଆଣ ଓ ଟିକିଲୁଆ ଗାଆଣ। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ୩ଟାରେ ତହସିଲଦାର ବେହେରା ଫାୟାର ଷ୍ଟେସନ ଛକ ନିକଟରୁ ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ୧୦ରୁ ଊର୍ଦ୍ଧ୍ୱ ଚୋରାଚାଲାଣକାରୀ ତହସିଲଦାରଙ୍କୁ ଆକ୍ରମଣକରିବା ପାଇଁ ତୁଳସୀଚଉରା ଛକରେ ଜଗି ରହିଥିଲେ। ଅପରାହ୍ନ ୪ଟାରେ ଅନ୍ୟ କର୍ମଚାରୀଙ୍କ ସହ କାର୍ଯ୍ୟାଳୟରୁ ବାହାରି ତହସିଲଦାର ବାରିପଦା ଯାଉଥିବା ସମୟରେ ବାଲି ଚୋରାଚାଲାଣକାରୀମାନେ ତାଙ୍କ ଗାଡ଼ିକୁ ଅଟକାଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଆକ୍ରମଣରେ ତହସିଲ ଗାଡ଼ି ଡ୍ରାଇଭରଙ୍କ ମୁଣ୍ଡ ଫାଟିଯିବାରୁ ସେ ଗୁରୁତର ହୋଇଥିଲେ।

ଉଲ୍ଲେଖଯୋଗ୍ୟ, କିଛିଦିନ ପୂର୍ବେ ରାସଗୋବିନ୍ଦପୁର ପୋଲିସ ନିକଟରୁ ବାଲି ଚୋରାଚାଲାଣକାରୀ ଜବତ ଦୁଇଟି ଡମ୍ପରକୁ ବଳପୂର୍ବକ ନେଇଯିବା ଏବଂ ରାଜପଥରେ ତହସିଲଦାର ଓ କର୍ମଚାରୀଙ୍କୁ ଆକ୍ରମଣ ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି।

# ୩ ଶିଶୁଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

କାଳିମେଳା,୨୫।୧୧(ଜୀବନ କୃଷ୍ଣ ଦାସ)

ଚକୋଲେଟ୍, ଖେଳଣା ଦେବା ବାହାନାରେ ଜଣେ ଯୁବକ ୩ଜଣ ଶିଶୁଙ୍କୁ ଘରକୁ ଡାକିନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ମାଲକାନଗିରି ଜିଲା କାଳିମେଳା ବ୍ଲକ୍ ଏମ୍ଭି-୭୨ ଅଞ୍ଚଳରେ ଏଭଳି ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଗତ ଗୁରୁବାର ଏହା ଘଟିଥିଲେ ମଧ୍ୟ ସମ୍ପୃକ୍ତ ଶିଶୁଙ୍କ ଶରୀର ଅସୁସ୍ଥ ହେବା ପରେ ରବିବାର ଉକ୍ତ ଘଟଣା ଲୋକଲୋଚନକୁ ଆସିଛି। ଏ ନେଇ ପରିବାର ଲୋକେ ଏମ୍ଭି-୭୯ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି ତଦନ୍ତ ଆରମ୍ଭ କରିଛି। ଗିରଫ ଅଭିଯୁକ୍ତ ହେଲେ ଏମ୍ଭି ୭୨ ଗ୍ରାମର ହରେନ ମଣ୍ଡଳ (୪୬)। ଅନ୍ୟପକ୍ଷେ କାଳିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁଙ୍କ ଚିକିତ୍ସା କରାଯାଇଛି। ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଏମ୍ଭି ୭୯ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଏମ୍ଭି-୭୨ ଅଞ୍ଚଳର ୫ ବର୍ଷର ୩ ଜଣ ଶିଶୁ ସେମାନଙ୍କ ଘର ସାମ୍ନାରେ ଖେଳୁଥିଲେ। ପଡ଼ିଶା ଘରେ ରହୁଥିବା ହରେନ ସେମାନଙ୍କୁ ଚକୋଲେଟ ଏବଂ ଖେଳଣା ଦେବେ ବୋଲି କହି ଘର ଭିତରକୁ ଡାକିନେଇଥିଲେ। ପରେ ଜଣକ ପରେ ଜଣଙ୍କୁ ବଳାତ୍କାର କରିଥିବା ପିଲାଙ୍କ ପରିବାର ଲୋକେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏହି କଥା ବାହାରେ ନ କହିବା ପାଇଁ ପିଲାଙ୍କୁ ଡରାଇବା ସହ ଧମକ ଦେଇଥିଲେ। ଏ ନେଇ ପିଲାମାନେ ଭୟରେ ଘରେ କାହାକୁ କିଛି କହି ନ ଥିଲେ। ଅଭିଯୁକ୍ତ ହରେନ ଆନ୍ଧ୍ରପ୍ରଦେଶରେ ରହି ଠିକାଦାର କାମ କରୁଥିବାବେଳେ ତାଙ୍କ ସ୍ତ୍ରୀ ମଧ୍ୟ ବାହାରେ ରୁହନ୍ତି। ଘଟଣା ଘଟିବା ଦିନ ଅଭିଯୁକ୍ତ ଜଣକ ଘରେ ଏକା ଥିଲେ ବୋଲି ପିଡ଼ିତାଙ୍କ ପରିବାର ଲୋକେ କହିଛନ୍ତି। ଜଣେ ବ୍ୟକ୍ତି ୩ ନିଷ୍ପାପ ଶିଶୁଙ୍କୁ ବଳାତ୍କାର କରିଥିବାରୁ ଅଭିଯୁକ୍ତଙ୍କୁ କଠୋରରୁ କଠୋର ଦଣ୍ଡଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଏମ୍ଭି ୭୯ ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କୁ ପଚାରିବାରୁ ଶିଶୁଙ୍କୁ ବଳାତ୍କାର ହୋଇଥିବା ଘଟଣା ସ୍ୱୀକାର କରିଛନ୍ତି।

## କିରୋସିନ ଢାଳି ସ୍ତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ବଞ୍ଚାଇବାକୁ ଯାଇ ସ୍ୱାମୀ ଗୁରୁତର

ମାଲକାନଗିରି, ୨୫।୧୧(ସୁଚିତ୍ରା ଦାସ)

ସ୍ତ୍ରୀ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ସମୟରେ ତାଙ୍କୁ ବଞ୍ଚାଇବାକୁ ଯାଇ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି ମାଲକାନଗିରି ସଦର ମହକୁମା ତାମିଲ କ୍ୟାମ୍ପ ଛକ ନିକଟରେ। କୌଣସି କାରଣକୁ ନେଇ ଦମ୍ପତିଙ୍କ ମଧ୍ୟରେ ଝଗଡା ହୋଇଥିଲା। ସ୍ତ୍ରୀ ରାଗିଯାଇ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ସ୍ୱାମୀ ନିଆଁ ଲିଭାଇବାକୁ ଚେଷ୍ଟାକରି ଗୁରୁତର ହୋଇଛନ୍ତି। ସ୍ତ୍ରୀ ମଧୁରୀ କଟିମଙ୍କ ଶରୀର ୭୦ ଭାଗ ପୋଡ଼ିଯାଇଥିବାବେଳେ ସ୍ୱାମୀ ନରେନ୍ଦ୍ର କଟିମଙ୍କ ଶରୀରର ବିଭିନ୍ନ ସ୍ଥାନ ନିଆଁରେ ପୋଡ଼ିଯାଇଛି।

---

**GOVT. OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH**
E-mail: eerw_ptng@yahoo.in, Phone No.-06658-222121

No.O-1518:

**e-Procurement Notice**
**IFB IDENTIFICATION NO. EEPTNG-Online-14/2025-26**

| | | | |
|---|---|---|---|
| 1 | Name of Work | : | Building Works |
| 2 | Total No. of Work | : | 15 (Fifteen) No. Works |
| 3 | Time for Completion | : | 06 (Six) Calendar Months |
| 4 | Approximate estimated Cost | : | 20.17 lakh to 47.06 Lakhs |
| 5 | Mode of Submission of tender | : | Tender should be submitted online in www.tendersorissa.gov.in |
| 6 | Other details are as follow | | |

| Procurement Officer | Bid Identification No. | Availability of Tender Online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn. Patnagarh | EEPTNG- On-line- 14/2025-26 | 24.11.2025 at 11.00 A.M. | 06.12.2025 upto 5.00 PM | 05.12.2025 upto 5.00 P.M. | 08.12.2025 At 11.00 AM |

- Further details can be seen from the website www.tendersorissa.gov.in
- Any Corrigendum/ Addendum will be displayed in the above e tender website only.

OIPR- **Sd./- Executive Engineer, R.W.Division, Patnagarh**

---

**GOVERNMENT OF ODISHA** email: serwsbd2003@yahoo.com
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**

Letter No.5943 Date:15.11.2025

**NATIONAL COMPETITIVE BIDDING THROUGH e-Procurement Notice**

No.O-1517: 1. Name of the Work : Construction of Road & Bridge Works- 08 Nos. 2. Class of Contractor: "B" Class & "A" Class of (Odisha PWD) or relevant class of other Licensing Authority. 3. Estimated Cost: Various from Rs.75.66 Lakhs to Rs.315.90 Lakhs (Approximately) 4. Details of Projects: As per Annexure attached.

| Procurement Officer | Bid Identification No. | Availability of Tender Online for Bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCER-WCSBD-Online-25/2025-26 | 25.11.2025 at 11.00 AM | 09.12.2025 upto 5.00 P.M. | 08.12.2025 upto 2.00 PM | 10.12.2025 at 11.00 AM | To be intimated separately |

5. The details of works can be seen from the website https://www.tendersodisha.gov.in
6. Any Corrigendum/ Addendum will be displayed in the above e-tender website.

OIPR- **Sd./- Chief Construction Engineer RW Circle, Sunabeda**

---

**ODISHA HYDRO POWER CORPORATION LTD.**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO : BARINIPUT, DIST-KORAPUT-764006, ODISHA
PHONE : (06854)242001 (O), FAX-(06854)242038, E-mail : sgmel.ukhep@gmail.com

**TENDER CALL NOTICE NO. UKHEP-38/25-26, DATED. 20.11.2025**

**No.CAD-2449 :** Sealed tenders are invited in TWO PARTS i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers/Authorized dealers/Reputed Suppliers/Chhannel Partners for "Procurement of Ceiling fans for UKHEP, Bariniput".

| Description of work | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|
| Procurement of Ceiling fans for UKHEP, Bariniput | 7080/- (Rs.6000/-+18% GST) | 16100/- |

The sale of Tender Paper will be from : **25.11.25 to 11.00 Hrs of 10.12.2025**
The last date & time of receipt of Tender : Up to **12:00 Hrs of 10.12.2025**
The date and time of opening of Tender : **At 12:30 Hrs of 10.12.2025**
For details of tender documents, Terms & conditions, downloading, please visit our website www.ohpcltd.com.

**Sd./- C&P Head**
**Upper Kolab H.E.Project**
**Bariniput**
OIPR-

---

**OFFICE OF THE DIRECTOR,**
**CAPITAL HOSPITAL BHUBANESWAR**
ରାଜଧାନୀ ମୁଖ୍ୟ ଚିକିତ୍ସାଳୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର
Email : director.chb@gmail.com Ph-(0674)-2391983/85/79
Order No.12295/DCHB Date : 21/11/2025

**TENDER CALL NOTICE**

**No.E-530** : Sealed tenders are invited from reputed Food Catering Service providers (plate meal basis on site) by the Director, Capital Hospital, Bhubaneswar for the year 2025-2026 through courier service/speed post/registered post only. For detail, please visit our website : www.capitalhospital.nic.in. The details of Last date & time of receipt of tender, date & time of opening of tender, venue etc. are as mentioned in the bid documents. The undersigned reserves the right to reject or cancel any or all the tender without any reason thereof.

**Sd./- Rupabhanu Mishra**
OIPR- **Director, Capital Hospital, Bhubaneswar**

---

**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB H.E PROJECT : AT/PO : BARINPUT
DISTRICT-KORAPUT, PIN-764006
PHONE : 06854 242001, FAX- 06854 242038
REGD OFFICE :ODISHA HYDRO POWER CORPORATION LTD
JANPATH, BHOINAGAR, BHUBANESWAR-751022
TELEPHONE : 0674-2542802, 3542826, 2545536, FAX : 0674 2542102
CIN : U40101OR1995SGC003963

**NOTICE INVITING TENDER NO.37/25-26 DATE 18/11/2025**

**No.CAD-2387 :** Sealed Tenders in duplicate are invited from the Govt registered "C & D" class contractor for the following work of Upper Kolab Hydro Electric Project, Bariniput.

| Sl No. | Name of the work | Cost of tender paper (Non-Refundable) in Rs. | EMD (Refundable) in Rs. |
|---|---|---|---|
| 1 | Geotechnical Investigation for Construction of new Annex Building, 3 BHK & 2 BHK flats at UKHEP, Bariniput | 4720/- inclusive of GST | Rs.6,300/- (Rupees Six Thousand Three Hundred) only |

Sale of tender paper : From 24/11/2025 of 10:00 Hrs to 11:00 Hrs of 09/12/25
Last date of submission of tender : Up to 12:00 Hrs. of 09/12/2025
Date & Time of opening of tender : At 12:30 Hrs. of 09/12/025
For details of the tender documents, terms and conditions please visit our website www.ohpcltd.com

**Unit Head**
OIPR- **UKHEP, Bariniput**

---

**OFFICE OF THE CHIEF DISTRICT MEDICAL OFFICER : KEONJHAR**
**(DISTRICT PROGRAMME MANAGEMENT UNIT, NHM)**
Advt.Lt.No.2259 Date : 21.11.2025

**TENDER CALL NOTICE**

**No.E-532** : Sealed TENDERS are invited from the Travel Agencies/ individuals for hiring of vehicles on monthly hire basis for IDSP, O/o-CDMO, Keonjhar. The detail TENDER documents may be downloaded from district NIC website i.e. www.https://kendujhar.odisha.gov.in/. The tender document must be submitted to the O/o-CDMO, Keonjhar-758001 through Regd. post/Speed Post/Courier only. The bidder should subscribe "Tender for hiring of vehicle under IDSP, Keonjhar" on the top of the envelope.
**Last date of submission of tender : 16.12.2025 till 03.00 pm.**
**Date of opening of tender : 16.12.2025 at 04.00 pm.**
The authority reserves the right to accept or reject any proposals without assigning any reasons thereof.

**Sd./- CDMO-cum-Dist.,**
OIPR- **Mission Director, Keonjhar**

---

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, GANJAM-II, BERHAMPUR**
**GOVERNMENT OF ODISHA**
E-mail: mi2_exe.engr@yahoo.co.in; Ph. No. 0680-2290475
**e-PROCUREMENT NOTICE**
**BID IDENTIFICATION No.: GMID-II/08/2025-26**
No.A-976
Ltr No. 5123 Date: 21.11.2025

| | | |
|---|---|---|
| Name of work | : | **Civil Construction Works** |
| No. of works | : | **4 (Four)** Nos. |
| Estimated cost | : | Rs.8.37 lakh to 58.04 lakh |
| Tender paper cost | : | **Rs. 10,000.00** (for estimated cost below 50.00 lakh) **Rs. 4000.00** (for estimated cost below 10.00 lakh) |
| Period of completion | : | **02** (Two) to **03** (Three) calendar months. |
| Class of Contractor | : | **"D", "C" & "B"** |
| Availability of bid documents | : | From **25.11.2025 at 10.00 AM** to **04.12.2025 upto 5.00 PM** in website (www.tendersorissa.gov.in) |
| Period of receipt of bid through online | : | From **25.11.2025 at 10.00 AM** to **04.12.2025 upto 5.00 PM** Through On-Line |
| Mode of payment | : | Online |
| Date of opening of bid documents | : | **05.12.2025 at 11.30 AM (Technical Bid opening for double cover system) 06.12.2025 at 4.00 PM financial Bid opening Cover-II** |
| Date of Lottery (if required) | : | Shall be intimated through website and E-mail specified for the purpose in e-tendering process |
| Digital signature certificate of Bidder | : | The bidder must possess compatible Digital Signature Certificate (DSC) of Class-II or Class-III. |
| **The detail tender call notice can also be seen in the DOWR website- http://dowrorissa.gov.in** | | |
| Name & Address of the OIT | : | Superintending Engineer, M.I. Division, Ganjam-II, In front of Depaul School, Engineering School Road, Berhampur, Dist.- Ganjam, PIN-760010 **E-mail: mi2_exe.engr@yahoo.co.in** |
| Further details can be seen from the E-Procurement Market place | : | http://tendersorissa.gov.in |

**Sd./- Superintending Engineer,**
OIPR- **M.I. Division, Ganjam-II, Berhampur**

---

ଓଡ଼ିଶା ସରକାର
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER-CUM- DEPUTY ELECTRICAL INSPECTOR, JEYPORE & NABARANGPUR**
AT-PLOT NO-127, OLD LIC OFFICE BUILDING, PUJARIPUT, KORAPUT
**No.01/2025-26 Dated : 18.11.2025**

**QUOTATION CALL NOTICE FOR HIRING OF PRIVATE BUILDING FOR OFFICE ACCOMMODATION**

**No.AA-37** : The Superintending Engineer-Cum-Dy. Electrical Inspector, Jeypore & Nabarangpur invites sealed quotation in a single bid system from interested house owners (hereinafter referred as "bidder") for hiring of private building at Jeypore Town on monthly rent basis for accommodation of office of the Superintending Engineer -Cum-Dy. Electrical Inspector, Jeypore & Nabarangpur and Assistant Executive Engineer-Cum- Assistant Electrical Inspector, JED & NED, Jeypore. The building should have carpet area of about 1500 Sqr ft. (minimum 3 rooms) excluding staircase, verandah and portico preferable Ground/First floor, having proper approach road, entrance with adequate parking and toilet facility. **The tender document is available on website https://eicelectricityodisha.nic.in/ from dated.27.11.2025**. The interested bidders may download tender document and submit the tender document in Annexure A, B & C duly completed, signed in all the pages by the authorized signatory/house owner along with requisite documents/Forms. All the tender documents may be sent by Speed Post with a covering letter in a sealed envelope duly superscribed with **"Quotation for hiring of private building for office accommodation" to The Superintending Engineer-Cum-Dy. Electrical Inspector, Jeypore & Nabarangpur, At- Plot No.127, OLD LIC Building, Pujariput, Koraput-764020** or may be submitted directly in the office of the undersigned **on/before 29.12.2025 by 3.00 P.M in working hours** and the tender shall be opened on the same day **at 4.00 P.M.** in presence of bidders or their authorized representative. Incomplete tenders and those received after due date are liable to be rejected.

**Sd./- Superintending Engineer-Cum-DEI,**
OIPR- **Jeypore & Nabarangpur**

---

**ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ:ଦାରିଙ୍ଗବାଡ଼ି, କନ୍ଧମାଳ**

No.n-198 ନୋଟିସ୍ ସଂଖ୍ୟା ୨୧୮୦, ତାରିଖ ୨୧.୧୧.୨୦୨୫

ପ୍ରାପ୍ତେଷୁ,
[illegible]

ଆପଣଙ୍କୁ ତଦନ୍ତରେ ଯୋଗ ଦେବା ନିମନ୍ତେ ବାରମ୍ବାର ନୋଟିସ ଦେବା ସତ୍ତ୍ୱେ ଆପଣ ହାଜର ହେଲେନାହିଁ । ଏଣୁ ତଦନ୍ତ ଅଧିକାରୀ ନିଜର ସମ୍ପୂର୍ଣ୍ଣ ତଦନ୍ତ ବିବରଣୀ ଦାଖଲ କଲେ । ତଦନ୍ତ ଅଧିକାରୀଙ୍କ ବିବରଣୀ ପ୍ରାପ୍ତ ପରେ ଦ୍ୱିତୀୟ କାରଣ ଦର୍ଶାଅ ନୋଟିସ୍ ଉକ୍ତ କାର୍ଯ୍ୟାଳୟ ପତ୍ରସଂଖ୍ୟା-୨୫୧୨, ତା.୨୪.୧୦.୨୦୨୫ରେ ରେଜିଷ୍ଟ୍ରି ଡାକ ଯୋଗେ ଆପଣଙ୍କ ନିକଟକୁ ପ୍ରେରଣ କରାଗଲା । କିନ୍ତୁ ଆପଣ ଆଜିସୁଦ୍ଧା ଏହାର କୌଣସି ଉତ୍ତର ଦେଲେ ନାହିଁ । ଏଣୁ ଉକ୍ତ ନୋଟିସ୍ ଜରିଆରେ ଜଣାଇ ଦିଆଯାଉଛି କି, ନୋଟିସ୍ ପ୍ରକାଶିତ ହେବା ତାରିଖ ଠାରୁ ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଉତ୍ତର ପ୍ରଦାନ କରିବେ । ଏଥିରେ ତ୍ରୁଟିକଲେ ଆପଣଙ୍କ ବିରୁଦ୍ଧରେ ଏକତରଫା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଚାକିରିରୁ ବହିଷ୍କାର ନିମନ୍ତେ ପଦକ୍ଷେପ ନିଆଯିବ ।

ସ୍ୱା./- ଗୋଷ୍ଠୀ ଶିକ୍ଷା ଅଧିକାରୀ
OIPR- ଦାରିଙ୍ଗବାଡ଼ି

---

**OFFICE OF THE CHIEF CONSTRUCTION ENGINEER, RAYAGADA (R&B) CIRCLE, RAYAGADA**
e-mail ID - sepwd_rgda@yahoo.com, Phone/Fax No. - 06856-223049
**e-Procurement Notice**
**Bid Identification No. C.C.E (RANDB) RGDA-09/2025-26 (Online) Dt.14.11.2025**
**No.1961 Date. 14.11.2025**

**No.B-712** **INVITATION FOR BIDS**

| | | | |
|---|---|---|---|
| 1. | The **Chief Construction Engineer, Rayagada (R&B) Circle, Rayagada** on behalf of Governor of Odisha invites **percentage rate** bids in **double cover mode** to be received in online mode only for the construction of works as detailed in the table below. | | |
| 2. | Nature of work | : | **Building & Bridge Works** |
| 3. | No. of works | : | **04 (Four) Nos. of work** |
| 4. | Estimated Cost (Approximately) | : | **Rs.630.95, Rs.206.44 Lakh, Rs.160.33 Lakh & Rs.322.44 Lakh** |
| 5. | Bid Cost (Online) | : | **Rs.10,000/-** |
| 6. | **EMD/Bid Security Amount (Online)** | : | **One Percentage of the Estimated Cost** |
| 7. | Class of Contractor | : | **B, A & Special Class only as per Financial Eligibility** |
| 8. | Availability of bid Documents in the website | : | **11.00 Hours of Dt.24.11.2025 to 17.00 Hours of Dt.10.12.2025** |
| 9. | Date of opening of Bid | : | **11.00 Hrs of Dt.11.12.2025** |
| 10. | The Bidders have to participate in ONLINE bidding only. Further details can be seen from the website : https://tendersorissa.gov.in. Any Addendum/ Corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

**Sd./- Chief Construction Engineer**
OIPR- **Rayagada (R&B) Circle, Rayagada**

---

**Government of Odisha** No.A-974
**"e" Procurement Notice**
**Bid Identification No : CCE, KIP-(KHWD)-07/2025-26**
**(Pertaining to Kanupur Head Works Division, Basudevpur)**

| | | |
|---|---|---|
| 1. | Name of the work | "Construction of Protection Wall from RD 70.00m to 240.00m of ESCAPE CHANNEL off taking at RD 480.00m of Main Canal of Kanupur Irrigation Project, Basudevpur, Keonjhar." |
| 2. | Estimated cost | Rs.199.95 Lakh |
| 3. | Period of completion | 06 (Six) Calendar Months including rainy season |
| 4. | Date & Time of availability of bid document in the portal | Dt.26.11.2025 from 10.00 Hours to Dt.10.12.2025 up to 17.00 Hours |
| 5. | Last date / time for receipt of bids in the portal | 10.12.2025 up to 17.00 Hours |
| 6. | Date & Time of opening of tender | 11.12.2025 at 11.00 Hours |
| 7. | Name and address of the Officer Inviting Bid | Er. Pratap Kumar Das Chief Construction Engineer, Kanupur Irrigation Project, At/PO-Basudevpur, Dist-Keonjhar, Odisha-758047 |

Further details can be seen from the e-Procurement portal "https://www.tendersodisha.gov.in."

**Sd./- (Er. Pratap Kumar Das)**
**Chief Construction Engineer,**
**Kanupur Irrigation Project, Basudevpur,**
OIPR- **Keonjhar, Odisha**

---

**OFFICE OF THE PANCHAYAT SAMITI, GAISILET**
At/Po/Ps: Gaisilet, Dist-Bargarh (Odisha) PIN:768037
E-mail Id: ori-gaisilet@nic.in
No.3064/ Dt.19.11.2025
**"e"- Procurement Notice**
**Bid Identification No.BDO/Gaisilet/02/2025-26**

No.i-386: Bid documents consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. Website i.e.www.tendersodisha.gov.in.

1. Nature of Work : Civil Works
2. No. of Works : 4
3. Estimated Cost : As per NIT
4. Period of Completion : As per NIT
5. Date and time of availability of the Documents in the Portal : From 25.11.2025, 11.00 AM to 05.12.2025, 5.00 PM
6. Last date/time for receipt of Bids in the Portal : Dt.05.12.2025 upto 5.00 PM
7. Bids received online shall be opened on : Dt.08.12.2025 at 11 AM
8. Name and address of the Officer Inviting Bid : Block Development Officer,Gaisilet

Further the details can be seen from the procurement Portal www.tendersodisha.gov.in.

**Sd./- Block Development Officer**
OIPR- **Gaisilet**

---

**OFFICE OF THE SUPERINTENDING ENGINEER DEOGARH (R&B) DIVISION, DEOGARH**
Email Id - eepwddeogarh@gmail.com
**INVITATIONS FOR BIDS (IFB)**
No.B-715 **Letter No. 3218 Dated : 15.11.2025**
**Invitation for Bids**
**Bid Identification No.SE PWD DGR No.18 of 2025-26**

| | | | |
|---|---|---|---|
| 1. | The Superintending Engineer, Deogarh (R&B) Division, Deogarh, on behalf of Government of Odisha, invites percentage rate bids in Single & Double cover system in ONLINE MODE only, for Construction of Road work as detailed below. | | |
| 2. | Nature of Work | : | Road work |
| 3. | No. of Works | : | 01 No. |
| 4. | Bid Cost | : | Rs. 6000/- |
| 5. | Class of Contractor | : | "B" Class |
| 6) | Availability of Bid Document in the website | : | From dt.21.11.2025 to 17:00 hours of dt.06.12.2025 |
| 7. | Date of Opening of Technical Bid | : | Dt.08.12.2025 at 11:30 A.M. |
| 8. | The bidders have to participate in ONLINE bidding only. Further details can be seen from the website https://tendersorissa.gov.in. Any addendum/ corrigendum/cancellation of tender can also be seen in the said website only. | | |

**Sd./- Superintending Engineer,**
OIPR- **Deogarh (R&B) Division**

---

**Government of Odisha** No.O-1568
**"e" Procurement Notice**
**Bid Identification No : Online-AGL-18 of 2025-26**

1. Name of the work : Building Works
2. Estimated Cost : Rs.20.65 to 37.45 Lakhs
3. Period of completion : 4 (Four) & 6 (Six) Calendar Months
4. Date & Time of availability of : From 24.11.2025 to 02.12.2025 upto 5.00 P.M.
5. Last date / Time for receipt of bids in the portal : 02.12.2025 upto 05.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**.

**Sd./- Executive Engineer**
OIPR- **R.W. Division, Angul**

---

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପାନପୋଷ, ରାଉରକେଲା-୧୨, ଜିଲ୍ଲା-ସୁନ୍ଦରଗଡ
**INTEGRATED TRIBAL DEVELOPMENT AGENCY: PANPOSH**
Tel.0661-2501011/2500473, Fax:2501011, e-mail:itdapan@nic.in
No.2529/ITDA(P) Dt.24.11.2025
**e-Tender Notice Bid Identification No.ITDA/PAN-04/2025-26**

No.CAD-2450: The Project Administrator, ITDA, Panposh on behalf of Governor of Odisha invites Percentage Rate bids in online mode for Construction of the work as detailed below.

| | | | |
|---|---|---|---|
| 1. | Number of Works | : | 09 (Nine) |
| 2. | Nature of Work | : | **Civil Construction Work** |
| 3. | Class of Contractor | : | B & A |
| 4. | Period of Completion | : | 11 (Eleven) Calendar Months |
| 5. | Estimated Cost | : | Rs.248.00 lakh to Rs.290.00 Lakh |
| 6. | Date & time of online availability of details of this notice and the Tender Documents | : | **25.11.2025 to 11.12.2025** upto **5.00** PM in the Site **www.tendersorissa.gov.in.** and in the office of the P.A. ITDA, Panposh (on working days) |
| 7. | Last date of receipt of online Bid | : | **11.12.2025 upto 5.00 PM** |
| 8. | Mode of submission of Tender documents | : | **The documents should be up-loaded through online** |
| 9. | The date of opening of Bids received on-line | : | **12.12.2025 at 11.00 AM** in the Office of the P.A, ITDA, Panposh |
| 10. | Designation and address of the authority inviting Bids | : | **Project Administrator, ITDA, Panposh** |

The bidders have to participate through online bidding only.

**Sd./- Project Administrator**
OIPR- **ITDA, Panposh**

---

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,
(ରାସ୍ତା ଓ ଗୃହ) ବିଭାଜନ, ବଲାଙ୍ଗୀର
ଓଡ଼ିଶା ସରକାର
**OFFICE OF THE SUPERINTENDING ENGINEER**
**BALANGIR (R&B) DIVISION**
**"e" Procurement Notice**
**BID IDENTIFICATION No. BGR (R&B)/21/2025-26**
**No.7053// Dtd.15.11.2025**

**No.B-725:**1. The Superintending Engineer, Balangir (R&B) Division, Balangir on behalf of Governor of Odisha invites percentage rate Composite bid in Double cover system in ONLINE MODE for the construction of works detailed in the table below from "B" Class Contractors registered with the State Governments and Contractors of equivalent Grade/Class registered with Central Government/MES/Railways for execution of Road/Building/ Bridge Works. The proof of registration from the appropriate authority shall be enclosed alongwith the bid.
2. Nature of Work : Building Work and Road Work
3. No. of Tender : Building Work: 3 Nos., Road Work: 1 No.
4. Tender Cost : Rs.10,000.00
5. Class of Contractor : "B" Class (Registered with CDMS)
6. Date & Time of Sale & Receipt of Bids : From Dtd.24.11.2025, 10.00 AM to Dtd. 08.12.2025 upto 5.00 PM
7. Date of Opening Bid : Dtd.09.12.2025 at 11.00 AM
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendums will be available on ONLINE MODE only.

**Sd./- Superintending Engineer**
OIPR- **Bolangir (R&B) Division**

---

**GOVERNMENT OF ODISHA "e"- PROCUREMENT NOTICE**
**WORKS DEPARTMENT**
E-mail: ceroads.bbsr@gmail.com
**RFP Identification No.CE-Roads-I-03/2025-26**

**No.B-714:**1. The Chief Engineer, Roads-I, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha and as part of this endeavour. Govt. of Odisha has decided to undertake the following "Projects" under EPC Contract (Engineering, Procurement and Construction) basis, and has decided to carry out the bid process for selection of the Parties/ Joint Ventures to whom the Project may be awarded eventually.
2. Nature of Project : Road & Bridge Work
3. No. of Project : 1 No.
4. Tender Paper Cost : Rs.10,000.00
5. Class of Contractor : Super Class
6. Availabile of bid document in the website : From 10.00 AM of 24.11.2025 to 5.30 PM of 18.12.2025.
7. Date of Pre-Application conference : 05.12.2025 at 12.30 P.M.
8. Date of Opening of Bid : Dt.19.12.2025 at 11.30 A.M.
9. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/ corrigendum/ cacellation of tender can also be seen in the said website.

**Sd./- Chief Engineer (Roads-I),**
OIPR- **Odisha**

---

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, MAYURBHANJ**
Tel.No.(06792) 260788, e-Mail ID: mi.mayurbhanj@yahoo.co.in
**"e" Procurement Notice**
**No.4123, Dated 18.11.2025**
**Identification No.S.E.M.I.D. MBJ. No.20/MID, MBJ/2025-26**

No.A-The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.
1. Name of works : Civil Construction works as mentioned in the website
2. Total No. of Works : 7 Nos.
3. Tender Amount : 63.86 Lakh to 97.79 Lakh (Detail list of works Annexed)
4. Class of Contractor : As Mentioned against Work
5. Period of Completion : As Mentioned against Work
6. Date & Time of availability of bid document in the portal : 21.11.2025 at 10.00 AM to 30.11.2025 upto 5.00 PM
7. Last date/time for receipt of Bids in the portal : 30.11.2025 upto 5.00 PM
8. Date/Time of Opening of Technical Bid : 01.12.2025 at 11.00 AM in O/o. the Superintending Engineer, M.I.Division, Mayurbhanj through website
9. Date of Transparent Lottery (if cases arises) : To be intimated through mail after off line evaluation of Financial Bids
10. Name and Address of the Officer Inviting the Bid : Superintending Engineer, M.I. Division Mayurbhanj
11. Mode of Payment of Bid Cost : Online
12. Further details can be seen from the "e" Procurement Portal " https://tendersorissa.gov.in."

**Sd./- Superintending Engineer**
OIPR- **Minor Irrigation Division, Mayurbhanj**

## ଓଏଫଏସ ପରୀକ୍ଷା ଫଳ ପ୍ରକାଶିତ
# ୫୨ତମ ସ୍ଥାନ ଅଧିକାର କରି ଗୌରବ ଆଣିଲେ ସୁମନ



ଫୁଲବାଣୀ, ୨୫।୧୧(ରାକେଶ କୁମାର ରାଉତ)

ପ୍ରକାଶ ପାଇଥିବା ଓଏଫ୍ଏସ୍ ପରୀକ୍ଷା ଫଳରେ ଫୁଲବାଣୀ ଦାଦପାଜୁ ଅଞ୍ଚଳର ସୁମନ ସାହୁ ୫୨ତମ ସ୍ଥାନ ଅଧିକାର କରି ରାଜ୍ୟ ଓ ଅଞ୍ଚଳ ପାଇଁ ସୁନାମ ଆଣିଛନ୍ତି। ସୁମନ ନିଜ ସଫଳତାର ଶ୍ରେୟ ଜିଲା ଇ-ପାଠାଗାରକୁ ଦେଇଛନ୍ତି । ଦୀର୍ଘ ଅଢେଇ ବର୍ଷ ଧରି ନିରନ୍ତର ଭାବେ ବିନା କୋଚିଂରେ ସେ ଇ-ପାଠାଗାରକୁ ନିୟମିତ ଉପଯୋଗ କରି ଏହି ସଫଳତା ହାସଲ କରିଥିବା କହିଛନ୍ତି। ଇ-ପାଠାଗାରକୁ ଉପଯୋଗ କରି ଶ୍ରୀନିବାସ ଷଡ଼ଙ୍ଗୀ ମାସେ ତଳେ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ରେ ୭୨ତମ ସ୍ଥାନ ହାସଲ କରିଥିଲେ। ପରିଚାଳନା ଦାୟିତ୍ୱରେ ଥିବା ଲାଇବ୍ରେରିଆନ ଶିବ ସୁନ୍ଦର ସାହୁ କହିଛନ୍ତି ଇ-ପାଠାଗାରକୁ ପ୍ରତ୍ୟେହ ଶତାଧିକ ଚାକିରି ଆଶାୟୀ ଛାତ୍ରୀଛାତ୍ର ଆସୁଛନ୍ତି। ୨୦୧୯, ଫେବୃୟାରୀ ମାସରୁ ଏହି ଲାଇବ୍ରେରି ପ୍ରତିଷ୍ଠା ପରଠାରୁ ଏଯାଏ ୧୬୦ରୁ ଊର୍ଦ୍ଧ୍ୱ କନ୍ଧମାଳର ଯୁବ ପିଢ଼ି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଫୁଲବାଣୀ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ସୁମନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ଇ-ପାଠାଗାରରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଅଧିକ ସୁବିଧା ସୁଯୋଗ କରାଯିବ। ଜନଜାତି ବହୁଳ କନ୍ଧମାଳ ଜିଲାରେ ଶୈକ୍ଷିକ ପରିବେଶ, ଯୁବ ବେକାରୀ ହ୍ରାସ ନେଇ ଯୋଜନା ରହିଛି ବୋଲି ପାତ୍ର କହିଛନ୍ତି।

# ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ବର୍ଷିଲେ ଜନପ୍ରତିନିଧି

## କନ୍ଧମାଳ ଜିଲା ପରିଷଦ ବୈଠକ



ଫୁଲବାଣୀ, ୨୫।୧୧(ରାକେଶ କୁମାର ରାଉତ)

ଫୁଲବାଣୀ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପୂର୍ବ ବୈଠକର ବିବରଣୀ ଶେଷ ହେବା ପରେ ଜିଲା ପରିଷଦର ସପ୍ତମ ଅଧିବେଶନ ଆରମ୍ଭ ହୋଇଥିଲା । ଆରମ୍ଭରୁ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ହଟ୍ଟଗୋଳ ହୋଇଥିଲା। ଅଧିକାରୀମାନଙ୍କ ଉତ୍ତର ସନ୍ତୋଷଜନକ ନ ଥିବାରୁ ଆହୁରି ହୋହଲ୍ଲା ହୋଇଥିଲା । ପରେ ଆଗାମୀ ଦିନରେ ସମସ୍ୟାର ସମାଧାନ ହେବ ବୋଲି ବିଭାଗୀୟ ଅଧିକାରୀମାନେ ବିବୃତି ରଖିଥିଲେ।

ବୈଠକରେ ପ୍ରଥମେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଶିକ୍ଷା ବିଭାଗ ଦ୍ୱାରା କ'ଣ ସବୁ କାର୍ଯ୍ୟ ହେଉଛି, ସେ ବିଷୟରେ ଗୃହକୁ ଅବଗତ କରିବା ପାଇଁ କହିଥିଲେ । ଚିରାଚରିତ ଢଙ୍ଗରେ ସରକାରଙ୍କ ସମସ୍ତ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ନିରୁପମା ଦୋରା କହିଥିଲେ । ଏହାପରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର ଜିଲାରେ ସିଆରସିସି, ଏବିଇଓ ଏବଂ ବିଇଓମାନେ କେବେ ଫିଲ୍ଡ ଯାଉ ନାହାନ୍ତି, ଶିକ୍ଷକମାନେ ପାଳି କରି ସ୍କୁଲ ଆସୁଛନ୍ତି ବୋଲି କହିଥିଲେ । ଏଥିରେ ଏକମତ ହୋଇ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମଧ୍ୟ ସମାନ ପ୍ରଶ୍ନ ଉଠାଇଥିଲେ। ଏ ବିଷୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ କୌଣସି ସନ୍ତୋଷ ଜନକ ଉତ୍ତର ରଖି ପାରି ନ ଥିଲେ। ଆଗାମୀ ଦିନରେ ଏସବୁ ଦିଗରେ ଦୃଷ୍ଟି ଦେବୁ ବୋଲି କହିଥିଲେ।

ଏହାପରେ ସ୍ୱାସ୍ଥ୍ୟ ବିଭାଗରେ ଚାଲିଥିବା କାର୍ଯ୍ୟକୁ ନେଇ ପ୍ରଶ୍ନ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସନ୍ତୋଷ କୁମାର ପାଢ଼ୀ କନ୍ଧମାଳ ମେଡିକାଲ କଲେଜରେ ବାହାରୁ ପିଲାମାନେ ଆସି ନାଁ ଲେଖାଉଛନ୍ତି। ଏହା ଆମ ପାଇଁ ଗୌରବର ବିଷୟ। ରୋଗୀଙ୍କୁ ଆମେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପୂର୍ଣ୍ଣ ଉଦ୍ୟମ କରୁଛୁ ବୋଲି କହିଥିଲେ। ଏହାପରେ ଆରମ୍ଭ ହୋଇଥିଲା ଲୋକ ପ୍ରତିନିଧିଙ୍କ ପ୍ରଶ୍ନ ବିଶେଷ କରି ଗୁଡ଼ିବେନ୍ଦ ଏବଂ କେତେକ ଅଂଚଳରେ ଥିବା ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରମାନେ ରହୁ ନାହାନ୍ତି। ଯାହା ଫଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହେଉଛି। ବହୁ ନୂତନ ବିଲଡିଂ ନିର୍ମାଣ ହୋଇଥିଲେ ମଧ୍ୟ ତାହା କାମରେ ଆସୁନାହିଁ ବୋଲି କହିଥିଲେ। ଆଗାମୀ ଦିନରେ ଏସବୁ ସମସ୍ୟାର ସମାଧାନ କରାଯିବ ବୋଲି ବିଭାଗ ପକ୍ଷରୁ ଉତ୍ତର ରଖା ଯାଇଥିଲା। ପରେ ବିଭିନ୍ନ ବିଭାଗ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ଜି.ଉପାଧ୍ୟକ୍ଷ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଜିଲାପାଳ ଅମୃତ ଋତୁରାଜ, ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରତାପ କୋଟପାଲି, ଏମ୍‌ପିଙ୍କ ପ୍ରତିନିଧିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦାଦା ପୁତୁରାଙ୍କୁ ଆକ୍ରମଣ ଘଟଣା: ୫ ଗିରଫ, ମାରଣାସ୍ତ୍ର ଜବତ

ଛତ୍ରପୁର,୨୫।୧୧(ବିଜୟ ସାମଲ): ଛତ୍ରପୁର ଥାନା ଅଧୀନ ଗୋଲାପଲ୍ଲୀ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦାଦାପୁତୁରାଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଲାପଲ୍ଲୀ ଗ୍ରାମର କେ.ପ୍ରତାପ ପାତ୍ର, ବିକ୍ରିଷ୍ଣା ପାତ୍ର, କେ. ଲାଲ୍ଲୋୟା ପାତ୍ର, ବି ସିମା ପାତ୍ର ଓ ଏମ. ବେବରଜ ପାତ୍ର। ଆକ୍ରମଣରେ ବ୍ୟବହୃତ ଠେଙ୍ଗା, କାଟି ଓ ହାମର ଜବତ ହୋଇଛି। ସୋମବାର ସକାଳେ ଗୋଲାପଲ୍ଲୀର ଦାଦା ପୁତୁରା କେ. ଲକ୍ଷ୍ମଣ ପାତ୍ର ଓ କେ.ଗୁରୁଡ଼ ପାତ୍ର ପାଟଣ ବିଲରେ କାମ କରୁଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ କେତେକ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଛତ୍ରପୁର ପରେ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। କେ.ଲକ୍ଷ୍ମଣଙ୍କ ସ୍ତ୍ରୀ କେ.ଚନ୍ଦ୍ରମା ପାତ୍ର ଛତ୍ରପୁର ଥାନାରେ ଏହି ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ନଂ. ୭୪୯/୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରିଥିବା ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା ଘଟଣା: କେନ୍ଦ୍ରର ମାଲିକ, କର୍ମଚାରୀ ଗିରଫ

ବ୍ରହ୍ମପୁର,୨୫।୧୧(ସୁବାସ ଚନ୍ଦ୍ର ପାଢ଼ୀ) ନିମଖଣ୍ଡି ଥାନା ଜଗଦଳପୁରସ୍ଥିତ ବିକାଶ ଫାଉଣ୍ଡେଶନ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ମିଳନ ନାୟକଙ୍କ ମୃତ୍ୟୁ ଘଟିଥିଲା। ପରିପାର୍ଶ୍ୱିକ ସ୍ଥିତି ଓ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ପୋଲିସ ହତ୍ୟା ମାମଲା ରୁଜୁ କରିଛି। ଉକ୍ତ ଯୁବକଙ୍କ ତଣ୍ଟି ଚିପି ଧରିବା ସହ ତାଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିଲା। ପୋଲିସ ଏସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ କରି ଉକ୍ତ କେନ୍ଦ୍ରର ମାଲିକ ଗୋପାଳପୁର ଥାନା ଅନ୍ତର୍ଗତ ମାଣ୍ଡିଆପଲିର ବିଜୟବିହାର ଅଞ୍ଚଳର ଅଶ୍ୱିନୀ କୁମାର ପାତ୍ର (୨୯) ଓ ତାଙ୍କ କେନ୍ଦ୍ରର କର୍ମଚାରୀ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଚନ୍ଦ୍ରପ୍ରଭା ସାହିର ଅଂଶୁମାନ ଚୌଧୁରୀ (୨୨)ଙ୍କୁ ବାନ୍ଧିଛି। ଘଟଣାରେ ବ୍ୟବହୃତ ପିଭିସି ପାଇପ ଜବତ ହୋଇଛି। ମାମଲା ନଂ ୩୬୧/୨୫ରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଉକ୍ତ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଅନ୍ତେବାସୀଙ୍କ ସୁରକ୍ଷା ବ୍ୟବସ୍ଥା କିପରି ରହିଛି ତାହାର ମଧ୍ୟ ତଦନ୍ତ କରାଯାଉଛି। ପୋଲିସ ଉକ୍ତ କେନ୍ଦ୍ରର ପଞ୍ଜିକରଣ ହୋଇଛି କି ନାହିଁ ସେ ଦିଗରେ ମଧ୍ୟ ତଦନ୍ତ କରୁଛି। ଉକ୍ତ କେନ୍ଦ୍ରଟି ୨୦୨୫ ଫେବୃଆରୀ ମାସରେ ମାଲିକ ଅଶ୍ୱିନୀ ଆରମ୍ଭ କରିଥିଲେ। ସେଠାରେ ୧୩ ଅନ୍ତେବାସୀ ରହୁଥିବା ବେଳେ ମିଳନ ନାୟକଙ୍କ ମୃତ୍ୟୁ ପରେ ଏବେ ୧୨ ଅନ୍ତେବାସୀ ରହିଛନ୍ତି ବୋଲି ପୋଲିସ କହିଛି। ରାଧାକୃଷ୍ଣ ହରିଜନ ସାହିର ସାଇବାଣୀ ନାୟକଙ୍କ ପୁଅ ମିଳନ ନାୟକ ଅତ୍ୟଧିକ ନିଶାପାନ କରୁଥିଲେ। ସେ କିପରି ନିଶା ଠାରୁ ଦୁରେଇଯିବେ ସେ ନେଇ ପରିବାର ଲୋକେ ଚିନ୍ତାରେ ଥିଲେ। ଏହି ସମୟରେ ଜଗଦଳପୁରରେ ଥିବା ଉକ୍ତ ନିଶା ନିବାରଣ କେନ୍ଦ୍ରର ପରିଚାଳକ ସାଇବାଣୀଙ୍କୁ ଭେଟିଥିଲେ। ସେ ମହିଳାଙ୍କୁ କହିଥିଲେ,ମିଳନଙ୍କୁ ଆମ କେନ୍ଦ୍ରରେ ଭର୍ତ୍ତି କଲେ ତାଙ୍କର ନିଶା ଅଭ୍ୟାସ ଆମେ ଦୂରେଇ ଦେବୁ। ତାଙ୍କରି କଥାରେ ବିଶ୍ୱାସ କରି ପରିବାର ଲୋକେ ଗତ ୧୬ରେ ଉକ୍ତ କେନ୍ଦ୍ରରେ ପୁଅକୁ ଛାଡିଥିଲେ। ଶୁକ୍ରବାର ରାତି ସାଢ଼େ ୨ଟାରେ ଉକ୍ତ କେନ୍ଦ୍ରର ପରିଚାଳକ ଫୋନ କରି ତାଙ୍କୁ ଏମକେସିଜି ମେଡିକାଲ ଆସିବାକୁ କହିଥିଲେ। ମେଡିକାଲରେ ପହଞ୍ଚି ପୁଅ ମରିପଡ଼ିଥିବା ଦେଖିଥିଲୁ।

# ଓଏଭି ଶିକ୍ଷକଙ୍କ କଳାବ୍ୟାଜ ପରିଧାନ

ଫୁଲବାଣୀ/ଫିରିଙ୍ଗିଆ/ରାଇକିଆ, ୨୫।୧୧(ରାକେଶ କୁମାର ରାଉତ/ବିମଳ ଦିଗାଲ/ପ୍ରଦୀପ କୁମାର ବେହେରା):

ଓଡିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଶିକ୍ଷକ ମହାସଂଘର ଆହ୍ୱାନକ୍ରମେ ସାରା ରାଜ୍ୟରେ ୧୩ ଦଫା ଦାବି ନେଇ ଶିକ୍ଷୟିତ୍ରୀ ଶିକ୍ଷକମାନେ କଳାବ୍ୟାଜ ପରିଧାନ କରିଛନ୍ତି। କନ୍ଧମାଳ ଜିଲାରେ ମଧ୍ୟ ଶିକ୍ଷକମାନେ କଳା ବ୍ୟାଜ ପିନ୍ଧି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଜିଲା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘ ସଭାପତି ବଳରାଜ ସାହାଣୀଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଛି। କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଦେବା, ୟୁନିଫର୍ମ କ୍ୟାଡର ମାନ୍ୟତା, ସମାନ କାମକୁ ସମାନ ଦରମା ଓ କମ୍ପ୍ୟୁଟର, ପିଇଟି ଏବଂ ମ୍ୟୁଜିକ ଶିକ୍ଷକମାନଙ୍କୁ ୪୬୦୦ ଗ୍ରେଡ଼ ପେ' ପ୍ରଦାନ, ଛାତ୍ରୀଛାତ୍ରମାନଙ୍କୁ ଏନଏମଏମଏସ ପରୀକ୍ଷା ଦେବା ପାଇଁ ଅନୁମତି ଦିଆଯିବା ସହ ଅନ୍ୟାନ୍ୟ ଦାବି ରହିଛି। ଆଗାମୀ ଦିନରେ ସରକାର ଯଦି ଦାବିଗୁଡିକୁ ପୂରଣ ନ କରନ୍ତି ତେବେ ସଂଘର ନିଷ୍ପତ୍ତିକ୍ରମେ ଡିସେମ୍ବର ୮ରେ ରାଜ୍ୟର ସମସ୍ତ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଭୁବନେଶ୍ୱର ପିଏମଜିରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ରାଇକିଆ ଆଦର୍ଶ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକମାନେ ସପ୍ତାହେବ୍ୟାପୀ କଳା ବ୍ୟାଜ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଛନ୍ତି। ଅଧ୍ୟକ୍ଷଙ୍କ ଜରିଆରେ ଏକ ଦାବିପତ୍ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦେଇଛନ୍ତି।

## ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଚିକିଟି,୨୫।୧୧(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ କେ. ନୂଆଗାଁ ଥାନା ବଡ଼ଗାଁ ଗ୍ରାମରେ ଜଣେ ଯୁବକ ସୋମବାର ନଦୀରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ବଡ଼ଗାଁ ଗ୍ରାମର ଉଦୟ ନାୟକ (୩୫)। ଉଦୟ ସୋମବାର ସନ୍ଧ୍ୟାରେ ବାହୁଦା ନଦୀରେ ଗାଧୋଉଥିବା ବେଳେ ତାଙ୍କ ଗୋଡ଼ ଖସିଯିବାରୁ ସେ ନଦୀରେ ବୁଡି ଯାଇଥିଲେ। ଉଦୟଙ୍କ ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ମଙ୍ଗଳବାର ପରିବାର ଲୋକେ ଚିକିଟି ଦମକଳବାହିନୀକୁ ଜଣାଇବାରୁ ଦମକଳବାହିନୀ କର୍ମଚାରୀ ପହଞ୍ଚି ନଦୀରେ ଖୋଜାଖୋଜି କରି ଉଦୟଙ୍କ ମୃତଦେହ ଉଦ୍ଧାର କରିଥିଲେ।

# ୧୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପକୁ ନେଇ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

ପାରଳାଖେମୁଣ୍ଡି,୨୫।୧୧(ଗିରିଧାରୀ ପରିଛା) ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗାରାବନ୍ଧସ୍ଥିତ ଶ୍ରୀଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷାଣି ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ପ୍ରଦର୍ଶନୀରେ ବ୍ଲକର ୮ଟି କ୍ଲଷ୍ଟରରୁ ୧୫୦ରୁ ଊର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀକୁ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଭାପତି ଭାବେ ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁ, ମୁଖ୍ୟବକ୍ତା ଭାବେ ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଏସ.ବାଲାରାଜୁ, ଗାରାବନ୍ଧ ସରପଞ୍ଚ ପି.ଅଶୋକ କୁମାର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଏନ.ବିମଳ କୁମାର ଓ କେ.ସୋମେଶ୍ୱର, ଏସଏମସି ସଭାପତି ସବିତା ବାରିକ, ବ୍ଲକ ବିଜ୍ଞାନ ନିରୀକ୍ଷକ ମୋହନ ନାୟକ, ଶିକ୍ଷୟିତ୍ରୀ ସୁଲତା ଶୁଭଦର୍ଶିନୀ ଅତିଥି ରୂପେ ଉପସ୍ଥିତ ଥିଲେ । ମୁଖ୍ୟଅତିଥି ବିଧାୟକ ପାଣିଗ୍ରାହୀ ବିଜ୍ଞାନର ଆବଶ୍ୟକତା, ମଣିଷର ଜୀବନଧାରା ଉପରେ ଏହାର ପ୍ରଭାବ ଉପରେ ମତ ରଖି ସମସ୍ତ ପ୍ରତିଯୋଗୀ କୁନି ବୈଜ୍ଞାନିକମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ବିଜ୍ଞାନ ପ୍ରଦର୍ଶନୀରେ ଶ୍ରେଷ୍ଠ ପ୍ରକଳ୍ପଗୁଡିକୁ ଜିଲାସ୍ତର ବିଜ୍ଞାନ ପ୍ରଦର୍ଶନୀକୁ ମନୋନୀତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଗୋଷାଣି ବିଇଓ ସୀତାରାମ ପାତ୍ର ଯୋଗଦେଇ ଜିଲାସ୍ତରକୁ ମନୋନୀତ ପ୍ରକଳ୍ପଗୁଡିକର ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ବି.ଗଙ୍ଗାଧର ଧନ୍ୟବାଦ ଦେଇଥିଲେ ।

## ଅଭିଯୋଗ ଜଣାଇବାରୁ ଆକ୍ରମଣ
# ସରପଞ୍ଚଙ୍କ ସ୍ୱାମୀଙ୍କ ସମେତ ୨ ଗିରଫ

ପୁରୁଷୋତ୍ତମପୁର,୨୫।୧୧ (ସବିତା ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଚିଙ୍ଗୁଡିଘାଇ ଗ୍ରାମରେ ଗ୍ରାମର ସମସ୍ୟା ଓ ଦୁର୍ନୀତି ସମ୍ପର୍କରେ ଜଣାଇବାରୁ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଛି। ସେ ହେଲେ ଗ୍ରାମର କବି ବେହେରା (୫୪)। ଅଭିଯୋଗକୁ ଭିତ୍ତିକରି ପୋଲିସ ମଙ୍ଗଳବାର ଚିଙ୍ଗୁଡିଘାଇ ସରପଞ୍ଚ ବିଷ୍ଣୁପ୍ରିୟା ବେହେରାଙ୍କ ସ୍ୱାମୀ ବଲ୍ଲଭ ବେହେରା ଓ ତାଙ୍କ ସହଯୋଗୀ ଶାନ୍ତନୁ ପଣ୍ଡାଙ୍କୁ ଗିରଫ କରିଛି। ଏହାର କେସ୍ ନଂ. ୯୦୧/୨୫।

ଖବରରୁ ଜଣାପଡିଛି, ସୋମବାର ପ୍ରଶାସନ ପକ୍ଷରୁ ଚିଙ୍ଗୁଡିଘାଇ ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ ଚାଲିଥିବା ବେଳେ ଗ୍ରାମରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବା ଏବଂ କେତେକରେ ଦୁର୍ନୀତି ହୋଇଥିବା ନେଇ କବି ଉପସ୍ଥିତ ଅଧିକାରୀମାନଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ସନ୍ଧ୍ୟାରେ ସରପଞ୍ଚଙ୍କ ସ୍ୱାମୀ ବଲ୍ଲଭ ଓ ତାଙ୍କ ସହଯୋଗୀ ଶାନ୍ତନୁ ରାସ୍ତାରେ ଯାଉଥିବା କବିଙ୍କୁ ଅଟକାଇ ଗାଳିଗୁଲଜ କରି ମରଣାନ୍ତକ ଆକ୍ରମଣ କରିଥିଲେ। ସଂଜ୍ଞାହୀନ ଅବସ୍ଥାରେ ଗ୍ରାମବାସୀ ତାଙ୍କୁ ଉଦ୍ଧାରକରି କୋଦଳା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ପରେ କବିଙ୍କ ଅଭିଯୋଗକୁ ଭିତ୍ତିକରି ଏସଆଇ ଆଦିତ୍ୟ ନାରାୟଣ ପାତ୍ର ଏହାର ତଦନ୍ତ କରି ବଲ୍ଲଭ ଓ ଶାନ୍ତନୁଙ୍କୁ ଗିରଫ କରିଥିଲେ।


**ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି, ଜିଲ୍ଲା: ଗଞ୍ଜାମ**

ଦୈନିକ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ପାଳନ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି ତରଫରୁ ସମସ୍ତ ଜନସାଧାରଣଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ।

**ପରିଷଦ ତରଫରୁ ଆମର ସଂକଳ୍ପ:** ୧. ଠିକ୍ ସମୟରେ ପରିଷଦର ସମସ୍ତ ଟିକସ ପଇଠ କରନ୍ତୁ। ୨. ବିଜୁ ଆଦର୍ଶ କଲୋନୀ ମାଧ୍ୟମରେ ସମସ୍ତ ବସ୍ତି ବାସିନ୍ଦା ନିମନ୍ତେ ବାସୋପଯୋଗୀ ସୁନ୍ଦର କଲୋନୀ ସ୍ଥାପିତ କରାଯାଇଛି। ୩. ଅତ୍ୟାଧୁନିକ ଏବଂ ସୁନ୍ଦର ଶ୍ମଶାନ ରୂପାନ୍ତରୀକରଣ। ୪. ଆବାସ ଯୋଜନାରେ ବାସହୀନ ପରିବାରମାନଙ୍କୁ ବାସଗୃହ ପ୍ରଦାନ କରାଯିବ। ୫. ସମସ୍ତ ରାସ୍ତାର ଏଲଇଡି ଲାଇଟ ଦ୍ୱାରା ଆଲୋକୀକରଣ କରାଯାଇଅଛି। ୬. ଯୋଗ୍ୟ ହିତାଧିକାରୀମାନଙ୍କୁ ଖାଉଟି କଲ୍ୟାଣ କାର୍ଡ ଏବଂ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା ବଣ୍ଟନ କରାଯାଇଅଛି। ୭. ଗାଈ ଗୋରୁ ଓ ଗୃହପାଳିତ ପଶୁଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡ଼ନ୍ତୁ ନାହିଁ। ୮. ଗ୍ରୀନ୍ ସିଟି ମିଶନରେ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟ କରାଯାଇଅଛି। ୯. ଅଳିଆ ଆବର୍ଜନା ପଡୁଥିବା ସ୍ଥାନଙ୍କୁ ସୁନ୍ଦର ଏବଂ ମନୋରମ ସେଲ୍‌ଫି ପଏଣ୍ଟ (Selfi Point) ପରିବର୍ତ୍ତିତ କରାଯାଇଅଛି। ୧୦. ଘରୁ ବାହାରୁଥିବା ଅଳିଆ ଆବର୍ଜନା ଗୁଡିକୁ ଏମ୍‌ସିସି ଏମ୍ଆର୍‌ଏଫ୍ (MCC MRF) ପ୍ରଣାଳୀରେ ମୋ ଖତ ପ୍ରସ୍ତୁତ କରାଯାଇ ବହୁ ମାତ୍ରାରେ ଜନ ଆଦୃତ ହୋଇପାରୁଅଛି। ୧୧. ବହୁ ମାତ୍ରାରେ ସଫା ଆପ୍ (Safa App) ବ୍ୟବହାର କରି ସେପ୍‌ଟିକ୍ ଗାଡ଼ି, ପାଣି ଟ୍ୟାଙ୍କର ଏବଂ କଲ୍ୟାଣ ମଣ୍ଡପର ସୁବିଧା ଦିଆଯାଉଅଛି। ୧୨. ଓଦା ଏବଂ ଶୁଖିଲା ଆବର୍ଜନାକୁ ପୃଥକ୍ ପୃଥକ୍ କରି ଅଳିଆ ଗାଡ଼ିରେ ଅଳିଆ ପକାଇବା ଓ ମିଳିମିଶି ଆମ ସହରକୁ ସ୍ୱଚ୍ଛ ସୁନ୍ଦର କରି ଗଢ଼ି ତୋଳିବା।

ସହରର ସମସ୍ତ ଜନସାଧାରଣ ପରିଷଦର ବିକାଶରେ ସହଯୋଗ କରିବା ଏକାନ୍ତ କାମ୍ୟ।

''ସ୍ୱଚ୍ଛ କର୍ମୀଙ୍କ ମୁହଁରେ ଆଣିଛି ହସ ଚିକିଟିକୁ ସ୍ୱଚ୍ଛ ରଖିବା ଆମର ପ୍ରୟାସ'' । ''ସ୍ୱଚ୍ଛ ଗଞ୍ଜାମ, ସୁସ୍ଥ ଗଞ୍ଜାମ। ସ୍ୱଚ୍ଛ ଚିକିଟି, ସୁସ୍ଥ ଚିକିଟି''।

ସ୍ୱା./- ଶ୍ରୀଯୁକ୍ତ ହର ପ୍ରସାଦ ଚୌଧୁରୀ, ଉପ ନଗରପାଳ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି
ସ୍ୱା./- ଶ୍ରୀମତୀ ଦୀପା କୁମାରୀ ସାହୁ, ନଗରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି
ସ୍ୱା./- ସିଦ୍ଧାର୍ଥ ସୋରେନ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: କେବିଏସ୍‌ଇଆର/ଜିଆରସି/ଇଏନ୍‌ଜିଜି./ଡବ୍ଲ୍ୟୁଟି-୦୭ (ଓପନ୍), ତା: ୨୧।୧୧।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ପ୍ରକଳ୍ପ)/ଗାର୍ଡେନ ରିଚ୍, କୋଲକାତା, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କାର୍ଯ୍ୟର ନାମ ଓ ତାହାର ଅବସ୍ଥିତି: ଜିଆର.୩୫୧ରେ ରେଳପଥ ବିଦ୍ୟୁତୀକରଣ କାର୍ଯ୍ୟ ସଂକ୍ରାନ୍ତରେ ଏଲ.ସି. ଗେଟ୍‌ଠାରୁ ଟିଏସଏସ୍ ପର୍ଯ୍ୟନ୍ତ ପିସିସି ଆପ୍ରୋଚ୍ ରୋଡ୍, ୱାର୍କ ମଧ୍ୟରେ ଟଏଲେଟ୍ ଆଦି ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମେତ ବଳକା କାର୍ଯ୍ୟଗୁଡ଼ିକର ନିର୍ମାଣ ପାଇଁ ଖୋଲା ଇ-ଟେଣ୍ଡର। ଏହି କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୪୬,୬୮,୮୪୬.୬୬। ଅମାନତ ରାଶି: ₹୯୩,୪୦୦/-। କାର୍ଯ୍ୟର ସମାପ୍ତି ଅବଧି: ୦୪ (ଚାରି) ମାସ। ବନ୍ଦ ହେବାର ତାରିଖ ଓ ସମୟ: ଇ-ଟେଣ୍ଡର ତା୧୬।୧୨।୨୦୨୫ରିଖ ୧୪.୦୦ ଘଟିକା ପର୍ଯ୍ୟନ୍ତ ଆଇଆରଇପିଏସ୍ ପୋର୍ଟାଲ୍ ଜରିଆରେ ଗ୍ରହଣ କରାଯିବ। ୱେବ୍‌ସାଇଟ୍ ବିବରଣୀ ଏବଂ ନୋଟିସ୍ ବୋର୍ଡ ଅବସ୍ଥାନ: ୱେବ୍‌ସାଇଟ୍ ନଂ. www.ireps.gov.in ଏବଂ ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ପ୍ରକଳ୍ପ)/ ଦ.ପୂ. ରେଳପଥ/ଗାର୍ଡେନ୍ ରିଚ୍ (ଇଏନ୍‌ଜିଜି.)। ଶୁଦ୍ଧିପତ୍ର: ଯଦି କୌଣସି ଶୁଦ୍ଧିପତ୍ର ଜାରି କରାଯାଏ, ତେବେ ଦୟାକରି ବିଡ୍ ଆରମ୍ଭ ତାରିଖ ଅର୍ଥାତ୍ ୦୧।୧୨।୨୦୨୫ରିଖ ପୂର୍ବରୁ ଆଇଆରଇପିଏସ୍ ପୋର୍ଟାଲ୍ www.ireps.gov.inରେ ଦେଖିନେବା ଆବଶ୍ୟକ। (PR-877)

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-W-56/26/7676 Date : 24.11.2025
No.CAD-2457 e-TENDER CALL NOTICE NO. HHEP-70/2025

Unit Head, HHEP, Burla invites percentage rate e-tender in double cover system (Cover-I Technical Bid and Cover-II Price bid) from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal https://tendersodisha.gov.in

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in Rs. | Class of contractor |
|---|---|---|---|---|
| Construction of partition compound wall of 06 Nos. F type quarters at Laxmipuja chowk, HHEP, Burla | 509060/- | Rs. 4720/- (Rs. 4000 /- + GST 18%) | 5100/- | 'D & C' |

- Sale of tender paper : 27.11.2025 (11.00AM) to 10.12.2025 upto 03.00PM
- Receipt of tender paper: 10.12.2025 upto 03.00PM
- Date & time of opening of tender: 10.12.2025 at 04.30PM
- Further details can be seen from the e-procurement portal https://tendersodisha.gov.in / www.ohpcltd.com

OIPR- Sd/- Unit Head, HHEP, Burla

**यूनियन बैंक ऑफ इंडिया Union Bank of India**
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ
ବ୍ରହ୍ମପୁର-୭୬୦୦୦୫, ଓଡ଼ିଶା

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**
ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ (ଆକ୍ଟ ନଂ. ୨୦୦୨ର ୫୪)ର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ ସୁଧ ନୋଟିସ୍ ପାଇବାର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଗୋପାଳପୁର ଜଙ୍କସନ୍ ଡୁରା ଶାଖା ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଗୋପାଳପୁର ଜଙ୍କସନ୍ ଡୁରା ଶାଖା / ଋଣଗ୍ରହୀତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା ତଥା ବନ୍ଧକଦାତା: ଶ୍ରୀମତୀ ଜି. ସୋମେଶ୍ୱରୀ, ସ୍ୱାମୀ: ଜି. ମାଧବ ରାଓ, ସା: ଦିଗିପୁର, ପୋ: ଭେଙ୍କଟରାୟପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୨ | ଟ.୧୮,୨୬,୬୬୬.୯୨ + ସେବାବଦ ସୁଧ ଏବଂ ଆଇନଗତ ଦେୟ | ୧୧.୦୯.୨୦୨୫ / ୨୦.୧୧.୨୦୨୫ | ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର: ଏକର୦.୦୧୮ ଡିସିମିଲି କିମ୍ବା |

ଆପାତତଃ ୭୯୨ ବର୍ଗଫୁଟ, ଖତିୟାନ ନଂ.: ୬୦୫/୨୫୮୧, ପ୍ଲଟ୍ ନଂ.: ୮୨୦/୨୭୨୪/୩୯୨୦ ଏବଂ ୭୬୩/୨୭୨୩/୩୯୨୧, ମୌଜା: ଭେଙ୍କଟରାୟପୁର, ସା: ଦିଗିପୁର ମେନ୍ ରୋଡ୍, ପୋ: ଭେଙ୍କଟରାୟପୁର, ବ୍ଲକ୍: ରଙ୍ଗେଇଲୁଣ୍ଡା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୨, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ଶ୍ରୀ ଜି. ମାଧବ ରାଓଙ୍କ ଜାଗା, ଦକ୍ଷିଣ: ରାସ୍ତା, ପୂର୍ବ: ଶ୍ରୀମତୀ ଜି. ପୂର୍ଣ୍ଣବତୀଙ୍କ ଗୃହ, ପଶ୍ଚିମ: ଶ୍ରୀମତୀ ଜି. ଈଶ୍ୱରା ରାଓଙ୍କ ଗୃହ

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୫.୧୧.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
NEED 15 LABOUR for RAJIV AUTOMATION PVT. LTD.
Electrical Panel Factory Manufacturer
Call: 8260810076

SHATAYUSHI HEALTHCARE PVT LTD of Maharashtra having 1200+ Allopathy product basket, REQUIRES
BUSINESS DEVELOPMENT EXECUTIVE
(For BHUBANESWAR/ CUTTACK)
send resume on whatsapp only
Neeraj Pathak 7385495717 | Subhash Kelkar 9923000311

**Marketing ଷ୍ଟାଫ ଆବଶ୍ୟକ**
ଜଗତ୍‌ସିଂହପୁରରେ Ready Mix କଂକ୍ରିଟ ପ୍ଲାଣ୍ଟରେ କାର୍ଯ୍ୟ ପାଇଁ ମାର୍କେଟିଂ, Quality Engineer, ପ୍ଲାଣ୍ଟ ମ୍ୟାନେଜର, ଇଞ୍ଜିନିୟର ଓ ଅନ୍ୟାନ୍ୟ ଷ୍ଟାଫ୍ ଆବଶ୍ୟକ।
Wp no. 9124416556

**WANTED**
WANTED PROPERTY MANAGER
**Location:** Bhubaneswar,
**Qualification:** Atleast Graduation having prior experience in managing commercial property, with experience on account entries.
Contact No. - For more details:
Call: 9730920202

**Government of Odisha** No. B-716
**"e" Procurement Notice**
**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**
Bid Identification No. S.E. (R&B) KPT-18/2025-26

1. Name of the Work : Building Works
2. Total No. of Works : 02 Nos.
3. Estimated Cost : Rs.13.92 to 18.52 lakhs
4. Period of Completion : 03 (Three) Months
5. Date & time of availability of bid document in the portal : From 25.11.2025 at 11.00 hours to 05.12.2025 upto 17.00 hours
6. Last date/time for receipt of bids in the portal : 05.12.2025 upto 17.00 hours
7. Date of Opening of Tender : 06.12.2025 at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division

Further details can be seen from the e-procurement portal https://tendersorissa.gov.in.

OIPR- Sd./- Superintending Engineer Koraput (R&B) Division

No. 13/Stores/2015(17) - 844
**SUBSIDIARY INTELLIGENCE BUREAU**
(Ministry of Home Affairs), Govt. of India
Unit - V, Bidyut Marg, Bhubaneswar
Dated the 25.11.2025

**AUCTION NOTICE**

Sealed quotations are invited from interested bidders for the public auction of the following vehicle of Subsidiary Intelligence Bureau, Ministry of Home Affairs, Govt. of India, Bidyut Marg (Near Special Circuit House), Unit - V, Bhubaneswar - 751001

| Model/Type of Vehicle | Year of Manufacturing | Total Kms. run |
|---|---|---|
| Tata Sumo | 08/2016 | 1,44,170 |

Interested parites may inspect during office hours from 1000 hrs. to 1300 hrs. & 1500 hrs. to 1700 hrs. on any working day on or before Dec. 8, 2025 and submit the sealed quotations by 17.30 hrs. on Dec. 9, 2025 along with a Demand Draft (NOT A/c Payee) of Rs.10,000/- (Rupees ten thousand only) as Earnest Money Deposit (EMD) in favour of DDO, SIB, Bhubaneswar payable at SBI Main Branch, Bhubaneswar. Quotations shall be submitted either by hand or by dak in sealed covers superscribed as "Quotation for office vehicle to be auctioned" and addressed to Assistant Director/E, SIB (MHA), Bidyut Marg, Unit-V, Bhubaneswar-751001, Telephone No. 0674-2396440. Quotations will be opened in presence of memebrs of the Auction Committee and bidders present on Dec. 10, 2025 at 1100 hrs.

Quotation of the highest bidder will be accpeted to the best advantage of Govt. and decision of the Auction Committee shall be final. The highest bidder has to deposit 25% of the bid value on the spot and the remaining 75% of the total bid value will be paid within seven days before lifting of auctioned vehicle, failing which the offer will be rejected and the amount deposited by the bidder forfeited. GST of 18% is to be deposited in Government account by the successful bidder. The GST deposit receipt has to be submitted at this office before lifting of the vehilce. The Head of the Office reserves the right to cancel any bid without assigning any reason thereof.

Sd./- Assistant Director/E

**OFFICE OF THE ENGINEER-IN-CHIEF (CIVIL-CUM-ROADS), ODISHA**
NIRMAN SOUDHA, BHUBANESWAR
GOVERNMENT OF ODISHA, "e" PROCUREMENT NOTICE
WORKS DEPARTMENT
No. B-734 E-mail: ceroads.bbsr@gmail.com
Bid Identification No. CE-Roads-II-10/2025-26

| | | |
|---|---|---|
| 1. | The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE from eligible contractors for Road work as mentioned below: | |
| 2. | Nature of Work | Roads Works |
| 3. | No. of Work | 2 Nos. |
| 4. | Tender Paper Cost | Rs.10,000/- |
| 5. | Class of Contractor | 'A' Class/Special Class/Super Class |
| 6. | Available of Bid Documents the website | From 10.00 A.M. of 26.11.2025 to 5.30 P.M. of 15.12.2025 |
| 7. | Date of Opening of Bid | Dt.16.12.2025 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/cancellation of tender can also be seen in the said website only. | |

OIPR- Sd./- Chief Engineer (Roads-II), Odisha

**GOVERNMENT OF ODISHA**
**SUPERINTENDING ENGINEER, BOUDH (R&B) DIVISION, BOUDH**
E-mail : eeboudhrb@gmail.com
INVITATIONS FOR BIDS (IFB)
"e" procurement Notice
No.B-717 Letter No.5419 dtd.15.11.2025
Bid Identification No. SE (R&B)-BDH 13/2025-26

1) Number of work : 02 (Two) Nos. of Civil work (Double Cover) & 01 (One) No. of El work (Single Cover)
2) Estimated Cost : As per the column no.3 of the table
3) Period of Completion : As per the column no.8 of the table
4) Date & Time of availability of Bid documents in the portal : From 25.11.2025, 10.00 AM to 05.12.2025 5.00 P.M.
5) Last date/time for seeking of Tender Clarification : 05.12.2025 up to 1.00 P.M.
6) Last date / time for receipt of bids in the portal : Up to 5.00 P.M. of dated 05.12.2025
7) Date & time of opening of tender / Bid : 06.12.2025 at 11.30 A.M.
8) Name and address of the O.I.T : Superintending Engineer, Boudh (R&B) Division, Boudh

Further details corrigendum (s) if any issued can be seen from the website http://tendersorissa.gov.in

OIPR- Sd./- Superintending Engineer, Boudh (R&B) Division, Boudh

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001,
Jharkhand. Ph No.: +91-651-2225878,
CIN: U45200JH2013SGC001752,
e-mail Id-juidcolimited@gmail.com

*National Competitive Bidding* Tender Notice
NIT No.: JUIDCO/ NIT/ RFP/ ITMS/ 2025 – 677
Date: 25.11.2025

| | | |
|---|---|---|
| 1. | Name of the work | Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand |
| 2. | Tender Fee & EMD Amount (In INR) (to be submitted online only) | Cost of Tender Document: 10,000/- (Rs Ten Thousand Only) EMD Amount: 2,00,000/- (Rupees Two Lakh Only) |
| 3. | Mode of Bid Submission | Online e-tendering (jharkhandtenders.gov.in) |
| 4. | Date of starting of sale of online Tender | 25.11.2025 at 17:00 Hrs |
| 5. | Date of start of submission of online bids | 25.11.2025 at 17:00 Hrs |
| 6. | Date & time of Pre-bid meeting | 4.12.2025 at 15:00 Hrs |
| 7. | Last Date/Time for submission of bids | 16.12.2025 at 17:00 Hrs |
| 8. | Date of online Bid Opening | 17.12.2025 at 17:00 Hrs |
| 9. | Tender fee submission address | Jharkhand Urban Infrastructure Development Company Limited, JUIDCO Bhawan, Kutchery Chowk, Ranchi – 834001 |
| 10. | Helpline No. of e-Procurement Cell | 0651 - 2225878 |

Further details are available on Jharkhand Government e-procurement website https://jharkhandtenders.gov.in

Sd/-
Project Director (Technical)
JUIDCO Ltd.

PR 367081 (Urban Development and Housing)25-26*D

# ୨ ଗୋଷ୍ଠୀ ବିବାଦରୁ ୧୨ ଘଣ୍ଟିଆ ଦାରିଙ୍ଗବାଡ଼ି ବନ୍ଦ

ଦାରିଙ୍ଗବାଡ଼ି, ୨୫।୧୧ (ଅରୁଣ ସାହୁ)


ଶାନ୍ତି କମିଟି ବୈଠକରେ ଚାଲିଥିବା ଆଲୋଚନା।

■ବିବାଦୀୟ ଜମିରେ ନାମଯଜ୍ଞ ଆୟୋଜନକୁ ବିରୋଧ
■ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବସିଲା ଶାନ୍ତି କମିଟି ବୈଠକ
■୨ ତାରିଖ ପର୍ଯ୍ୟନ୍ତ ବିବାଦୀୟ ଜମିକୁ ଉଭୟ ଗୋଷ୍ଠୀ ନ ଯିବାକୁ ନିଷ୍ପତ୍ତି

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିର ଏକ ବିବାଦୀୟ ଜମିରେ ଦୁର୍ଗାପୂଜା କମିଟି ପକ୍ଷରୁ ନାମଯଜ୍ଞ ଓ ଅମୃତ ମିଳନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ମଙ୍ଗଳବାର ଦୋକାନ ବଜାର ବନ୍ଦ ରଖିଥିଲା ବଣିକ ସଂଘ। ତେବେ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ପୂର୍ବରୁ ଜିଲା ପ୍ରଶାସନ ପଦକ୍ଷେପ ନେଇଛି। କନ୍ଧମାଳ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ବସିଥିଲା। ଏଥିରେ ବାଲିଗୁଡ଼ା ନୂତନ ଏସ୍‌ଡିପିଓ ଶୁଭମ ଭୋସ୍‌ଲେ, ପୂର୍ବତନ ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ, ଫୁଲବାଣୀ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ଦାରିଙ୍ଗବାଡ଼ି ତହସିଲଦାର ଧୀରୋଜ ପାତ୍ର, ବିଡିଓ ପ୍ରୀତିରଞ୍ଜନ ରଥ, ଡିଏସ୍‌ପି ତଥା ଥାନା ଅଧିକାରୀ କନକ ମାଝୀ, ଇନ୍ସପେକ୍ଟର ଜୟନ୍ତ ସେଠୀ ଦାରିଙ୍ଗବାଡ଼ି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ୨ ଗୋଷ୍ଠୀ ମଧ୍ୟରେ ଆଲୋଚନାକରି ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଉକ୍ତ ଜମିକୁ ୨ ଗୋଷ୍ଠୀ କେହି ନ ଯିବା, ଜମି ଉପରେ କୌଣସି କାର୍ଯ୍ୟ ନ କରିବା ପାଇଁ ନିଷ୍ପତ୍ତି ହୋଇଛି। ପରବର୍ତ୍ତୀ ନିଷ୍ପତ୍ତି ୨ ତାରିଖ ପରେ ଜିଲା ପ୍ରଶାସନ ନେବ ବୋଲି ସ୍ଥିର ହୋଇଛି। ବୈଠକ ପରେ ଦୋକାନ ବଜାର ବୁଧବାରଠାରୁ ଖୋଲିବ ବୋଲି ବଣିକ ସଂଘ ଉପସଭାପତି ଦିଲୀପ ସାହୁ କହିଛନ୍ତି।

ଖବରରୁ ପ୍ରକାଶ, ଉକ୍ତ ବିବାଦୀୟ ଜମିରେ ଆସନ୍ତା ୨୯ ଏବଂ ୩୦ରେ ଯଜ୍ଞ ଓ ଅମୃତମିଳନ କାର୍ଯ୍ୟକ୍ରମ କରାଯିବାକୁ ଦୁର୍ଗାପୂଜା କମିଟି ପକ୍ଷରୁ ସ୍ଥିର ହୋଇଥିଲା। ଏଥିପାଇଁ ସୋମବାର ଅପରାହ୍ନରେ ଜମିରେ କୁଣ୍ଡ ଓ ଛାମୁଣ୍ଡିଆ ନିର୍ମାଣ ସକାଶେ ବଡ଼ ବଡ଼ କାଠଗଣ୍ଡି ଅଣାଯାଇଥିଲା। ବିବାଦୀୟ ଜମିରେ ଅସ୍ଥାୟୀ ଛାମୁଣ୍ଡିଆ କରାଯିବା ବେଳେ ଏହାକୁ ନେଇ ଗୋଟିଏ ଗୋଷ୍ଠୀ ବିରୋଧ କରିଥିଲେ। ଅନ୍ୟ ଗୋଷ୍ଠୀ କାଠକଟାକୁ ବିରୋଧ କରିଥିଲେ। ଛାମୁଣ୍ଡିଆ କରିବାକୁ ଅଣାଯାଇଥିବା କାଠ ପାଇଁ ବହୁସଂଖ୍ୟକ ଗଛ କଟାଇଥିବା ଅଭିଯୋଗ କରିଥିଲେ। ସରକାର ମା'ଟିଏ ଗଛଟିଏ କାର୍ଯ୍ୟକ୍ରମ କରି ରାଜ୍ୟବ୍ୟାପୀ ଗଛ ଲଗାଉଥିବା ବେଳେ ଜଙ୍ଗଲରୁ ଗଛକାଟି ଏତେ କାଠଗଣ୍ଡି କିଏ ଆଣିଛି। ଏଥିପାଇଁ କିଏ ଅନୁମତି ଦେଇଛି ବୋଲି ପ୍ରଶ୍ନ ଉଠାଇଥିଲେ।

ଅନ୍ୟପକ୍ଷରେ ଉକ୍ତ ବିବାଦୀୟ ଜମିକୁ ନେଇ ଦୀର୍ଘଦିନ ହେଲା ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ସେଠାରେ କୌଣସି ନିର୍ମାଣ କାର୍ଯ୍ୟ କରାଯିବାକୁ ବାରଣ ରହିଥିବା ଗୋଟିଏ ଗୋଷ୍ଠୀ ଅଭିଯୋଗ କରିଥିଲେ। ଫଳରେ ଏହାକୁ କେନ୍ଦ୍ରକରି ୨ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା। ରୟାଲଟି ଦେଇ ଜଙ୍ଗଲରୁ କାଠ ଆଣିଥିବା ଦୁର୍ଗାପୂଜା କମିଟି କହିବା ପରେ ମଧ୍ୟ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଜାରି ରହିଥିଲା। ଏନେଇ ସୂଚନା ପାଇ ତହସିଲଦାର ଧୀରୋଜ ପାତ୍ର ଏବଂ ଡିଏସ୍‌ପି ତଥା ଦାରିଙ୍ଗବାଡ଼ି ଥାନା ଅଧିକାରୀ କନକ ମାଝୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ଉକ୍ତ ବିବାଦୀୟ ଜମିରେ ଯଜ୍ଞ ଓ ପୂଜା କର୍ମ କରିବାକୁ ଗୋଟିଏ ଗୋଷ୍ଠୀ ବିରୋଧ କରୁଥିବା ଅଭିଯୋଗକରି ଦୁର୍ଗାପୂଜା କମିଟି ପ୍ରତିବାଦ କରିଥିଲା। ଏନେଇ ଦାରିଙ୍ଗବାଡି ବଣିକ ସଂଘକୁ କମିଟି ଅବଗତ କରାଇ ମଙ୍ଗଳବାର ଦୋକାନ ବଜାର ବନ୍ଦ କରିବାକୁ ନିବେଦନ କରିଥିଲା। ଏଥିରେ ସଂଘ ସହମତି ପ୍ରକାଶକରି ମଙ୍ଗଳବାର ଦୋକାନ ବଜାର ବନ୍ଦ କରିଥିଲା ବୋଲି ବଣିକ ସଂଘ ସଭାପତି ଲଡ୍ଡୁକିଶୋର ସାହୁ କହିଛନ୍ତି। ସୂଚନାଯୋଗ୍ୟ, ଏହି ଜମି ସର୍ବସାଧାରଣ ବ୍ୟବହାର କରିପାରିବା ନେଇ ପଟ୍ଟାରେ ଉଲ୍ଲେଖ ଥିବା ବେଳେ ଅଞ୍ଚଳର ୨ ଗୋଷ୍ଠୀ ଏହାକୁ ନିଜର ବୋଲି ଦାବି କରୁଛନ୍ତି। ଫଳରେ ଏଥିନେଇ ବିବାଦ ସୃଷ୍ଟିହୋଇ ମାମଲା କୋର୍ଟରେ ବିଚାରାଧୀନ ଅଛି।

## ସଂକ୍ଷେପରେ

### ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ନାଁରେ ହେଲା ମାମଲା

ଖଜୁରୀପଡ଼ା, ୨୫।୧୧ (ବିଦୁର ବେହେରା)
କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଅନ୍ତର୍ଗତ ଏକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି। ସେ ସୋମବାର ସନ୍ଧ୍ୟାରେ ନିଶାସକ୍ତ ଅବସ୍ଥାରେ ବେପରୁଆ ଭାବେ ଖଜୁରିପଡ଼ା ବଜାରରେ ଗାଡ଼ି ଚଳାଉଥିଲେ। ଖଜୁରିପଡ଼ା ପୋଲିସ ତାଙ୍କୁ ଅଟକାଇ ତନଖିକରି ସେ ନିଶାସକ୍ତ ଥିବା ଜାଣିବାକୁ ପାଇଥିଲା। ନିଶାସକ୍ତ ଅବସ୍ଥାରେ ବେପରୁଆ ଗାଡ଼ି ଚଳାଉଥିବାରୁ ତାଙ୍କ ନାମରେ ନଂ. ୨୬୭/୨୫ରେ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ଦୀନବନ୍ଧୁ ପ୍ରଧାନ ସୂଚନା ଦେଇଛନ୍ତି।

### ବାଲି ଟ୍ରାକ୍ଟର ଓଲଟି ୨ ଗୁରୁତର

ମୋହନା, ୨୫।୧୧ (ମନ୍ମଥ ମିଶ୍ର)
ବାଲି ଭର୍ତ୍ତି ହୋଇଥିବା ଏକ ଟ୍ରାକ୍ଟର ଓଲଟି ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଢେ଼ପନାଜୁ ଗାଁର ସନ୍ତୋଷ କମାର (୨୬) ଓ କୁଟିଗୁଡା ଗାଁର ଶିଶିର ପାଲ (୨୪)। ଖବରରୁ ଜଣାପଡିଛି, ମୋହନା ବ୍ଲକ ଅନ୍ତର୍ଗତ କର୍ଚ୍ଚବାଡ଼ିଠାରୁ ଏକ ଟ୍ରାକ୍ଟର ବାଲି ବୋଝେଇ କରି କୁଟିଗୁଡା ଗାଁକୁ ଯାଇଥିଲା। ସେଠାରେ ପହଞ୍ଚିବା ପରେ ବାଲି ତଳେ ଢାଳିବା ପାଇଁ ଟ୍ରାକ୍ଟରଟି ରହିବା ବେଳେ ଗୋଟିଏ ଗର୍ତ୍ତରେ ଚକା ପଡିଯାଇଥିଲା। ଫଳରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡିଥିଲା। ଏଥିରେ ସନ୍ତୋଷ ଓ ଶିଶିର ଗୁରୁତର ହୋଇଥିଲେ। ସେମାନଙ୍କୁ ଗ୍ରାମବାସୀ ଏକ ଅଟୋରେ ମୋହନା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଅଡବା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଭତ୍ତା ବଣ୍ଟନ

ଚିକିଟି, ୨୫।୧୧ (ପ୍ରକାଶ ଚନ୍ଦ୍ର ସାହୁ):
ଚିକିଟି ବ୍ଲକ କାର୍ଯ୍ୟାଳୟ ପରିସରର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଓଡିଶା ସରକାରଙ୍କ ମଧୁବାବୁ ଭତ୍ତା ଓ ଜାତୀୟ ସାମାଜିକ ସହାୟତା ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ୧୭ପଞ୍ଚାୟତର ୨୨୭ ଜଣ ବିଭିନ୍ନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଥିବା ବେଳେ ଜାତୀୟ ସାମାଜିକ ସହାୟତା ଯୋଜନାରେ ୬୫ ଜଣ ବୃଦ୍ଧବୃଦ୍ଧା ଓ ୨୬ଜଣ ବିଧବାଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଚିକିଟି ବିଡ଼ିଓ ବିବେକାନନ୍ଦ ମିଶ୍ର, ଗୋଷ୍ଠୀ ସାମାଜିକ ଅଧିକାରୀ ଜୟଦେବ ଚୌଧୁରୀ ଉପସ୍ଥିତ ଥିଲେ।

## ଏନ୍‌ଏସି କାଉନ୍‌ସିଲ ବୈଠକ

ଆସିକା, ୨୫।୧୧ (ସୁରେନ୍ଦ୍ର ନାଥ ସାହୁ):
ଆସିକା ଏନ୍‌ଏସିର କାଉନସିଲ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସିକା ବିଧାୟକ ସରୋଜ କୁମାର ପାଢୀ, ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର ମଞ୍ଚାସୀନ ଥିଲେ। ଆସିକା ଏନ୍‌ଏସିକୁ ମ୍ୟୁନିସିପାଲଟି ଘୋଷଣା କରିଥିବାରୁ ରାଜ୍ୟ ସରକାରଙ୍କୁ ବୈଠକରେ ଧନ୍ୟବାଦ ଅର୍ପଣ କରାଯାଇଥିଲା। ପରିଷଦର ଆୟ ବ୍ୟୟ ପଠନ ସାଙ୍ଗକୁ ସହରାଞ୍ଚଳରୁ ବନ୍ୟାଜଳ ନିଷ୍କାସନ ଲାଗି ବିଭିନ୍ନ ୱାର୍ଡର ନାଳ ନର୍ଦ୍ଦମା ନିର୍ମାଣ, ଷ୍ଟର୍ମ ୱାଟର ଯୋଜନା ନିମନ୍ତେ ୧କୋଟି ଟଙ୍କାର ପ୍ରସ୍ତାବ, ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ୨କୋଟି ଟଙ୍କା ଅନୁଦାନରେ କେଉଁ ପ୍ରକଳ୍ପ ହେବ ନେଇ ଆଲୋଚନା ହୋଇଥିଲା। ସେହିପରି ଲଛମନପଲ୍ଲୀ ଗ୍ରାମ ପୋଖରୀକୁ ଏନଏସିକୁ ହସ୍ତାନ୍ତର, ନୂତନ ପରିମଳ କାର୍ଯ୍ୟ ନିମନ୍ତେ ଟେଣ୍ଡର ବ୍ୟବସ୍ଥା, ଏନଏସିର ଆଇନଜୀବୀ ନିଯୁକ୍ତି, ରାସ୍ତା ଆଲୁଅ ବ୍ୟବସ୍ଥାର ସୁପରିଚାଳନା ଉପରେ ମଧ୍ୟ ଆଲୋଚନା ହୋଇଛି।

## ଅଙ୍ଗଦାନ ପରେ ଗାଁକୁ ଆସିଲା ଦାଦନ ଶ୍ରମିକଙ୍କ ମୃତଦେହ

# ରାଷ୍ଟ୍ରୀୟ ମର୍ଯ୍ୟାଦାରେ ହେଲା ଅନ୍ତିମ ସଂସ୍କାର

ଖଲ୍ଲିକୋଟ, ୨୫।୧୧ (ପ୍ରଶାନ୍ତ କୁମାର ମିଶ୍ର)
ସୁରଟରେ ବ୍ରେନ ଡେଡ ଘୋଷଣା ପରେ ନିଜର ଦୁଇଟି କିଡ଼ନୀ ଓ ଲିଭର ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗଦାନ କରିଥିବା ଓଡ଼ିଆ ଦାଦନ ଶ୍ରମିକ ପଞ୍ଚୁ ପ୍ରଧାନଙ୍କ ମୃତଦେହ ସୁରଟରୁ ଏକ ଆମ୍ବୁଲାନ୍ସ ଯୋଗେ ମଙ୍ଗଳବାର ସକାଳ ୮ଟାରେ ପୈତୃକ ଗ୍ରାମ ଆମ୍ବଝରର ନୂଆପଲ୍ଲୀରେ ପହଞ୍ଚିଥିଲା। ଉପସ୍ଥିତ ଶତାଧିକ ଗ୍ରାମବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୃତଦେହ ପଞ୍ଚୁଙ୍କ ଭଙ୍ଗାରୁଜା ଘରକୁ ନିଆଯାଇଥିଲା। ପରେ ତ୍ରିରଙ୍ଗା ପତାକାରେ ଆଚ୍ଛାଦିତ ହୋଇଥିବା ମର ଶରୀର ଶ୍ମଶାନକୁ ଯାଉଥିବା ବେଳେ ଗ୍ରାମବାସୀ ପଞ୍ଚୁ ପ୍ରଧାନ ଅମର ରହେ ନାରା ଦେଇଥିଲେ। ଶ୍ମଶାନରେ ଅନ୍ତିମ ସଂସ୍କାର ପୂର୍ବରୁ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ ଓ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀଙ୍କ ଉପସ୍ଥିତିରେ ପୋଲିସ ପକ୍ଷରୁ ସ୍ୱର୍ଗତ ପଞ୍ଚୁଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏହି ସମୟରେ ଖଲ୍ଲିକୋଟ ବିଡିଓ ଦେବାଶିଷ ସାମଲ, ତହସିଲଦାର ଡି. ମାଲେଶ୍ୱର ପାତ୍ର, ଥାନା ଅଧିକାରୀ ରମେଶ ପ୍ରଧାନ, ତାଳପଡା ସରପଞ୍ଚ ମନୋଜ କୁମାର ସେଠୀ, ଭାଜପା ଯୁବନେତା ଅରୁଣ ଖୁଣ୍ଟିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଆମ୍ବଝର ନୂଆପଲ୍ଲୀ ଗ୍ରାମର କବିରାଜ ପ୍ରଧାନଙ୍କ ସାନ ପୁଅ ପଞ୍ଚୁ (୩୯) ଗତ ୧୫ ବର୍ଷ ଧରି ସୁରଟର କଡୋଦରାରେ ରହି ସୂତାକଳରେ କାରିଗର ଭାବେ କାମ କରୁଥିଲେ। ଗତ ୧୭ ତାରିଖରେ କାମରୁ ଫେରୁଥିବା ସମୟରେ ପଞ୍ଚୁ ରାସ୍ତାରେ ପଡିଯାଇ ବେହୋସ ହୋଇଯାଇଥିଲେ। ତାଙ୍କର କେତେ ଜଣ ସହକର୍ମୀ ତାଙ୍କୁ ସେଠାକାର ଥିବା ନିଉ ସିଭିଲ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ୨୧ ତାରିଖରେ ଡାକ୍ତର ତାଙ୍କୁ ବ୍ରେନ ଡେଡ୍ ଘୋଷଣା କରିଥିଲେ। ଅଙ୍ଗଦାନ ମହତ ଦାନ ଏ ବିଷୟରେ ଡାକ୍ତର ତାଙ୍କ ବଡ଼ଭାଇ ଓ ଫୋନ ଯୋଗେ ସୁରଟ ପ୍ରବାସୀ ଓଡ଼ିଆ ସମାଜିକ କର୍ମୀ ଶ୍ରୀକାନ୍ତ ରାଉତଙ୍କ ସହଯୋଗରେ ପରିବାରଙ୍କୁ ବୁଝାଶୁଝା କରାଯାଇଥିଲା। ପରେ ପରିବାର ଲୋକେ ପଞ୍ଚୁଙ୍କ ଅଙ୍ଗଦାନ କରିବାକୁ ସହମତି ଦେଇଥିଲେ। ପଞ୍ଚୁଙ୍କ ଦୁଇଟି କିଡ଼ନୀ ଓ ଲିଭର ଦାନ କରାଯାଇଥିଲା।

## ମିଶନଶକ୍ତି କାଫେ ଉଦ୍‌ଘାଟିତ

ଛତ୍ରପୁର, ୨୫।୧୧ (ଦିଲୀପ ସାମଲ):
ଛତ୍ରପୁର ସରକାରୀ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନଙ୍କ ସୁବିଧା ନିମନ୍ତେ ମିଶନ କାଫେ ଉଦ୍‌ଘାଟିତ ହୋଇଛି। ଏହାକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡା. ଅଲେଖ ପ୍ରଧାନ, ହସ୍ପିଟାଲ ମ୍ୟାନେଜର ଗଣେଶ ନାହାକ, ମିଶନ ଶକ୍ତିର ଜିଲ୍ଲା ସଂଯୋଜକ ଜୟ କୃଷ୍ଣ ମହାପାତ୍ର, ବ୍ଲକ ସଂଯୋଜିକା ସୀତା ବରାଳ, ଓଡିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ସଂଯୋଜିକା ମାନିନୀ ଜେନା, କଫେ ଦାୟିତ୍ୱରେ ଥିବା ଭୁବନେଶ୍ୱରୀ ଏସଏଚଜିର ସଭାନେତ୍ରୀ ଜି. ମିନାକ୍ଷୀ, ସମ୍ପାଦିକା ଅନୀତା ଚୌଧୁରୀ, ଶୈଳବାଳା ରଥ, ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ଯୁବନେତା ବନୋଜ ନାହାକ ଙ୍କ ସମେତ ବହୁ ମହିଳା ଏବଂ ହସ୍ପିଟାଲ ର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ


ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରୁଛନ୍ତି ଜିଲାପାଳ।

ଗଞ୍ଜାମ, ୨୫।୧୧ (ବିଦ୍ୟାଧର ସାହୁ):
ଜିଲାପାଳ ଭି. କୀର୍ତ୍ତିଭାସନ ମଙ୍ଗଳବାର ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନିର୍ମାଣାଧୀନ କୋଠା ବୁଲି ଅନୁଧ୍ୟାନ କରିଥିଲେ। ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ଇଓ ଅପର୍ଣ୍ଣା ଡାଙ୍ଗୁଆ, ଆୟୁଷ ଡାକ୍ତର ବନଜକାନ୍ତ ଉପସ୍ଥିତ ଥିଲେ। ମେଡିକାଲରୁ ଜିଲାପାଳ ୱାର୍ଡ ନଂ ୭ ସାନ ବଜାର କୈବର୍ତ୍ତ ସାହିରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ଯାଇଥିଲେ। ଶିଶୁମାନଙ୍କ ବୟସ ଅନୁସାରେ ଉଚ୍ଚତା ଓ ଓଜନ ମାପ କରିଥିଲେ। ପରେ ରୋଷେଇ ଗୃହକୁ ଯାଇ ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟର ମାନ ପରଖିଥିଲେ। ଅଙ୍ଗନୱାଡି କର୍ମୀ ଝୁନୁରାଣୀ ବେହେରା, ଆଶା କର୍ମୀ ସୁତାପା କୁମାରୀ ବେହେରା ଏବଂ ଏଏନଏମ୍ ବୀଣାପାଣି ନରେନ୍ଦ୍ର ଉପସ୍ଥିତ ଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଦିବାକର ଗୌଡ଼ଙ୍କ ଅକାଳ ବିୟୋଗ ଖବର ପାଇ ଜିଲାପାଳ ଗୌଡ଼ ସାହିରେ ଦିବାକରଙ୍କ ବାସଭବନ ଯାଇ ତାଙ୍କ ଶେଷ ଦର୍ଶନ କରିଥିଲେ। ଦିବାକର ଚାକିରିରୁ ଅବସର ନେଇଥିଲେ ମଧ୍ୟ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ।

## ଗୋପାଳପୁର ବନ୍ଦରରେ ଆଇଏନ୍‌ଏସ୍ ଖଞ୍ଜର

ଛତ୍ରପୁର, ୨୫।୧୧ (ଦିଲୀପ ସାମଲ):
ବିଶାଖାପାଟଣାରୁ କୋଲକତା ଅଭିମୁଖେ ଯାଉଥିବା ଯୁଦ୍ଧଜାହାଜ 'ଆଇଏନ୍‌ଏସ୍ ଖଞ୍ଜର' ମଙ୍ଗଳବାର ଗୋପାଳପୁର ବନ୍ଦରରେ ପହଞ୍ଚିଛି। ବୁଧବାର ଏହା କୋଲକତା ଅଭିମୁଖେ ଯିବ ବୋଲି ସୂଚନା ମିଳିଛି। ଗୋପାଳପୁର ବନ୍ଦରରେ ଯୁଦ୍ଧଜାହାଜ ଦେଖିବାକୁ ବିଭିନ୍ନ ସ୍କୁଲ, କଲେଜ ପିଲାଙ୍କ ସମେତ ଅଞ୍ଚଳର



ବହୁ ଲୋକଙ୍କ ଭିଡ଼ ଜମିଥିଲା। ଏହି ଯୁଦ୍ଧ ଜାହାଜର କାମ କ'ଣ ଓ ଏହାର ଶକ୍ତି ସାମର୍ଥ୍ୟ ସମ୍ପର୍କରେ ନୌସେନାର କର୍ମଚାରୀ ଅବଗତ କରାଇଥିଲେ। ଦୀର୍ଘ ୩୪ ବର୍ଷ ଧରି ଦେଶକୁ ସେବା ଯୋଗାଇ ଆସୁଛି ଏହି ଜାହାଜ। ଜଳପଥରେ କୌଣସି ବାହ୍ୟଶତ୍ରୁ ଆକ୍ରମଣ କଲେ କିପରି ସେମାନଙ୍କୁ ଜବାବ ଦିଆଯିବ ଉପସ୍ଥିତ ଅଧିକାରୀମାନେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ବହୁ ଛାତ୍ରୀଛାତ୍ର ପ୍ରଥମ ଥର ପାଇଁ ଏହି ଯୁଦ୍ଧଜାହାଜ ଦେଖି ଖୁସି ହେବା ସହ ସବୁ ବିଷୟ ଜାଣିବାପରେ ଗର୍ବ ଅନୁଭବ କରୁଛନ୍ତି ବୋଲି କହିଥିଲେ।

## ଚିକିତ୍ସାଧୀନ ଅବସ୍ଥାରେ କଏଦୀଙ୍କ ମୃତ୍ୟୁ

ବ୍ରହ୍ମପୁର, ୨୫।୧୧ (ସୁବାସ ଚନ୍ଦ୍ର ପାଢ଼ୀ)
ଭୁବନେଶ୍ୱର ଏକ ମେଡ଼ିକାଲରେ ଚିକିତ୍ସା ହେଉଥିବା ଜଣେ କଏଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କବିସୂର୍ଯ୍ୟ ନଗର ଅଞ୍ଚଳର ଗୋବିନ୍ଦ ବେହେରା। ୧୯୯୯ ମସିହା ଏକ ହତ୍ୟା ମାମଲାରେ ଗିରଫ ହୋଇଥିଲେ। ୨୦୦୨ ମସିହା କୋର୍ଟ ଉକ୍ତ ହତ୍ୟା ମାମଲାରେ ଗୋବିନ୍ଦଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଥିଲେ। କିଛି ଦିନ ପୁର୍ବେ ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ବ୍ରହ୍ମପୁର ଜେଲ କର୍ତ୍ତୃପକ୍ଷ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ତାଙ୍କର ମୃତଦେହ ବ୍ୟବଚ୍ଛେଦ ପରେ ଜେଲ କର୍ତ୍ତୃପକ୍ଷ ଓ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଜେଲ ଅଧୀକ୍ଷକ ଧୀରେନ୍ଦ୍ର ନାଥ ବାରିକ ସୂଚନା ଦେଇଛନ୍ତି।

## ଭଞ୍ଜ ଟ୍ରଫି : କୋରାପୁଟକୁ ହରାଇଲା ସୁନ୍ଦରଗଡ଼

ଭଞ୍ଜନଗର, ୨୫।୧୧ (ବାବୁଲା ପ୍ରଧାନ):
ଭଞ୍ଜନଗର ଜେଲ ପଡିଆରେ ସୋମବାଠାରୁ ଆରମ୍ଭ ହୋଇଥିବା ଭଞ୍ଜ ଟ୍ରଫି ୨୦୨୫ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦ୍ୱିତୀୟ ମ୍ୟାଚ କୋରାପୁଟ ଓ ସୁନ୍ଦରଗଡ ମଧ୍ୟରେ ହୋଇଥିଲା। କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସୁନ୍ଦରଗଡ କୋରାପୁଟକୁ ୩- ୨ ଗୋଲରେ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ବୁଧବାର ପ୍ରଥମ ସେମି ଫାଇନାଲ ମ୍ୟାଚ ସୁନ୍ଦରଗଡ ଓ ବକ୍ସର (ବିହାର) କାମାକ୍ଷା ଫୁଟବଲ କ୍ଲବ ମଧ୍ୟରେ ହେବ। ମ୍ୟାଚରେ ରେଫରି ଦିଲିପ କୁମାର ରାଉତ ଥିଲେ। ଲାଇନସ ମ୍ୟାନ ଦେବବ୍ରତ ବେହେରା, ସୁଜିତ୍ ରାଜହଂସ, ମ୍ୟାଚ କମିଶନର ପି. ଆନନ୍ଦ ରାଓ ଓ ପି. ରମେଶ ଥିଲେ।

**e-Procurement Notice for Road and Building Works**

No.O-1495 **Identification No. 08 SERW BLS 2025-26**

1. Name of the Work :- Roads and Buildings.
2. Total No. of Works :- 4 Nos.
3. Estimated Cost :- Estimated Cost Rs.10.068 to Rs.62.834 lakh.
4. Class of Contractor :- 'D', 'C' & 'B' Class.
5. Time of Completion: :- 3 Month (Three Calendar Month).
6. Other Details :-

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 08 SERW BLS 2025-26 | 24.11.2025 at 11.00 A.M. | 03.12.2025 up to 5.00 P.M. | 03.12.2025 up to 1.00 P.M. | 04.12.2025 at 11.00 A.M. |

Further details can be seen from the website: www.tendersodisha.gov.in
OIPR- Sd./- Superintending Engineer, R.W. Division, Balasore

GOVERNMENT OF ODISHA No.O-1512:
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK**
e-mail : serw_ctc@yahoo.com
No.Tender Online RWC-26/2025 4268 Letter No.17.11.2025
**e-Procurement Notice**

1. Name of the work : Construction of **Road & Bridge** Works
2. Class of Contractor :
 c) Estimated Cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
 d) Estimated Cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
 c) Estimated Cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. Time for Completion : As specified in the **Column-7 of the Annexure**.
4. Detail Projects : **As per Annexure attached**
5. Other Details

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC-26/25 | 24.11.2025 at 11.30 AM | 08.12.2025 upto 05.00 PM | 08.12.2025 upto 02.00 P.M. | 09.12.2025 at 11.30 AM | Will be intimated later |

Further details can be seen from the website **www.tendersodisha.gov.in.**
OIPR- Sd./- Chief Construction Engineer, Rural Works Circle, Cuttack

GOVERNMENT OF ODISHA No.A-947
**DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER,**
**MAHANADI BASIN, AT-BURLA, DISTRICT-SAMBALPUR, PIN-768017**
E-mail Id - cebmumbburla@gmail.com
'e' Procurement Notice No-CE & BM-MB-32/2025-2026 (Online)
BID IDENTIFICATION NO-CE & BM-MB-32/2025-2026 (Online)

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project (Attabira Canal Section,Burla Irrigation Division, Burla) |
| 2 | No of works | : | One (01) number |
| 3 | Class of contractor | : | "Special" and "Super Class" |
| 4 | Bid Identification No | : | CE&BM-MB-32/2025-2026 (Online) |
| 5 | Estimated cost | : | Rs.28.16 Crores |
| 6 | Period of completion | : | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | : | Dated - 26.11.2025 at 11.30 A.M. to Dated - 17.12.2025 up to 5.00 P.M. |
| 8 | Last date/time for receipt of Bids in the portal | : | Dated - 17.12.2025 up to 5.00 P.M. |
| 9 | Date of opening of Technical Bid (Cover-I) | : | Dated - 18.12.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email Id : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

Sd./- Chief Engineer & Basin Manager, Mahanadi Basin, Burla
OIPR-

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
(A Govt. of Odisha Undertaking)
**OFFICE OF THE SUB-DIVISIONAL OFFICER (ELECTRICAL)**
**EHT (O&M) SUB-DIVISION, SAMUKA**
At-Girala, Po: Goruala, Dist: Puri-752002
Mob:9438907946, E-mail: grid.ss.smuka@optcl.co.in

Letter No.208 Dated:17.11.2025
To
The EE (Elect.) TPCODL, PED, Puri
Sub: Regarding Rescheduling of Annual Maintenance of 132/33KV Grid S/S, Shamuka on 25th November -25.
Ref- Office Letter No.TB-SO-MISC-02/2014(Vol-I)/58, dtd.04.09.25 of CGM (O&M) OPTCL, BBSR
Sir,
With reference to the above cited subject & reference, it is to intimate that Annual Maintenance of 132/33 KV Grid Sub-Station, Shamuka will be taken up as per the schedule furnished below. So you are requested to intimate the same to all domestic, industrial, Govt. Office and public institute consumers well in advance with proper advertisement.

| Sl. No. | Description of shutdown | Date | Duration | Remarks |
|---|---|---|---|---|
| 1 | 132/33KV Switch yard of Grid Sub-Station, Shamuka | 25.11.25 | 08.00 hrs to 17.00 hrs | There will be "NO POWER SUPPLY" (33KV Alarnath, Charinala, Samanga & Baliapanda-I outgoing feeders of TPCODL from Shamuka grid S/S |

This is for favor of your kind information & necessary action.
Yours faithfully
Sd./- Sub-Divisional Officer (Elect)
132/33KV. Grid. S/S, Shamuka

**NOTICE INVITING BID**
**Odisha State Medical Corporation Limited (OSMCL)**
In front of Ram Mandir, Convent Square, Unit – III, Bhubaneswar -751 001
Tel. : (0674) 2380950, Website : www.osmcl.nic.in , Email : drugs-osmcl@od.gov.in
**Bid Ref. No.: OSMCL/2025-26/Factor/08 Date: 24/11/2025**
**No. CAD-2425:- Online Bids** through **e-Tender portal** (https://tendersodisha.gov.in) are invited from eligible bidders for **supply of inj. Factor VIII (EHL & VWF) for the year 2025-26 as per the particulars mentioned below.**

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 24.11.2025, 3 PM | |
| 2. | Date & time for submission of queries by E-Mail id- drugs-osmcl@od.gov.in | 25.11.2025, up to 5.00 PM | |
| 3. | Date & time of Online bid submission | Start Date & Time | End Date & Time |
| | | 26.11.2025, 3 PM | 05.12.2025, 6.00 PM |
| 4. | Date & time for submission of Tender Documents, Tender Document Fee and EMD amount as per Section-IV of tender document | Start Date & Time | End Date & Time |
| | | 06.12.2025, 10 AM | 12.12.2025, 11.00 AM |
| 5. | Date and time of online Technical bid opening | 12.12.2025, 11.30 AM | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the website: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof. All notice will be published in the OSMCL website www.osmcl.nic.in. Hence the bidders are requested to visit OSMCL website www.osmcl.nic.in time to time for any published notice against the tender.
OIPR- Sd./- Managing Director, OSMC Ltd., Odisha

# ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱର ପ୍ରତିଶ୍ରୁତି




## ଆଜି ସମ୍ବିଧାନ ଦିବସ

**ଆ**ମ ଦେଶରେ ସମ୍ବିଧାନ ଗ୍ରହଣ ସ୍ମୃତିରେ ପ୍ରତିବର୍ଷ ନଭେମ୍ବର ୨୬ରେ ପାଳନ ହୋଇଆସୁଛି ସମ୍ବିଧାନ ଦିବସ। ଏହା ମଧ୍ୟ ଜାତୀୟ ଆଇନ ଦିବସ ଭାବରେ ଜଣାଶୁଣା। ସୂଚନାଯୋଗ୍ୟ, ସମ୍ବିଧାନ ସଭା ବହୁ ବିଚାରବିମର୍ଶ ପରେ ୧୯୪୯ ମସିହା ନଭେମ୍ବର ୨୬ରେ ଭାରତର ସମ୍ବିଧାନ ଗ୍ରହଣ କରିଥିଲା। ଭାରତୀୟ ସମ୍ବିଧାନ ଗ୍ରହଣକୁ ସମ୍ମାନ ଜଣାଇବା ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ୨୦୧୫ ମସିହାରେ ଏହି ଦିନଟିକୁ ସମ୍ବିଧାନ ଦିବସ ରୂପେ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ଏହି ଦିବସ ଭାରତୀୟ ସମ୍ବିଧାନର ଗୁରୁତ୍ୱ ବିଷୟରେ ପ୍ରସାର, ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହନ ଏବଂ ଡକ୍ଟର ବି. ଆର. ଆମ୍ବେଡକର ଓ ଅନ୍ୟାନ୍ୟ ପ୍ରଣେତାଙ୍କ ଅବଦାନକୁ ସ୍ୱୀକୃତି ଦେବା ପାଇଁ ଉଦ୍ଦିଷ୍ଟ। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱର ପ୍ରତିଶ୍ରୁତି'। ଏହା ସମସାମୟିକ ଗଣତାନ୍ତ୍ରିକ ମୂଲ୍ୟବୋଧ, ଅଧିକାର ଏବଂ ଦାୟିତ୍ୱ ଉପରେ ଧ୍ୟାନ ଦିଏ। ବିଗତ ବର୍ଷଗୁଡ଼ିକରେ ବିଷୟବସ୍ତୁଗୁଡ଼ିକ ନ୍ୟାୟ, ଅନ୍ତର୍ଭୁକ୍ତୀକରଣ ଏବଂ ନାଗରିକ କର୍ତ୍ତବ୍ୟ ଉପରେ ଆଲୋକପାତ କରିଛି। ତେବେ ଏହି ଦିନରେ ସ୍କୁଲ, କଲେଜ, କୋର୍ଟ, ସରକାରୀ ବିଭାଗ ଏବଂ ନାଗରିକ ସଂଗଠନ ସମେତ ଦେଶବ୍ୟାପୀ ଅନୁଷ୍ଠାନଗୁଡ଼ିକ ପ୍ରସ୍ତାବନା ପାଠ, ବିତର୍କ, ସେମିନାର, ପ୍ରତିଜ୍ଞା ଗ୍ରହଣ ସମାରୋହ, ସଚେତନତା ଅଭିଯାନ ଏବଂ ଆଇନଗତ ସାକ୍ଷରତା ଭଳି କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି।




# ସେଲିନା ଜେଟ୍‌ଲୀଙ୍କ ବୈବାହିକ ଜୀବନରେ ଝଡ଼

ମୁମ୍ବାଇ

ବଲିଉଡ୍‌ର ପୂର୍ବତନ ଅଭିନେତ୍ରୀ ତଥା ମିସ୍ ଇଣ୍ଡିଆ ସେଲିନା ଜେଟ୍‌ଲୀ ତାଙ୍କ ସ୍ୱାମୀ ପିଟର ହାଗ୍‌ଙ୍କ ବିରୋଧରେ ଘରୋଇ ହିଂସା ନେଇ ମାମଲା ରୁଜୁ କରିଛନ୍ତି। ଏହି ଖବର ଏବେ ବଲିଉଡ୍ ଜଗତରେ ଚର୍ଚ୍ଚାର ବିଷୟ ପାଲଟିଛି।


୪୭ ବର୍ଷୀୟା ସେଲିନା ତିନୋଟି ସନ୍ତାନର ଜନନୀ। ପିଟର ତାଙ୍କୁ ଶାରୀରିକ, ମାନସିକ, ଯୌନ ଏବଂ ଆର୍ଥିକ ନିର୍ଯାତନା ଦେଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏପରିକି ସେ ୫୦ କୋଟି ଟଙ୍କା କ୍ଷତିପୂରଣ ସହ ମାସକୁ ୧୦ ଲକ୍ଷ ଟଙ୍କା ଭରଣପୋଷଣ ଦାବି କରିଛନ୍ତି। ଅଭିନେତ୍ରୀ ଅନ୍ଧେରୀ କୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ ଆଗାମୀ ଦିନରେ ଶୁଣାଣି ହେବ। ୨୦୧୦ ସେପ୍ଟେମ୍ବର ୧୮ରେ ସେଲିନା ପିଟର୍‌ଙ୍କୁ ବିବାହ କରିଥିଲେ। ଏହାପରେ ପିଟର୍ ତାଙ୍କୁ ଧୀରେ ଧୀରେ କାର୍ଯ୍ୟକ୍ଷେତ୍ରରୁ ଦୂରେଇ ଦେଇଥିଲେ।
















































# ସିରିଜ୍ ସୁଇପ୍ ପଥରେ ଦକ୍ଷିଣ ଆଫ୍ରିକା

**ଗୁଆହାଟୀ,୨୫।୧୧**

ଏଠାରେ ଚାଲିଥିବା ଭାରତ ବିପକ୍ଷ ଦ୍ୱିତୀୟ କ୍ରିକେଟ୍ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ବିଜୟ ପଥରେ ଅଗ୍ରସର ହୋଇଛି। ପ୍ରଥମ ଇନିଂସରେ ୨୮୮ ରନର ଅଗ୍ରଣୀ ହାସଲ କରିଥିବା ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସ ୨୬୦/୫ ସ୍କୋରରେ ପାଳି ସମାପ୍ତି ଘୋଷଣା କରିଥିଲା। ଫଳରେ ଭାରତ ଆଗରେ ୫୪୯ ରନର ବିଶାଳ ଟାର୍ଗେଟ ଧାର୍ଯ୍ୟ ହୋଇଛି। ଜବାବରେ ଭାରତୀୟ ଦଳ ଚତୁର୍ଥ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ଦ୍ୱିତୀୟ ଇନିଂସରେ ୨୭ ରନ ମଧ୍ୟରେ ୨ଟି ଉଇକେଟ ହରାଇ ବିପଦରେ ପଡ଼ିଛି। ଫଳରେ ଦକ୍ଷିଣ ଆଫ୍ରିକାକୁ ସିରିଜ୍ ସୁଇପ୍ କରିବାକୁ ୮ ଉଇକେଟ ଦରକାର ଥିବା ବେଳେ ଭାରତକୁ ଆହୁରି ୫୨୨ ରନର ଆବଶ୍ୟକତା ରହିଛି। ବୁଧବାର ମ୍ୟାଚ୍‌ର ଅନ୍ତିମ ଦିନ ଥିବାବେଳେ ଏତେ ବଡ଼ ଟାର୍ଗେଟର ପିଛା କରି ବିଜୟ ହାସଲ କରିବା ଅସମ୍ଭବ ମନେ ହେଉଥିବାରୁ ଭାରତ ମ୍ୟାଚ୍ ଡ୍ର' କରିବାକୁ ଚେଷ୍ଟା କରିପାରେ।

ମଙ୍ଗଳବାର ଦକ୍ଷିଣ ଆଫ୍ରିକା ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୬/୦ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ରିୟାନ ରିକଲଟନ ଓ ଏଡେନ ମାରକ୍ରାମ ପ୍ରଥମ ଉଇକେଟରେ ୫୯ ରନ ଯୋଡ଼ିଥିଲେ। ଉଭୟ ଓପନର ରିକଲଟନ ୩୫ ଓ ମାରକ୍ରାମ ୨୯ ରନ କରି ରବୀନ୍ଦ୍ର ଜାଡେଜାଙ୍କ ବଲରେ ଆଉଟ୍ ହୋଇଥିଲେ। ଅଧିନାୟକ ଟେମ୍ବା ବଭୁମା (୩) ବିଫଳ ହୋଇଥିଲେ। ଟ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ଟୋନୀ ଡି ଜର୍ଜି ମିଶି ଚତୁର୍ଥ ଉଇକେଟରେ ୧୦୧ ରନ କରିଥିଲେ। ଅର୍ଦ୍ଧଶତକ ଦ୍ୱାରରେ ଥିବା ଜର୍ଜି (୪୯)ଙ୍କୁ ଜାଡେଜା ଏଲ୍‌ବିଡବ୍ଲ୍ୟୁ କରାଇଥିଲେ। ଏହିଠାରୁ ଷ୍ଟବ୍ସ ଓ ୱିଆନ ମୁଲ୍ଡର ଦଳୀୟ ସ୍କୋରରେ ପଞ୍ଚମ ଉଇକେଟରେ ୮୨ ରନ ଯୋଡ଼ି ଦଳୀୟ ସ୍କୋରକୁ ୨୬୦ ରନରେ ପହଞ୍ଚାଇଥିଲେ। ଶତକ ଆଡ଼କୁ ଅଗ୍ରସର ହେଉଥିବା ଷ୍ଟବ୍ସ(୯୪ ରନ, ୯ ଚୌକା ଓ ୧ ଛକା)ଙ୍କୁ ଜାଡେଜା କ୍ଲିନବୋଲ୍ଡ କରିବା ପରେ ବଭୁମା ୨୬୦/୫ ସ୍କୋରରେ ପାଳି ଘୋଷଣା କରିଥିଲେ। ଭାରତ ପାଇଁ ଜାଡେଜା ୪ ଓ ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ନେଇଥିଲେ। ଏହାପରେ ୫୪୯ ରନର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଭାରତ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭରୁ ଦୁଇ ଓପନରଙ୍କୁ ହରାଇଥିଲା। ଯଶସ୍ୱୀ ଜୟସ୍ୱାଲ ୧୩ ଓ ଲୋକେଶ ରାହୁଲ ୬ ରନ୍ କରି ଯଥାକ୍ରମେ ମାର୍କୋ ଜାନସେନ ଓ ସାଇମନ ହାର୍ମରଙ୍କ ବଲରେ ଆଉଟ୍ ହୋଇଥିଲେ। ଏହିଠାରୁ ସାଇ ସୁଦର୍ଶନ ଓ ନାଇଟ୍ ୱାଚମ୍ୟାନ କୁଲଦୀପ ଯାଦବ ଡିଫେନ୍ସିଭ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକୀୟ ବୋଲରଙ୍କୁ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଫଳରେ ଭାରତ ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୨୭ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ସୁଦର୍ଶନ ୨ ଓ କୁଲଦୀପ ଯାଦବ ୪ ରନରେ ଅପରାଜିତ ଅଛନ୍ତି।



ଉଇକେଟ ନେବା ପରେ ମାର୍କୋ ଜାନସେନଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୪୮୯/ଅଲଆଉଟ୍। ଭାରତ ପ୍ରଥମ ଇନିଂସ: ୨୦୧/ଅଲଆଉଟ୍। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୬୦/୫ (ଘୋଷଣା) (ଟ୍ରିଷ୍ଟାନ ଷ୍ଟବ୍ସ–୯୪, ଟୋନି ଡି ଜର୍ଜି–୪୯, ରିୟାନ ରିକଲଟନ–୩୫, ରବୀନ୍ଦ୍ର ଜାଡେଜା–୪/୬୨, ୱାଶିଂଟନ ସୁନ୍ଦର–୧/୬୭)। ଭାରତ ଦ୍ୱିତୀୟ ଇନିଂସ: ୨୭/୨।

**ଆଜଲାନ ଶାହା କପ୍ ହକି**

## ବେଲଜିୟମଠାରୁ ୩–୨ ଗୋଲରେ ଭାରତ ହାରିଲା

**ଇପୋ (ମାଲେସିଆ), ୨୫।୧୧ (ପି.ଟି.):** ଭାରତୀୟ ଦଳ କଡ଼ା ଟକ୍କର ଦେବା ସତ୍ତ୍ୱେ ମଙ୍ଗଳବାର ଏକ ବର୍ଷା ପ୍ରଭାବିତ ସୁଲତାନ ଆଜଲାନ ଶାହା କପ୍ ହକି ମ୍ୟାଚ୍‌ରେ ବେଲଜିୟମଠାରୁ ୨–୩ ଗୋଲରେ ପରାଜିତ ହୋଇଛି। ଭାରତ ପାଇଁ ଅଭିଷେକ (୩୩ତମ ମିନିଟ୍) ଓ ଓଡ଼ିଶାର ଶିଳାନନ୍ଦ ଲାକ୍ରା (୫୭ତମ) ଗୋଲ କରିଥିବା ବେଳେ ବେଲଜିୟମ ପକ୍ଷରୁ ରୋମାନ ଡୁଭେକଟ (୧୭ ଓ ୪୭ତମ) ଦୁଇଟି ଓ ନିକୋଲାସ ଡି କର୍ପେଲ (୪୫ତମ) ଗୋଟିଏ ଗୋଲ ସ୍କୋର କରିଥିଲେ।

ପ୍ରଥମ ମ୍ୟାଚ୍‌ରେ ୩ ଥରର ଚାମ୍ପିୟନ ଦକ୍ଷିଣ କୋରିଆକୁ ୦–୧ ଗୋଲରେ ହରାଇଥିବା ଭାରତୀୟ ଦଳ ପାଇଁ ଆରମ୍ଭରୁ ଗୋଲକିପର ପଓ୍ୱନ ଓ ଡିଫେନ୍ସ ବିଭାଗ ଖୁବ ଭଲ ପ୍ରଦର୍ଶନ କରିଥିଲେ। ମ୍ୟାଚ୍‌ର ଦଶମ ମିନିଟ୍‌ରେ ବେଲଜିୟମକୁ ଲଗାତର ଦୁଇଟି ପେନାଲ୍ଟି କର୍ନର ମିଳିଥିଲା। ହେଲେ ଭାରତୀୟ ଡିଫେନ୍ସ ବିଭାଗ ଉଭୟ ଉଦ୍ୟମକୁ ପ୍ରତିହିତ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ୧୭ତମ ମିନିଟ୍‌ରେ ରୋମାନଙ୍କ ଜରିଆରେ ବେଲଜିୟମ ଖାତା ଖୋଲିଥିଲା। ଏହାର ଜବାବ ଦ୍ୱିତୀୟାର୍ଦ୍ଧରେ ଦେଇଥିଲା ଭାରତୀୟ ଦଳ। ୩୩ ମିନିଟ୍‌ରେ ଅଭିଷେକଙ୍କ ଗୋଲ ବଳରେ ଭାରତ ମ୍ୟାଚ୍‌କୁ ୧–୧ ସ୍ତରକୁ ଆଣିଥିଲା। ୪୫ତମ ମିନିଟ୍‌ରେ ବେଲଜିୟମକୁ ମିଳିଥିବା ପେନାଲ୍ଟି କର୍ନରକୁ ନିକୋଲାସ ଡି କର୍ପେଲ ଗୋଲରେ କନଭର୍ଟ କରିଥିଲେ। ଚତୁର୍ଥ କ୍ୱାର୍ଟରରେ ରୋମାନ ଡୁଭେକଟ (୪୭ତମ) ବେଲଜିୟମ ପାଇଁ ତୃତୀୟ ଗୋଲ କରିଥିଲେ। ଭାରତ ପକ୍ଷରୁ ୫୭ତମ ମିନିଟରେ ଶିଳାନନ୍ଦ ଲାକ୍ରା ଦ୍ୱିତୀୟ ଗୋଲ୍ ପରିଶୋଧ କରିଥିଲେ।

# ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ: ଓଡ଼ିଶାକୁ ୫ ପଦକ





ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପଦକ ବିଜୟୀ ଓଡ଼ିଶା କ୍ରୀଡ଼ାବିତ୍।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

**ଭୁବନେଶ୍ୱର, ୨୫।୧୧ (ତପନ ସ୍ୱାଇଁ)**

ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଦ୍ୱିତୀୟ ଦିବସରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଦଳଗୁଡ଼ିକ ମୋଟ ୫ଟି ପଦକ ହାସଲ କରିଛନ୍ତି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀଙ୍କ ୩ ପଦକ ସାମିଲ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ରାୟ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଓ ୪୦୦ ମିଟର ଫ୍ରିଷ୍ଟାଇଲରେ ବ୍ରୋଞ୍ଜ ପଦକ ଜିତିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ନୀଳାବ୍ଜା ଘୋଷ ୫୦ ମିଟର ଫ୍ରିଷ୍ଟାଇଲରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି କିଟ୍ ୪x୨୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣ ରିଲେ ଦଳ ମଧ୍ୟ ବ୍ରୋଞ୍ଜ ପଦକ ଜିତିଛି। ଏହା ବ୍ୟତୀତ କିଟ୍ ମହିଳା ହକି ଦଳ ୬–୦ ଗୋଲରେ ମହୀଶୂରକୁ ହରାଇ ଅଭିଯାନ ଆରମ୍ଭ କରିଛି। ସମସ୍ତ ପଦକ ବିଜେତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# କିଟ୍ ୩–୧ ଗୋଲରେ ବିଜୟୀ

**ଭୁବନେଶ୍ୱର, ୨୫।୧୧ (ତପନ ସ୍ୱାଇଁ)**

**ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍**

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ–୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ କିଟ୍ ୩–୧ ଗୋଲରେ ଶିବ ଶକ୍ତି ଏଫ୍‌ସିକୁ ପରାସ୍ତ କରିଛି। କିଟ୍ ପକ୍ଷରୁ ଅଙ୍କିତ ୨ଟି ଏବଂ ପ୍ରିୟାଂଶୁ ଗୋଟିଏ ଗୋଲ ଦେଇଥିଲେ। ଶିବ ଶକ୍ତି ପକ୍ଷରୁ ଉଦୟ ମୁର୍ମୁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଆୟୋଜକ ଆସୋସିଏଶନ କୋଷାଧ୍ୟକ୍ଷ ରଘୁ ପଣ୍ଡା ଅତିଥିଭାବେ ଯୋଗଦେଇ ଅଙ୍କିତଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



ଅଙ୍କିତଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଉତ୍ତରପୂର୍ବ ଭାରୋତ୍ତୋଳନରେ ଭାଗନେବ ଓଡ଼ିଶା


ଉତ୍ତରପୂର୍ବ ଅସ୍ମିତା ଭାରୋତ୍ତୋଳନ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୫।୧୧ (ତପନ ସ୍ୱାଇଁ)**

କୋଲକାତାଠାରେ ଉତ୍ତରପୂର୍ବ ଅସ୍ମିତା (ଜୋନାଲ) ଭାରୋତ୍ତୋଳନ ପ୍ରତିଯୋଗିତା ବୁଧବାର ଆରମ୍ଭ ହେବ। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଓଡ଼ିଶାର ୧୫ ଭାରୋତ୍ତୋଳକ ଏବଂ ୫ କୋଚ୍/ମ୍ୟାନେଜର ମଙ୍ଗଳବାର କୋଲକାତା ଯାତ୍ରା କରିଛନ୍ତି। ମହିଳା ବିଭାଗର ଯୁବ, ଜୁନିୟର ଏବଂ ସିନିୟର ଆଦି ୮ଟି ଓଜନ ବର୍ଗରେ ଓଡ଼ିଶା ଅଂଶ ଗ୍ରହଣ କରିବ। ଓଡ଼ିଶା ପ୍ରତିଯୋଗୀମାନେ ହେଲେ ଅଭୀପ୍ସା ଆଚାର୍ଯ୍ୟ, ବନିତା ନାଏକ, ମୀନା ସିଂ, ଅଙ୍କିତା ପ୍ରଧାନ, ମୀନା ସାନ୍ତା (ବି), ଶ୍ୱେତଲିନା ମହାନ୍ତି, ଆଲିଶା ବେହେରା, ରୋମାଲି ପ୍ରଧାନ, ପ୍ରୀତିମୟୀ ମହାନ୍ତି, ରିମ୍‌ଝିମ୍ ନାଏକ, ଟିନା ରାଉତ, ପ୍ରତିଭାରାଣୀ ପାତ୍ର, ଆଦ୍ୟାଶା ମହାପାତ୍ର, ମୌସୁମୀ ଦାସ ଓ ତନିଶା ତମନ୍ନା ସ୍ୱାଇଁ। ଯଜ୍ଞ ନାରାୟଣ ନନ୍ଦ, ପଦ୍ମିନୀ ମହାନ୍ତି, ବୁଲୁ ସୁବୁଦ୍ଧି, ଲିଟିଲି ସାହୁ ଏବଂ ରାଜ୍ୟ ସଂଘର ଅନ୍ତରୀଣ ସମ୍ପାଦକ ଗୋପାଳ କୃଷ୍ଣ ଦାସ କୋଚ୍ ଏବଂ ମ୍ୟାନେଜରଭାବେ ଦଳ ସହ ଯାତ୍ରା କରିଛନ୍ତି। ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରତିଯୋଗିତାର ସୁପରିଚାଳନା ଲାଗି ଓଡ଼ିଶାର କେ. ରବିକୁମାର, ସୁଧୀର କୁମାର ପାତ୍ର, ଜୀତେନ୍ଦ୍ର ସାହୁ, ଦାମିନୀ କୁମାରୀ ସାହୁ, ବନିତା ଘଡ଼େଇ ଓ ପିଙ୍କି ପାଣିଗ୍ରାହୀ ଟେକ୍ନିକାଲ ଅଫିସିଆଲ ମନୋନୀତ ହୋଇଛନ୍ତି।

## ଭାରତରେ ପହଞ୍ଚିଲେ କୋହଲି

**ନୂଆଦିଲ୍ଲୀ,୨୫।୧୧:** ୩୦ ତାରିଖରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ୍‌ରେ ଖେଳିବା ପାଇଁ ବିଦେଶରେ ରହୁଥିବା ପୂର୍ବତନ ଅଧିନାୟକ ବିରାଟ କୋହଲି ମଙ୍ଗଳବାର ଭାରତକୁ ଫେରିଛନ୍ତି। କିଛି ସମୟ ହେଲା ଲଣ୍ଡନରେ ସେଟେଲ ହୋଇଥିବା କୋହଲି ସାଧାରଣତଃ ଭାରତୀୟ ଦଳର ହୋମ ଆଣ୍ଡ ଆୱେ ଟୁର ଲାଗି ଇଂଲଣ୍ଡରେ ପ୍ରସ୍ତୁତି କରନ୍ତି ଏବଂ ସିରିଜ୍ ଆରମ୍ଭ ହେବାର କିଛିଦିନ ପୂର୍ବରୁ ଟିମ ଇଣ୍ଡିଆରେ ଯୋଗ ଦିଅନ୍ତି।

## କ୍ୱାର୍ଟରରେ ନାଗଲ

**ଚେଙ୍ଗଡୁ,୨୫।୧୧(ପି.ଟି.):** ଭାରତର ଟପ୍ ସିଙ୍ଗଲ୍ସ ଖେଳାଳି ସୁମିତ ନାଗଲ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ୍ ଓପନ ଏସିଆ–ପାସିଫିକ୍ ୱାଇଲ୍ଡକାର୍ଡ ପ୍ଲେ–ଅଫ୍ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

# କଳିକେଶ ଜାତୀୟ ରାଇଫଲ ସଂଘ ସଭାପତି ନିର୍ବାଚିତ

**ବଲାଙ୍ଗୀର, ୨୫।୧୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଭାରତୀୟ ଜାତୀୟ ରାଇଫଲ ସଂଘ (ଏନ୍‌ଆରଏଆଇ) ସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି। ଅତୀତରେ ସେ ଆନ୍ତରିଣ ସଭାପତି ଥିବାବେଳେ ଅଲିମ୍ପିକ୍ସରେ ଭାରତ କୃତିତ୍ୱ ଅର୍ଜନ କରିଥିଲା। ତାଙ୍କ କ୍ରୀଡା ସଙ୍ଗଠନ ଏବଂ ନେତୃତ୍ୱକୁ ପ୍ରଶଂସା କରାଯାଇଛି। କଳିକେଶ ସଭାପତି ଭାବେ ନିର୍ବାଚିତ ହେବା ପରେ ବଲାଙ୍ଗୀରରେ ମଧ୍ୟ ଉତ୍ସାହର ମାହୋଲ ଦେଖାଦେଇଛି। ତାଙ୍କୁ ବିଭିନ୍ନ କ୍ରୀଡା ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ଅଭିନନ୍ଦନ ଜଣାଇଛନ୍ତି। ଏଥିପାଇଁ ଓଡିଶା ରାଇଫଲ ସଂଘ ତରଫରୁ କଳିକେଶଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହା ଓଡିଶା ପାଇଁ ଗର୍ବ ଓ ଗୌରବର ମୁହୂର୍ତ୍ତ ବୋଲି ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସେ ସଭାପତି ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବାରୁ ଭାରତୀୟ ଶୁଟିଂ ଜଗତ ଆହୁରି ସୁଦୃଢ଼ ହେବ। ଶୁଟରମାନଙ୍କ ପାଇଁ ଉନ୍ନତ ସୁବିଧା ଏବଂ ପ୍ରଶିକ୍ଷଣ ବୃଦ୍ଧି ପାଇଁ ତାଙ୍କ ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ରାଜ୍ୟ ସଂଘ ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି।


କଳିକେଶ ନାରାୟଣ ସିଂଦେଓ

# ଆସାମ ରାଇଫଲ ସିଲଙ୍ଗ୍ ସେମିରେ


ଆସାମ ରାଇଫଲ ସିଲଙ୍ଗ ଓ କେରଳ ପୋଲିସ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ।

**ଢେଙ୍କାନାଳ,୨୫।୧୧(ରତନ ନାୟାର)**

ଢେଙ୍କାନାଳ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ସ୍ଥାନୀୟ ଷ୍ଟାଡିୟମଠାରେ ଆୟୋଜିତ ହେଉଥିବା ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ଆସାମ ରାଇଫଲ ସିଲଙ୍ଗ୍, କେରଳ ପୋଲିସକୁ ଟାଇବ୍ରେକର ମାଧ୍ୟମରେ ୪–୩ ଗୋଲରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲ ମ୍ୟାଚରେ ପ୍ରଥମାର୍ଦ୍ଧରେ ଆସାମ ରାଇଫଲ ସିଲଙ୍ଗ୍ ୨ଟି ଗୋଲ ପ୍ରଦାନ କରିଥିବା ବେଳେ କେରଳ ପୋଲିସ ଗୋଟିଏ ଗୋଲ ପ୍ରଦାନ କରିଥିଲା । ଆସାମ ରାଇଫଲ ପକ୍ଷରୁ ୧୮ନଂ ଖେଳାଳି କରଣ କ୍ଷେତ୍ରୀ ଓ ୧୦ନଂ ଖେଳାଳି ହଉକିପ୍ ଗୋଟିଏ ଲେଖାଏ ଗୋଲ ପ୍ରଦାନ କରିଥିଲେ। ସେହିପରି କେରଳ ପୋଲିସ ପକ୍ଷରୁ ୮ନଂ ଖେଳାଳି ସୁଜିଲ ଗୋଟିଏ ଗୋଲ ପ୍ରଦାନ କରିଥିଲେ । ଦ୍ୱିତୀୟାର୍ଦ୍ଧରେ କେରଳ ପୋଲିସର ୧୭ନଂ ଖେଳାଳି ବାବଲ ଗୋଟିଏ ଗୋଲ ପ୍ରଦାନ କରିବାରୁ ମ୍ୟାଚ ନିର୍ଦ୍ଧାରିତ ସମୟରେ ୨–୨ ଗୋଲରେ ଅମୀମାଂସିତ ରହିଥିଲା । ଏହାପରେ ଟାଇବ୍ରେକର ତଥା ପେନାଲଟିକ୍ ସୁଟ୍ ଆଉଟରେ ଆସାମ ରାଇଫଲ ସିଲଙ୍ଗ ୪–୩ ଗୋଲରେ କେରଳ ପୋଲିସକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି । ଆସାମ ରାଇଫଲ ସିଲଙ୍ଗ୍‌ର ଗୋଲକିପର ଏସ୍ ଦେବ ବିଶ୍ୱାସ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ହୋଇ ପୁରସ୍କୃତ ହୋଇଥିଲେ । ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ କୋର୍ଟ ଏରିଆ ବ୍ରାଞ୍ଚର କ୍ୟାଶ୍ ଅଫିସର ଦେବୀ ପ୍ରସାଦ ମିଶ୍ର ତାଙ୍କୁ ପୁରସ୍କୃତ କରିଥିଲେ । ସେହିପରି କେରଳ ପୋଲିସର ଅଧିନାୟକ ସାଫ୍‌ଭାନଙ୍କୁ ସମାଜସେବୀ ସତ୍ୟରଞ୍ଜନ ଭୂୟାଁ ପୁରସ୍କୃତ କରିଥିଲେ। ଏହି ମ୍ୟାଚକୁ ରେଫରି ପ୍ରଦୀପ୍ତ ନାୟକ, ଦେବରାଜ ସ୍ୱାଇଁ, ଶଶିକାନ୍ତ ଦାସିଆ, ଅନିଲ କୁମାର ନନ୍ଦ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇଥିଲେ । ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର ଓ ଗୌରାଙ୍ଗ ସେଠୀ, ମନୋଜ କୁମାର ପଟ୍ଟନାୟକ, ପ୍ରତାପ ମହାନ୍ତି, ମନୋଜ ଦାସ, ବାବୁ ପାଢ଼ୀ, ପ୍ରତୀକ ଭଞ୍ଜ, ରାଜେନ୍ଦ୍ର ପାଣି, ଅମୀୟ ଭୂଷଣ ସାହୁ, ବିଭୂତି ଭୂଷଣ ପଟ୍ଟନାୟକ, ସରୋଜ କୁମାର ପାଢୀ, ପ୍ରେମାନନ୍ଦ ମହନ୍ତ ଓ ପର୍ଶୁରାମ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୫।୧୧ (ତପନ ସ୍ୱାଇଁ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାର ଏବଂ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଓ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ବିଭାଗର ଅତିରିକ୍ତ ଶାସନ ସଚିବ ଭାସ୍କର ରାଇତୋ, ଉପଶାସନ ସଚିବ ବସନ୍ତ ବେହେରା, ଉପ ଶାସନ ସଚିବ ସନ୍ନ୍ୟାସୀ କୁମାର ବେହେରା, ଶିଶୁ ଓ ମହିଳା ବିକାଶ ସମିତିର ଅଧ୍ୟକ୍ଷା ମେଜର କଳ୍ପନା ଦାସ, ସୋଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଅଧିକାରୀ ସୁନୀତା ବର୍ମା ଓ ପ୍ରମୋଦ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ୍ ସଂଘ ସଭାପତି ମହମ୍ମଦ ଜାଫର ଇକବାଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ମୋଟ ୮ଟି ଦଳ ସ୍କୁଲ ଫର୍ ଦି ବ୍ଲାଇଣ୍ଡ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଟିମ୍ ରାଣୀପାଟଣା ବାଲେଶ୍ୱର, ଲୁଇସ ବ୍ରେଲ ସ୍କୁଲ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଟିମ୍, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର, ଶୈଳବାଳା ଦୃଷ୍ଟିହୀନ ମହିଳା କ୍ରିକେଟ୍ ଟିମ୍, କଟକ, ରେଡକ୍ରସ ସ୍କୁଲ ଫର୍ ଦ ବ୍ଲାଇଣ୍ଡ, ଆମ୍ବପୁଆ, ଗଞ୍ଜାମ, ମୟୂରଭଞ୍ଜ ଦୃଷ୍ଟିହୀନ ମହିଳା ଦଳ, ଭୀମଭୋଇ ଦୃଷ୍ଟିହୀନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ବଲାଙ୍ଗୀର ମହିଳା ଦୃଷ୍ଟିହୀନ କ୍ରିକେଟ୍ ଦଳ ଆଦି ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ମୋଟ ୪ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ବାଲେଶ୍ୱର ସ୍କୁଲ ଫର୍ ଦ ବ୍ଲାଇଣ୍ଡ, ରମାଦେବୀ ବିଶ୍ୱବିଦ୍ୟାଳୟ, ଲୁଇସ୍ ବ୍ରେଲ ସ୍କୁଲ ଏବଂ ଶୈଳବାଳା କଲେଜ ଦଳ ବିଜୟଲାଭ କରିଥିଲା।

# ଓଡ଼ିଶା-କେରଳ ମ୍ୟାଚ୍ ଆଜି

**ଭୁବନେଶ୍ୱର, ୨୫।୧୧ (ତପନ ସ୍ୱାଇଁ)**

**ସୟଦ ମୁସ୍ତାକ ଅଲୀ ଟ୍ରଫି**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ବୁଧବାରଠାରୁ ଲକ୍ଷ୍ନୌରେ ଆରମ୍ଭ ହେବାକୁ ଯାଉଛି। ଏଲିଟ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାର ପ୍ରଥମ ମ୍ୟାଚ କେରଳ ବିପକ୍ଷରେ ଖେଳିବ। ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ବିଦର୍ଭ, ରେଲୱେ, ଆସାମ, ଆନ୍ଧ୍ର ପ୍ରଦେଶ, ମୁମ୍ବାଇ ଓ ଛତିଶଗଡ଼। ପ୍ରଥମ ମ୍ୟାଚର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ମଙ୍ଗଳବାର ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମରେ କଡ଼ା ଅଭ୍ୟାସ କରିଛି।

କେରଳ ବିପକ୍ଷରେ ଓଡ଼ିଶାର ରେକର୍ଡ ଭଲ ନାହିଁ। ଶେଷଥର ପାଇଁ ୨୦୨୩ ଅକ୍ଟୋବର ୨୫ରେ ମୁମ୍ବାଇର ଡି.ୱାଇ. ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୫୦ ରନରେ କେରଳ ନିକଟରୁ ହାରିଥିଲା। କେରଳ ୨୦ ଓଭରରେ ୪ ଉଇକେଟ ହରାଇ ୧୮୩ ରନ କରିଥିବାବେଳେ ଓଡ଼ିଶା ୧୮.୧ ଓଭରରେ ୧୩୩ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଶୁଭ୍ରାଂଶୁ ସେନାପତି ସର୍ବାଧିକ ୩୭ ରନ କରିଥିଲେ। ଜଲଜ ସକ୍ସେନା ୫ ଓ ଶ୍ରେୟାସ ଗୋପାଳ ୪ ଉଇକେଟ ନେଇ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସେହିପରି ୨୦୧୩ ମାର୍ଚ୍ଚ ୨୯ରେ ଇନ୍ଦୋରରେ ଅନୁଷ୍ଠିତ ମ୍ୟାଚରେ ମଧ୍ୟ କେରଳ ୬ ଉଇକେଟରେ ବିଜୟ ହାସଲ କରିଥିଲା। ଧୀମା ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୮ ଉଇକେଟ ହରାଇ ୧୨୫ ରନ କରିବାକୁ ସକ୍ଷମ ହୋଇଥିଲା। ୧୨୬ ରନର ବିଜୟ ଲକ୍ଷ୍ୟକୁ କେରଳ ୧୯.୨ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା।




ଲକ୍ଷ୍ନୌରେ ମଙ୍ଗଳବାର ଓଡ଼ିଶା କ୍ରିକେଟ ଦଳର ବ୍ୟାଟିଂ ଓ ବୋଲିଂ ଅଭ୍ୟାସ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ